

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ବୁଧବାର ୧୨ ମାର୍ଚ୍ଚ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 12 MARCH 2025

Vol.No. 36 ■ No.68 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ସଂଗ୍ରହ କରନ୍ତୁ
ନୂଆବର୍ଷ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


## ଅପ୍ରବାସ ଓ ବିଦେଶୀ ବିଷୟକ ବିଧେୟକ ଲୋକସଭାରେ ଆଗତ

ନୂଆଦିଲ୍ଲୀ, ୧୧/୩ (ନି.ପ୍ର): ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ମଙ୍ଗଳବାର ଦିନ ଅପ୍ରବାସ ଏବଂ ବିଦେଶୀ ବିଷୟକ ବିଧେୟକ-୨୦୨୫ ବିଚାର ପାଇଁ ଲୋକସଭାରେ ଆଗତ କରିଛନ୍ତି। ବିଧେୟକର ଉଦ୍ଦେଶ୍ୟ ଦେଶରେ ଆପ୍ରବାସନ ସହିତ ସମ୍ପର୍କିତ ଆଇନଗୁଡ଼ିକୁ ନୂତନ ଭାବରେ ପରିଭାଷିତ କରିବା। ବିଧେୟକ ଅଧିନିୟମ ହେଲେ, ବିଦେଶୀମାନେ ଏବଂ ଅପ୍ରବାସ ସହିତ ସମ୍ପର୍କିତ ମାମଲାରେ ବର୍ତ୍ତମାନର ଚାରିଟି ଅଧିନିୟମ- ବିଦେଶୀ ବିଷୟକ ଅଧିନିୟମ-୧୯୪୬ ଏବଂ ଆପ୍ରବାସ (ବାହକ ଦାୟିତ୍ୱ) ଅଧିନିୟମ-୨୦୦୦, ପାସପୋର୍ଟ (ଭାରତରେ ପ୍ରବେଶ) ଅଧିନିୟମ ୧୯୨୦, ବିଦେଶୀମାନେ ରେଜିଷ୍ଟ୍ରେସନ୍ ଅଧିନିୟମ-୧୯୩୯ ର ସ୍ଥାନ ନେବ।

# ଆତଙ୍କୀ ଦେଶରେ ବଡ ଆତଙ୍କ

## ଜାଫର ଏକ୍ସପ୍ରେସକୁ ହାଇଜାକ କଲା ବଲୁଚ ଲିବରେସନ ଆର୍ମି



ନୂଆଦିଲ୍ଲୀ, ୧୧/୩ : ଆପଣ ବସ୍, ବିମାନ ହାଇଜାକର ବିଷୟରେ ଶୁଣିଥିବେ, କିନ୍ତୁ ଟ୍ରେନ ହାଇଜ୍ୟାକର କଥା କେବେ ଶୁଣିଛନ୍ତି କି ? କିନ୍ତୁ ପାକିସ୍ତାନୀରେ ଆତଙ୍କୀ ମାନେ ଏହା କରିଦେଖାଇଛନ୍ତି । ପାକିସ୍ତାନରେ ଜାଫର ଏକ୍ସପ୍ରେସକୁ ଅପହରଣ କରି ନେଇଛନ୍ତି ବେଲୁଚିସ୍ତାନ ମୁକ୍ତି ବାହିନୀ ବା ବିଏଲଏ ର ସଶସ୍ତ୍ର ବିଦ୍ରୋହୀମାନେ । ସୂଚନା ଅନୁସାରେ ପାକିସ୍ତାନ ରେଳପଥ ଅନ୍ତର୍ଗତ ଜାଫର ଏକ୍ସପ୍ରେସକୁ ବିଏଲଏର ସଶସ୍ତ୍ର ବିଦ୍ରୋହୀମାନେ ବୋଲାନଠାରେ ଅପହରଣ କରିନେଇଥିବା ଦାବି କରିଛନ୍ତି । ଟ୍ରେନଟି କ୍ୱେଟାରୁ ପେଶାୱର ଯାଉଥିଲା ଓ ଏଥିରେ ପ୍ରାୟ ୪୦୦ ଯାତ୍ରୀ ଥିଲେ । ସେମାନଙ୍କ ମଧ୍ୟରେ ୧୦୦ରୁ ଅଧିକ ସେନା ଅଧିକାରୀ ଓ ଯବାନ ଥିବା କୁହାଯାଉଛି । ଟ୍ରେନକୁ ଅପହରଣ କରିନେବା ପରେ ଆତଙ୍କବାଦୀମାନେ ସେଥିରେ ଥିବା ୬ ସେନା ଅଧିକାରୀଙ୍କୁ ମାରିଦେଇଛନ୍ତି । ବିଏଲଏ ପକ୍ଷରୁ ଜାରି ଏକ ପ୍ରେସ ବିଜ୍ଞପ୍ତିରେ ଏହି ଅପହରଣ ପାଇଁ ନିଜକୁ ଦାବି କରାଯାଇଛି । ଟ୍ରେନକୁ ମୁକୁଳାଇବାକୁ ପାକିସ୍ତାନୀ ସେନାର ଏକ ଦଳକୁ ପଠାଇଛି । ତେବେ ଟ୍ରେନ ଉପରେ ଯଦି ପାକ୍ ସେନା ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରେ ତେବେ ସମଗ୍ର ଯାତ୍ରୀଙ୍କୁ ହତ୍ୟା କରାଯିବ ବୋଲି ବିଏଲଏ ଧମକ ଦେଇଛି । ଏହି ରକ୍ତପାତ ପାଇଁ ପାକ୍ ସେନା ଓ ସରକାର ଦାୟୀ ରହିବେ ବୋଲି ବିଏଲଏ କହିଛି । ଏବେ ପ୍ରଶ୍ନ ଉଠୁଛି ଯେ ଏହି ବଲୁଚ ଲୋକମାନେ କିଏ ଯେଉଁମାନେ ପାକିସ୍ତାନ ସରକାର ଏବଂ ଏହାର ସେନା ପାଇଁ ସମସ୍ୟା ପାଲଟିଛନ୍ତି। ବାଲୁଚ ଆତଙ୍କବାଦୀ ପାକିସ୍ତାନ, ଇରାନ ଏବଂ ଆଫଗାନିସ୍ତାନ ପର୍ଯ୍ୟନ୍ତ ବ୍ୟାପିଥିବା ବେଲୁଚିସ୍ତାନ ଅଞ୍ଚଳର ଏକ ଜାତିଗତ ଗୋଷ୍ଠୀ। ବେଲୁଚିସ୍ତାନ ପାକିସ୍ତାନର ସବୁଠାରୁ ବଡ଼ ପ୍ରଦେଶ, କିନ୍ତୁ ଏହା ଏହାର ସବୁଠାରୁ କମ ଜନସଂଖ୍ୟା ବିଶିଷ୍ଟ ଏବଂ ଗରିବ ପ୍ରଦେଶ ମଧ୍ୟରୁ ଗୋଟିଏ । ବିଏଲମ ଏବଂ ବିଏଲଫ ଗୋଷ୍ଠୀକୁ ପାକିସ୍ତାନ ଆତଙ୍କବାଦୀ ସଂଗଠନର ମାନ୍ୟତା ଦେଇଛି। କିନ୍ତୁ ଏହି ଗୋଷ୍ଠୀର ସଦସ୍ୟ ମାନେ ନିଜକୁ ସ୍ୱାଧୀନତା ସଂଗ୍ରାମୀ ବୋଲି ଭାବନ୍ତି।

## ଏଟିଏମରେ ଟଙ୍କା ନାହିଁ: ଗ୍ରାହକ ଦୌଡ଼ି ଦୌଡ଼ି ନୟାନ୍ତ



ଭୁବନେଶ୍ୱର, ୧୦/୩ (ନି.ପ୍ର): ଏଟିଏମ୍‌ରେ ଟଙ୍କା ନାହିଁ। ବ୍ୟସ୍ତ ବେଳରେ ଏଠୁ ସେଠିକି ଦୌଡୁଛନ୍ତି ଗ୍ରାହକ। ବେଶୀ ହଇରାଣ ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆର ଆକାଉଣ୍ଟଧାରୀ। ଭୁବନେଶ୍ୱରରୁ ବାଲେଶ୍ୱର- ରାଜ୍ୟର ସବୁ ଛୋଟ ବଡ଼ ସ୍ଥାନରେ ପ୍ରାୟ ମାସେ ହେଲାଣି ଏପରି ଅବସ୍ଥା। କେବେ ସୁଧୁରିବ ସେ ଉତ୍ତର କାହା ପାଖେ ନାହିଁ। ତଥ୍ୟ କହୁଛି ରାଜ୍ୟର ୧୩ଶହ ଏସବିଆଇ ଏଟିଏମ୍ ଟଙ୍କା ଶୂନ୍ୟ ଅବସ୍ଥାରେ ଥିବାବେଳେ ଧିରେ ଧିରେ ଏ ସମସ୍ୟା ଅନ୍ୟ ବ୍ୟାଙ୍କକୁ ବି ମାଡ଼ିଲାଣି। ଦେଶରେ ବି ଏଭଳି ଏଟିଏମ୍ ସଂଖ୍ୟା ୩୮ ହଜାରରୁ ଅଧିକ। ଗ୍ରାହକ ହୀନସ୍ତା ହେଉଥିବାବେଳେ ଏସବିଆଇର ସ୍ଥାନୀୟ କର୍ତ୍ତୃପକ୍ଷ କିନ୍ତୁ ଚୁପ୍। ବାଣିଜ୍ୟିକ ସହର କଟକର ମଙ୍ଗଳାବାଗ, ରାଣିହାଟ, ହାଇକୋର୍ଟ ଛକ ହେଉ ଅବା ଏସସିବି ମେଡିକାଲ କ୍ୟାମ୍ପସ, ଶତାଧିକ ଷ୍ଟେଟବ୍ୟାଙ୍କ୍ ଏଟିଏମ୍ ଅଚଳ। ପାଖ ଏଟିଏମ୍ କୁ ଯିବାକୁ ଲାଗିଛି ନୋଟିସ୍। ତାସହ ଏଟିଏମ୍ ଚାଲୁନଥିବାରୁ କାଗଜରେ ଦୁଃଖିତ ଲେଖି କାମ ସାରିଦେଇଛନ୍ତି ବ୍ୟାଙ୍କ କର୍ତ୍ତୃପକ୍ଷ। ବାଲେଶ୍ୱର ଓ ବାରିପଦାର ଶହେ ପ୍ରତିଶତ ଏସବିଆଇ ଏଟିଏମ କାଉଣ୍ଟର ଟଙ୍କା ଶୂନ୍ୟ। ▶▶ପୃଷ୍ଠା ୭

## ତ୍ରାହି ପାଇବେନି ବାଲି ମାଫିଆ: ଡିଜିପିଙ୍କ କଡ଼ା ନିର୍ଦ୍ଦେଶ ପରେ ଘନ ଘନ ରେଡ୍



ଭୁବନେଶ୍ୱର, ୧୦/୩ (ନି.ପ୍ର): ପୋଲିସ ସ୍କାନରରେ ବାଲି ମାଫିଆ । ଡିଜିପିଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟରେ ବାଲି ଚୋରା ଚାଲାଣ ରୋକିବାକୁ ଚାଲିଛି ଜୋରଦାର ଚଢାଉ । ଚୋରା ବାଲି ମାଫିଆଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୋଲିସ ଡିଜି ଯୋଗେଶ ବାହାଦୁର ଖୁରାନିଆ ନିର୍ଦ୍ଦେଶ ଦେଇଛନ୍ତି । ଏହାପରେ ରାଜ୍ୟ ତମାମ ପୋଲିସ ପକ୍ଷରୁ ଚଢ଼ାଉ ଜାରି ରହିଛି । ▶▶ପୃଷ୍ଠା ୭

## ବିଧାନସଭାରେ ପୁଣି 'ଜୟନାରାୟଣ' ଝଡ଼: ଭିତରେ ବିଜେଡି, ବାହାରେ କଂଗ୍ରେସର ପ୍ରତିବାଦ

### ତାରା ବାହିନୀପତି ୭ ଦିନ ସସପେଣ୍ଡ



ଭୁବନେଶ୍ୱର, ୧୧/୩ (ନି.ପ୍ର): ବିଧାନସଭାରେ ପୁଣି ଉଠିଲା ଜୟନାରାୟଣ ଝଡ଼। ଜୟନାରାୟଣଙ୍କ କୋଶଳ ମନ୍ତବ୍ୟକୁ ନେଇ ବିଜେଡିର ଜୋରଦାର ପ୍ରତିବାଦ। କଳାପଟି ପିନ୍ଧି ବିଧାନସଭା ଭିତରେ ପଶିଲେ ବିଜେଡି ବିଧାୟକ। ସେପଟେ ବିରୋଧୀଙ୍କ ପ୍ରତିବାଦ ସତ୍ତ୍ୱେ ନିଜ ବୟାନରେ ଅଟଳ ଜୟନାରାୟଣ ମିଶ୍ର। ଲଗାତର ଦ୍ୱିତୀୟ ଦିନରେ ବିଜେପି ବିଧାୟକ ଜୟନାରାୟଣ ମିଶ୍ରଙ୍କ କୋଶଳ ବୟାନକୁ ନେଇ ଜୋରଦାର ହଙ୍ଗାମା ହୋଇଛି। ଆଜି ଗୃହକାର୍ଯ୍ୟ ଆରମ୍ଭରୁ ଏହାକୁ ନେଇ ବିରୋଧୀ ପ୍ରବଳ ହଟ୍ଟଗୋଳ କରିଛନ୍ତି । ପ୍ରଶ୍ନକାଳ ଚାଲିଥିବାବେଳେ ବିଜେଡି ସଦସ୍ୟ ଜୋରଦାର ପ୍ରତିବାଦ କରିଥିଲେ । ଜୟନାରାୟଣଙ୍କ ମନ୍ତବ୍ୟକୁ ବିରୋଧ କରି କଳାପଟି ପିନ୍ଧି ବିଧାନସଭା ଭିତରକୁ ଆସିଥିଲେ ବିଜେଡି ବିଧାୟକ । ଗୃହର ମଧ୍ୟଭାଗରେ ପ୍ରତିବାଦ ଓ ନାରାବାଜି କରିଥିଲେ । ଗୃହର ରିପୋର୍ଟର ଟେବୁଲ ଉପରେ ରୋମାଂଚ ରଞ୍ଜନ ବିଶ୍ୱାଳ, ତାରା ପ୍ରସାଦ ବାହିନୀପତି ଓ ଯୋଗେଶ ସିଂ ପ୍ରତିବାଦ କରିଥିଲେ । ବିଧାନସଭା ପରିସରରେ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଗୀତ ଗାଇ ବିଜେଡି ବିଧାୟକ ବି ପ୍ରତିବାଦ କରିଥିଲେ ।

ଜୋରଦାର ପ୍ରତିବାଦ ପରେ ବି ଜୟନାରାୟଣ ମିଶ୍ର ନିଜ ବକ୍ତବ୍ୟରେ ଅଟଳ ରହିଛନ୍ତି । ▶▶ପୃଷ୍ଠା ୭

## ଭୋପାଳରେ ଦୁଇଟି ସ୍କୁଲକୁ ବୋମାରେ ଉଡାଇବାକୁ ଧମକ

ଭୋପାଳ, ୧୧/୩ : ଦିଲ୍ଲୀ-ଏନସିଆର ପରେ ଏବେ ମଧ୍ୟପ୍ରଦେଶର ସ୍କୁଲକୁ ବୋମାରେ ଉଡାଇବାକୁ ଧମକ ମିଳୁଛି । ଭୋପାଳରେ ଦୁଇଟି ସ୍କୁଲକୁ ବୋମାରେ ଉଡାଇବାକୁ ଧମକ ଦେବା ଓ ନ୍ୟାସନାଲ ସାଇବର ଫରେନସିକ ଲ୍ୟାବ ବାହାରେ ବିସ୍ଫୋଟକ ସାମଗ୍ରୀର ସୂଚନା ମାମଲା ସାମ୍ନାକୁ ଆସିଛି । ପୋଲିସ ସୂଚନା ପାଇବା ପରେ ତିନୋଟି ସ୍କୁଲରେ ଯାଂଚ କରାଯାଇଥିବା ବେଳେ ଏହା ଗୁଜବ ବୋଲି ଜଣାପଡିଛି । ଟିଟି ନଗର ଓ ଗାନ୍ଧିନଗର ଥାନା ପୋଲିସ ଗୁଜବ ପ୍ରଚାର କରିଥିବା ଧାରାରେ ମାମଲା ରୁଜୁ କରିଛି ଇମେଲ ପଠାଇଥିବା ବ୍ୟକ୍ତିର ତଲାସୀ ଆରମ୍ଭ କରିଛି । ଭୋପାଳର ଦୁଇ ବଡ଼ୱଇ ସ୍ଥିତ ପୋଦାର ୱାର୍ଲ୍ଡ ସ୍କୁଲ ଓ ଟିଟିନଗର ସ୍ଥିତ ସେଂଟ ମେରୀ ସ୍କୁଲକୁ ୧୦ ମାର୍ଚ୍ଚରେ ଇମେଲ ମିଳିଥିଲା । ଯେଉଁଥିରେ ସ୍କୁଲକୁ ଉଡାଇ ଦିଆଯିବ ବୋଲି ଧମକ ଥିଲା ।

## ଆଶାଙ୍କୁ ଦରକାର ୨୬ ହଜାର ଦରମା: ଲୋୟର ପିଏମଜିରେ ଗର୍ଜିଲେ



ଭୁବନେଶ୍ୱର, ୧୧/୩ (ନି.ପ୍ର): ଲୋୟର ପିଏମଜି ଗର୍ଜିଲେ । ଆଶା କର୍ମୀଙ୍କ ବିକ୍ଷୋଭରେ କମ୍ପିଲା ଆନ୍ଦୋଳନ ସ୍ଥଳ । ୧୮ ଦଫା ଦାବି ନେଇ ହଜାର ହଜାର ଆଶାକର୍ମୀ ମାନେ ଭୁବନେଶ୍ୱର ଲୋୟର ପିଏମଜିରେ ଗଣଧାରଣା ଦେଇଛନ୍ତି । ପୂର୍ବ ସରକାର ଅମଳରେ ତାଙ୍କ ପ୍ରତି ହୋଇଥିବା ପ୍ରତାରଣାକୁ ଲୋୟର ପିଏମଜିରୁ ନୂଆ ସରକାରଙ୍କୁ ଜଣାଇବାକୁ ଚେଷ୍ଟା କରିଛନ୍ତି । ଡବଲ ଇଂଜିନ ସରକାର ତୁରନ୍ତ ସେମାନଙ୍କ ଦାବି ପୂରଣ କରିବେ ବୋଲି ଆଶା ରଖିଛନ୍ତି ଆଶାକର୍ମୀମାନେ। ଆଶାକର୍ମୀଙ୍କୁ ସ୍ଥାୟୀ କର୍ମଚାରୀର ମାନ୍ୟତା । ପ୍ରୋତ୍ସାହନ ରାଶି ପରିବର୍ତ୍ତେ ମାସିକ ୨୬ ହଜାର ଟଙ୍କା ଦରମା । ମୃତ୍ୟୁ କାଳୀନ ସହାୟତା ୧୦ ଲକ୍ଷ ଟଙ୍କା । ମାସିକ ୧୦ ହଜାର ଟଙ୍କା ପେନସନ । ଇପିଏଫ । ଇଏସଆଇ ସହ ଗ୍ରାଚ୍ୟୁଇଟି ଲାଗୁ ଓ ପ୍ରସବ କାଳୀନ ସବୈତନିକ ଛୁଟି ପାଇଁ ଆଶା କର୍ମୀ ଦାବି କରିଛନ୍ତି । ଏହି ସମସ୍ତ ଦାବି ପୂରଣ ନହେଲେ ଅନିର୍ଦ୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି । ସେପଟେ ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତି ମଧ୍ୟ ବିକ୍ଷୋଭ କରିଛି । ଲୋୟର ପିଏମଜିରେ ଧାରଣା ଦେଉଛନ୍ତି ହଜାର ହଜାର ଶିକ୍ଷକ ଓ କର୍ମଚାରୀ । ବିଶାଳ ସମାବେଶରେ ଆସି ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି । ବିଭିନ୍ନ ଦାବି ନେଇ ଆନ୍ଦୋଳନ କରୁଥିବାବେଳେ ନୂଆ ସରକାର ସେମାନଙ୍କ କଥା ଶୁଣିବେ ବୋଲି ଆଶାବାଦୀ ରହିଛନ୍ତି ।

## ଏପ୍ରିଲ ୧ରୁ ୧୪ ଯାଏଁ ପାଳନ ହେବ ଓଡ଼ିଆ ପକ୍ଷ

ଭୁବନେଶ୍ୱର, ୧୧/୩ (ନି.ପ୍ର): ଏପ୍ରିଲ ୧ରୁ ଏପ୍ରିଲ ୧୪ ପର୍ଯ୍ୟନ୍ତ ଏଥର ପାଳନ ହେବ ଓଡ଼ିଆ ପକ୍ଷ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ ଏହି ସୂଚନା ଦେଇଛନ୍ତି। ଓଡ଼ିଆ ଭାଷାକୁ ଆଗକୁ ନେବା ପାଇଁ ବିଭାଗ ପକ୍ଷରୁ ବଡ଼ ପ୍ରୟାସ। ଏଥର ବଡ଼ ଧୁମ ଧାମରେ ପାଳନ ହେବ ଓଡ଼ିଆ ପକ୍ଷ। ଇଂରାଜୀ ନବ ବର୍ଷରେ ଯେଭଳି ଆମେ ପ୍ରିୟଜନଙ୍କୁ ଭେଟୁଛେ ଶୁଭେଚ୍ଛା ଜଣାଉଛେ ଭଲ ଭାବେ ପାଳନ କରୁଛେ ସେହିଭଳି ଏହି ଥରରୁ ନୂଆ ଭାବେ ଆରମ୍ଭ ହେବ ଓଡ଼ିଆ ପକ୍ଷ ବୋଲି ମନ୍ତ୍ରୀ କହିଛନ୍ତି।

## ଏପଟେ ଡି-ଲିମିଟେସନ୍‌କୁ ସମର୍ଥନ ଦେଉଛି: ସେପଟେ ଲଣ୍ଠନ ଧରି ମୁଖ୍ୟମନ୍ତ୍ରୀଙ୍କୁ ଖୋଜୁଛି ବିଜେଡି

ଭୁବନେଶ୍ୱର, ୧୧/୩ (ନି.ପ୍ର): ଚେନ୍ନାଇରେ ହେବ ଡିଲିମିଟେସନ୍‌ର ସ୍ୱତନ୍ତ୍ର ବୈଠକ । ନବୀନ ପଟ୍ଟନାୟକଙ୍କୁ ନିମନ୍ତ୍ରଣ କଲେ ତାମିଲନାଡୁ ମୁଖ୍ୟମନ୍ତ୍ରୀ। ଆସନ୍ତା ମାର୍ଚ୍ଚ ୨୬ ତାରିଖରେ ହେବ ଡିଲିମିଟେସନର ସ୍ୱତନ୍ତ୍ର ବୈଠକ । କ୍ଷତିଗ୍ରସ୍ତ ହୋଇଥିବା ୭, ୮ ରାଜ୍ୟ ବୈଠକରେ ସାମିଲ ହେବେ । ଏହି ସ୍ୱତନ୍ତ୍ର ବୈଠକୁ ବିଜେଡି ସମର୍ଥନ ଜଣାଇଛି । ଡିଲିମିଟେସନ୍‌ର ସ୍ୱତନ୍ତ୍ର ବୈଠକ ପରେ ଓଡିଶାରେ ୨୧ ବଦଳରେ ୨୮ ହେବ ଆସନ ! ଜାତୀୟ ଗଣମାଧ୍ୟମରେ ପ୍ରକାଶ ପାଇଥିବା ରିପୋର୍ଟ କହୁଛି, ୨୦୨୬ ପୁନଃ ସୀମାନିର୍ଦ୍ଧାରଣ ସହିତ ବଢ଼ିବ ଦେଶର ସାଂସଦଙ୍କ ସଂଖ୍ୟା । ଲୋକସଭା ଆସନ ବଢି ୮୪୮ କୁ ଛୁଇଁପାରେ । ▶▶ପୃଷ୍ଠା ୭

## ଏବେ ଦେଶରେ ବେଆଇନ ପ୍ରବେଶ ଉପରେ ଲାଗିବ କଠୋର କଟକଣା: କେନ୍ଦ୍ର ସରକାର ଆଣିବେ ସଂଶୋଧିତ ଇମିଗ୍ରେସନ ଆଇନ



ନୂଆଦିଲ୍ଲୀ, ୧୧/୩ : ଏଣିକି ଅନୁପ୍ରବେଶକାରୀଙ୍କୁ ରୋକିବାକୁ ସରକାର ଆଣିବାକୁ ଯାଉଛନ୍ତି ନୂଆ ଆଇନ । ବଜେଟ ଦ୍ୱିତୀୟ ଚରଣ ଅଧିବେଶନର ଦ୍ୱିତିୟ ଦିନରେ ଆଜି ଲୋକସଭାରେ ଉପସ୍ଥାପନ ହୋଇଛି ପ୍ରସ୍ତାବିତ ବିଲ । କେନ୍ଦ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଗୃହରେ ବିଲ ଉପସ୍ଥାପନ କରିଛନ୍ତି । ବିଦେଶୀ ଅଧିନିୟମ ୧୯୪୬.ପାସପୋର୍ଟ ଅଧିନିୟମ ୧୯୨୦, ବିଦେଶୀ ପଞ୍ଜୀକରଣ ଅଧିନିୟମ ୧୯୩୯ ଜାଗା ନେବ ନୂଆ ଆଇନ । ତେବେ ବିଲ ଉପସ୍ଥାପନ ସମୟରେ ଏହାକୁ ଜୋରଦାର ବିରୋଧ କରିଥିଲା କଂଗ୍ରେସ । ବେଆଇନ ପ୍ରବେଶକାରୀଙ୍କ ଉପରେ କଟକଣା ଲାଗିବ। ଦେଶର ଇମିଗ୍ରେସନ ଆଇନକୁ ଅଧିକ କଡ଼ା କରାଯିବ। ଦେଶର ସୁରକ୍ଷା ପାଇଁ ବଡ଼ ପଦକ୍ଷେପ ନିଆଯିବ । ଦେଶକୁ କିଏ ଆସୁଛନ୍ତି କିଏ ବାହାରକୁ ଯାଉଛନ୍ତି ତଥ୍ୟ ରହିବ। ସମସ୍ତ ବିଦେଶୀଙ୍କ ଦସ୍ତାବିଜ ସ୍ୱଚ୍ଛ ଓ ସଠିକ ରଖାଯାଇପାରିବ। ଡାକ୍ତରଖାନା, ଶିକ୍ଷାନୁଷ୍ଠାନ,କାର୍ଯ୍ୟାଳୟକୁ ଆସୁଥିବା ବିଦେଶୀ, ଇମିଗ୍ରେସନ ଅଧିକାରୀଙ୍କୁ ସମସ୍ତ ତଥ୍ୟ ଦେବେ। ନିୟମ ଭାଙ୍ଗିଲେ, ପରିଚୟ ବଦଳାଇ ପ୍ରବେଶ କଲେ କଠୋର କାର୍ଯ୍ୟାନୁଷ୍ଠାନ।

## ମୋଦୀଙ୍କୁ ମରିସସର ସର୍ବୋଚ୍ଚ ସମ୍ମାନ



ନୂଆଦିଲ୍ଲୀ, ୧୧/୩ : ମରିସସ ସରକାର ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେଠାକାର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କମାଣ୍ଡର ଅଫ୍ ଦି ଅର୍ଡର ଅଫ୍ ଦି ଷ୍ଟାର ଆଣ୍ଡ କି ଅଫ ଇଣ୍ଡିଆନ ଓସେନ' ପ୍ରଦାନ କରିବାକୁ ଘୋଷଣା କରିଛନ୍ତି । ଏହି ସମ୍ମାନ ପାଇବାରେ ପ୍ରଧାନମନ୍ତ୍ରୀ ମୋଦୀ ହେଉଛନ୍ତି ପ୍ରଥମ ଭାରତୀୟ। ସେହିପରି ବିଦେଶରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ପ୍ରଦାନ କରାଯାଇଥିବା ଏହା ହେଉଛି ୨୧ତମ ଅନ୍ତର୍ଜାତୀୟ ପୁରସ୍କାର। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମରିସସ ରାଷ୍ଟ୍ରପତି ଧରମବୀର ଗୋକୁଲଙ୍କୁ ସାକ୍ଷାତ କରିଥିଲେ। ଦୁଇ ନେତା ଭାରତ ଓ ମରିସସ ମଧ୍ୟରେ ସ୍ୱତନ୍ତ୍ର ଓ ନିବିଡ଼ ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ଗଭୀର କରିବା ଲାଗି ମତ ବିନିମୟ କରିଥିଲେ। ଏହି ପରିପ୍ରେକ୍ଷୀରେ, ସେମାନେ ଦୁଇ ଦେଶ ମଧ୍ୟରେ ରହିଥିବା ସହଭାଗୀ ଇତିହାସ ଏବଂ ଦୃଢ଼ ନାଗରିକ ସମ୍ପର୍କ ବିଷୟରେ ସ୍ମରଣ କରିଥିଲେ। ଦ୍ୱିତୀୟ ଥର ଲାଗି ମରିସସର ଜାତୀୟ ଦିବସ ସମାରୋହରେ ଅଂଶଗ୍ରହଣ କରିବା ତାଙ୍କ ପାଇଁ ସମ୍ମାନର ବିଷୟ ବୋଲି ପ୍ରଧାନମନ୍ତ୍ରୀ ଉଲ୍ଲେଖ କରିଥିଲେ। ତେବେ ମୋଦୀଙ୍କୁ ଦେଖିବାକୁ ମରିସସର ପ୍ରବାସୀ ଭାରତୀୟମାନେ ଉତ୍ସାହିତ ଅଛନ୍ତି ଏବଂ ମୋଦୀ ପହଞ୍ଚିବା ପରେ ସ୍ୱାଗତ ପାଇଁ ଆସିଥିବା କିଛି ସ୍କୁଲ ପିଲାଙ୍କ ସହ କଥା ମଧ୍ୟ ହୋଇଛନ୍ତି।

# ବିପାଶାଙ୍କ ନିଆରା ହସ୍ତକଳା କାରିଗରୀ, ଜଗନ୍ନାଥଙ୍କ ଫଟୋ ଚିତ୍ର ସହିତ ଗ୍ରୀଟିଙ୍ଗସ, କାନଫୁଲ,ରାକ୍ଷୀ ଓ ଭାଲେଂନଟାଇନ କାର୍ଡ ଲୋକଙ୍କ ମନ ଜିଣୁଛି





ବଡସାହି,୧୧/୩ (ନି.ପ୍ର): ବଡସାହି ବ୍ଲକ୍ ଅଧିନ ଦେଉଳିଆ ପଂଚାୟତର ଛାତ୍ରୀ ବିପାଶ ମହାପାତ୍ରଙ୍କ ହସ୍ତଶିଳ୍ପ କାରିଗରୀର ଚାହିଦା ଦିନକୁ ଦିନ ବଢିବାରେ ଲାଗିଛି । +୨ ପରେ ଲେବରେଟୋରୀ ଟେକନିସିଆନରେ ସେ ସ୍ନାତକ କରୁଥିବା ବେଳେ ପାଠ ସହିତ ନିଶା ତାଙ୍କର ଜଗନ୍ନାଥଙ୍କ ଫଟୋଚିତ୍ର ତିଆରି କରିବା । ଏତଦବାଦ ଆକର୍ଷଣୀୟ ସାମଗ୍ରୀ ଯଥା-କାନଫୁଲ, ରାକ୍ଷୀ, ଗ୍ରୀଟିଙ୍ଗସ କାର୍ଡ, ଫଟୋ ଫ୍ରେମ, ହାତ ତିଆରି ଅଳଙ୍କାର ଓ ଭାଲେଂନଟଟାଇନ କାର୍ଡ ସହିତ ଆକର୍ଷଣୀୟ ଜନ୍ମଦିନ ଉପହାର ଓ ଗୃହ ଉପକରଣ ପ୍ରସ୍ତୁତ କରି ସେ ଚର୍ଚ୍ଚାରେ ରହିଛନ୍ତି । ଏହା ପ୍ରସ୍ତୁତ କରିବାରେ ସେ ଏୟେରଡୋରୀ ହୁପ, ଲେସ, କାର୍ଡ ବୋର୍ଡ, ଲିପୋନଆର୍ଟ, ଧାନ, ବିଭିନ୍ନ ପ୍ରକାର ଷ୍ଟେନ, ମୟୁରଚୋଳ, ରଙ୍ଗ ଓ ଅଠା ଇତ୍ୟାଦି ବ୍ୟବହାର କରିଥାନ୍ତି । ନିଜର ପ୍ରିୟଜନ ତଥା ସାଙ୍ଗଙ୍କୁ ଉପହାର ଦେବା ପାଇଁ ତାଙ୍କ ସାମଗ୍ରୀର ଚାହିଦା ବେଶ ବଢୁଥିବା ବେଳେ ସ୍ଥାନୀୟ ଓ ଅନଲାଇନ ଗ୍ରାହକଙ୍କର ସଂଖ୍ୟା ତାଙ୍କର ବଢିବାରେ ଲାଗିଛି । ଇନସଟାଗ୍ରାମରେ ବାପାଶା ଆର୍ଟ ଗ୍ୟାଲେରୀ ଓ ୟୁଟ୍ୟୁବରେ ଚ୍ୟାନେଲ ମାଧ୍ୟମରେ ମଧ୍ୟ ସେ ପରିଚିତ । ସିଜିନ ଅନୁଶାରେ ଓ ଅବଶ୍ୟକତାକୁ ଦୃଷ୍ଟିରେ ରଖି ସେ ତାଙ୍କର ସାମଗ୍ରୀ ପ୍ରସ୍ତୁତ କରୁଥିବା ବେଳେ ଏହାକୁ ବିକ୍ରି କରି ସେ ସ୍ୱାବଲମ୍ବି ହୋଇ ପାରିଥିବାର କହନ୍ତି । ରୋଜଗାର ଅର୍ଥରୁ ସେ ଗରିବ ଗୁରୁବାଙ୍କ ସେବା କରିବା ସହିତ ସକ୍ଷମ ଅନୁଶାରେ ମନ୍ଦିରକୁ ମଧ୍ୟ ଦାନ କରୁଥିବାର ଜଣାଯାଇଛି । ଏହି ସବୁ ଆକର୍ଷଣୀୟ ସାମଗ୍ରୀ ପ୍ରସ୍ତୁତ ପାଇଁ ଆବଶ୍ୟକୀୟ ଜିନିଷ ସେ କିଛି ସ୍ଥାନୀୟ ମାର୍କେଟରୁ କିଣୁଥିବା ବେଳେ କିଛି ଜିନିଷ ଅନଲାଇନରେ ଅର୍ଡର କରିଥାନ୍ତି । ଗତ ବର୍ଷର ରାକ୍ଷୀ ସମୟରେ ଭାଇଭଉଣୀର ଫଟୋଚିତ୍ରକୁ ନେଇ ସେ ପ୍ରସ୍ତୁତ କରିଥିବା ବିଭିନ୍ନ ଡିଜାଇନର ରାକ୍ଷୀର ଚାହିଦା ବେଶ ବଢିଥିଲା । ଏପରିକି ସ୍ଥାନୀୟ ତଥା କଟକ, ଭୁବନେଶ୍ୱର, ରାଉଲକେଲା ଆଦି ସ୍ଥାନର ଗ୍ରାହକଙ୍କୁ ଛାଡି ତାଙ୍କ ରାକ୍ଷୀ ଅନଲାଇନରେ ମଧ୍ୟ ଦିଲ୍ଲୀ, ବମ୍ବେ ସହିତ ସୁଦୂର ଆମେରିକାରେ ପହଂଚିଥିଲା । ଏବଂ ସେ ମଧ୍ୟ ବହୁତ ପ୍ରଶଂସା ସାଉଁଟିଥିଲେ । ହାତ ତିଆରି ଓ ନିଆରା ହୋଇଥିବାରୁ ଏହା ଗ୍ରାହକମାନଙ୍କ ଦ୍ୱାରା ବେଶ ଆଦୃତ ହୋଇଥିଲା । ପାଠ ପଢିବା ସହିତ ପରିବାର ତଥା ମୋ ମାଆ ବାପାଙ୍କ ସପୋର୍ଟ ପାଇଁ ଚିତ୍ରକଳା ପ୍ରତି ମୁଁ ଆକୃଷ୍ଟ ହୋଇଛି ବୋଲି ସେ କହନ୍ତି । ଏହି ଚିତ୍ରକଳା ପାଇଁ ପ୍ରଥମେ ପ୍ରଥମେ ମୁଁ ଆବଶ୍ୟକ କରୁଥିବା ବିଭିନ୍ନ ସାମଗ୍ରୀ ମୋତେ ଯୋଗାଇ ଦେବାରେ ମୋ ମାଆ ବାପା ସାହାର୍ଯ୍ୟ ସହଯୋଗ କରିଥିବାରୁ ମୁଁ ଏଥିପ୍ରତି ଆକୃଷ୍ଟ ହୋଇଛି ବୋଲି ସେ ପ୍ରକାଶ କରିଛନ୍ତି । ଏହା ପରେ ପରେ ଲୋକ ଭଲପାଇବା ଓ ଚାହିଦା ମୋତେ ଆଗକୁ ବଢିବାର ପ୍ରେରଣା ଦେଇଛି ।

## ଶ୍ରୀ ଶ୍ରୀ ଶନି ଲକ୍ଷ୍ମୀପୂଜା କମିଟିର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୧୧/୩ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳ ଅଧିନ ଟାଉନ ବଳରାମପୁର ଗ୍ରାମର ଶ୍ରୀ ଶ୍ରୀ ଶନି ଲକ୍ଷ୍ମୀପୂଜା କମିଟିର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଶନି ମଣ୍ଡପ ଠାରେ ସ୍ୱତନ୍ତ୍ର ପୂଜା ଓ ହୋମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କମିଟିର ସଭାପତି କୁଞ୍ଜବିହାରୀ ସେନାପତିଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବାର୍ଷିକ ଉତ୍ସବରେ ସଂପାଦକ କିସନ ଦାସ ସଂପାଦକୀୟ ବିବରଣୀ ପାଠ କରିଥିବାବେଳେ ନରୋତମ ଦାସ, ଉମାକାନ୍ତ ବେହେରା, ବିରଂଚି ନାରାୟଣ ଦାସ, ଦୀନବନ୍ଧୁ ସେନାପତି ପ୍ରମୁଖ ସଦସ୍ୟ ମାନେ ବିଭିନ୍ନ ଉନ୍ନୟନ ମୂଳକ ପ୍ରସ୍ତାବ ଆଗତ କରିଥିଲେ । ଆଗାମୀ ରକ୍ତଦାନ ଶିବିର ପଇଁ ଆଲେଚନା କରାଯାଇ ଥିଲା ।

# ସୋନପୁର କଲେଜକୁ ସରକାରୀ ମାନ୍ୟତା ଦାବି ନେଇ ଭୁବନେଶ୍ୱରକୁ ସାଇକେଲ ଯାତ୍ରା

ସୁବର୍ଣ୍ଣପୁର,୧୧/୩ (ନି.ପ୍ର): ସୋନପୁର କଲେଜ୍ ର ବାଣିଜ୍ୟ ସ୍ନାତକ ଦ୍ୱିତୀୟ ବର୍ଷ ଛାତ୍ର ତଥା ନବନିର୍ମାଣ ଯୁବ ଛାତ୍ର ସଂଗଠନର ସୁବର୍ଣ୍ଣପୁର ଜିଲ୍ଲା ସହ ସଂଯୋଜକ ଶ୍ରୀକାନ୍ତ ସାହୁ ସୋନପୁର କଲେଜ କୁ ସରକାରୀ ମାନ୍ୟତା ଦେବାପାଇଁ ଭୁବନେଶ୍ୱର ଅଭିମୁଖେ ଏକ ସାଇକଲରେ ଯାତ୍ରା ଆରମ୍ଭ କରିଛନ୍ତି । ଗଣମାଧମକୁ ପ୍ରତିକ୍ରିୟା ଦେଇ ସେ କହିଛନ୍ତି, ଏହି ଅତ୍ୟାବଶ୍ୟକ ପଦକ୍ଷେପ ନେବା ପାଇଁ ସେ ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କୁ ସାକ୍ଷାତ କରିବେ । ଏହା ସହ କ୍ରମାଗତ ବଢ଼ି ଚାଲିଥିବା ଛାତ୍ର ଛାତ୍ରୀ ହିଂସା ତଥା କଲେଜ୍ ରେଗିଂ ଓ ଛାତ୍ର ଛାତ୍ରୀ ଆତ୍ମହତ୍ୟା ଆଦି ଉପରେ ଅଙ୍କୁଶ ଲଗାଇବା ପାଇଁ ବିଧେୟକ ଆଣିବା ପାଇଁ ସେ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଛନ୍ତି । ପ୍ରତି ଗାଁ ରେ ପ୍ରାଥମିକ ଓ ମାଧମିକ ଶିକ୍ଷା ତଥା ପ୍ରତି ପଂଚାୟତରେ ଉଚ୍ଚ ଶିକ୍ଷା ସୁନିଶ୍ଚିତ କରିବା ପାଇଁ ମନ୍ତ୍ରୀଙ୍କୁ ଦାବିପତ୍ର ଦେବେ ବୋଲି ସେ କହିଛନ୍ତି । ଦରକାର୍ ପଡ଼ିଲେ ମୁଖ୍ୟମନ୍ତ୍ରୀ ଙ୍କୁ ମଧ ସାକ୍ଷାତ କରିବି ଓ ୬୦ ବର୍ଷ ରୁ ପୁରୁଣା ସୋନପୁର କଲେଜ୍ କେବେ ସରକାରୀ ହେ୍ବ ଓ ସୁବର୍ଣ୍ଣପୁର ଜିଲ୍ଲା ଛାତ୍ର ଛାତ୍ରୀଙ୍କ ଉତମ ଗୁଣାତ୍ମକ ଶିକ୍ଷା ପାଇବାରେ ଅଧିକାର ଅଛି ନା ନାହିଁ ଏହା ପଚାରିବି ବୋଲି କହିଛନ୍ତି ଶ୍ରୀକାନ୍ତ ସାହୁ । ମନେ ରଖିବା ଉଚିତ୍ ପଶ୍ଚିମ ଓଡ଼ିଶା ରେ ପ୍ରତି ଜିଲ୍ଲାରେ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡ଼ିକର ଘନତ୍ୱ ବହୁତ୍ କମ୍ । ଏହି କ୍ରମାଗତ ଅବହେଳା ହିଁ ଅଂଚଳରେ ଦାଦନ ସମସ୍ୟାର ମୁଖ୍ୟ କାରଣ । ନିଯୁକ୍ତି ଭିତିକ ଶିକ୍ଷା ପ୍ରଦାନ ସରକାରଙ୍କ ନୂତନ ଶିକ୍ଷା ନୀତିର ମୁଖ୍ୟ କେନ୍ଦ୍ରବିନ୍ଦୁ କରିବା ପାଇଁ ସେ ଜୋର୍ ଦେବେ ବୋଲି କହିଛନ୍ତି । ନବନିର୍ମାଣ କୃଷକ ସଂଗଠନ ର ଜିଲ୍ଲା ସଭାପତି ପ୍ରଦ୍ୟୁମ୍ନ ପାଢ଼ୀ ଶ୍ରୀକାନ୍ତଙ୍କ ଏହି ସାହସିକ ସାଇକେଲ ଯାତ୍ରାକୁ ଭୁବନେଶ୍ୱର ରେ ନବନିର୍ମାଣ ଯୁବ ଛାତ୍ର ସଂଗଠନର ରାଜ୍ୟ ସଂଯୋଜକ ମନ୍ଦର୍ ଅଲ୍ଲୀ ସ୍ୱାଗତ କରିବେ ବୋଲି ସୂଚନା ଦେଇଛନ୍ତି । ଏହା ସହ ପ୍ରତ୍ୟେକ ଛକ, କଲେଜ୍ ଛକ ଅଂଚଳରେ ଶ୍ରୀକାନ୍ତଙ୍କ ଏହି ସାଇକେଲ ଯାତ୍ରାକୁ ସ୍ୱାଗତ କରିବା ପାଇଁ ବିଭିନ୍ନ ଛାତ୍ର ସଂଗଠନକୁ ଅନୁରୋଧ କରିଛନ୍ତି ।

## ଦମ୍ପତିଙ୍କୁ ଲୁଟିବା ଅଭିଯୋଗରେ ନାବାଳକ ସମେତ ୫ ଗିରଫ: କୋର୍ଟ ଚାଲାଣ

ବଲାଙ୍ଗିର,୧୧/୩ (ନି.ପ୍ର): ବଲାଙ୍ଗୀର ଜିଲା ସଇଁତଳା ଥାନା ଅନ୍ତର୍ଗତ ଘୁନସର ଗାଁ ହାଇସ୍କୁଲ ଛକ ନିକଟରେ ଗତ ୮ ତାରିଖ ବିଳମ୍ବିତ ରାତିରୁ ଚାରିଚକିଆ ଗାଡ଼ି ଯୋଗେ ବଲାଙ୍ଗୀରରୁ ନିଜ ଗାଁ ଡୁମେରମୁଣ୍ଡାକୁ ଫେରୁଥିବା ବେଳେ ଘୁନସର କଲେଜ ଛକ ନିକଟରେ କିଛି ଦୁର୍ବୃତ ଗାଡ଼ିକୁ ଅଟକାଇ ବନ୍ଧୁକ ଦେଖାଇ ଦମ୍ପତିଙ୍କ ଠାରୁ ସୁନା ଗହଣା ଲୁଟ୍ କରି ଫେରାର୍ ମାରିଥିଲେ । ପରେ ଦମ୍ପତି ଜଣକ ଚିତ୍କାର କରିବାରୁ ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଂଚି ଥିଲେ । ସ୍ଥାନୀୟ ଲୋକଙ୍କ ସହାୟତାରେ ସଇଁତଳା ପୋଲିସକୁ ଯୋଗାଯୋଗ କରିଥିଲେ । ପୋଲିସ ଘଟଣାସ୍ଥଳକୁ ପହଂଚି ତଦନ୍ତ ଆରମ୍ଭ କରିଥିଲା ।

## ଜୟା ହୋଟେଲରେ ମଟନ ଖାଇବାକୁ ନେଇ ପ୍ରାୟଶ୍ଚିତ

ପୁରୀ,୧୧/୩ (ନି.ପ୍ର): ରାଜ୍ୟରେ ଚହଳ ସୃଷ୍ଟି କରିଥିବା ସାକ୍ଷୀଗୋପାଳ ସ୍ଥିତ ଜୟା ହୋଟେଲରେ ମଟନ ଖାଇଥିବାରୁ ଆଜି ଦୁଇ ଜଣ ଯୁବକ ନରେନ୍ଦ୍ର ପୁଷ୍କରିଣୀ ତୁଠରେ ଲଣ୍ଡା ହୋଇ ବୁଡ ପକାଇ ପ୍ରାୟଶ୍ଚିତ କରିଛନ୍ତି ବୋଲି ଗଣମାଧମକୁ ସୂଚନା ଦେଇଛନ୍ତି । ଜୟା ହୋଟେଲରେ ଗୋମାଂସ ମିଶୁଥିବା ଅଭିଯୋଗର ଭିଡିଓ ଭାଇରାଲ ହେବା ପରେ ତାହା ରାଜ୍ୟର ଚର୍ଚ୍ଚାର ବିଷୟବସ୍ତୁ ପାଲଟିଥିଲା । ଆଜି ମାଳତିପାଟପୁରର ଦୁଇ ଯୁବକ କୈଳାଶ ଚନ୍ଦ୍ର ପରିଡ଼ା ଓ ଯୋଗେନ୍ଦ୍ର ମଲ୍ଲିକ ଶ୍ରୀମନ୍ଦିର ମୁକ୍ତିମଣ୍ଡପ ବ୍ରାହ୍ମଣଙ୍କ ଠାରୁ ପ୍ରାୟଶ୍ଚିତ ହେବା ନିମନ୍ତେ ପରାମର୍ଶ ନେଇଥିଲେ । ପରେ ବେକରେ ପାଳ ଦଉଡା ପକାଇ ଥିଲେ, ନଣ୍ଡା ହୋଇ ଗୋବର ପାଣି ପିଇ ନରେନ୍ଦ୍ରରେ ସ୍ନାନ କରିଥିଲେ । ସ୍ନାନ ପରେ ନୂଆ ଧଳା ଧୋତି ବସ୍ତ୍ର ପରିଧାନ କରିଥିଲେ । ପରେ ଶ୍ରୀଲୋକନାଥ ଓ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିଥିଲେ ।

## ବିପୁଳ ଦେଶୀ ମଦ ଓ ପୋଚ ଜବତ : ୬ ଗିରଫ

ଚମ୍ପୁଆ,୧୧/୩ (ନି.ପ୍ର): ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଦୀପ୍ତ କୁମାର ଦାସଙ୍କ ନିର୍ଦ୍ଦେଶ କ୍ରମେ ଚମ୍ପୁଆ ଓ ଝୁମ୍ପୁରା ଅବକାରୀ ବିଭାଗ ଦ୍ୱାରା ବିଭିନ୍ନ ସ୍ଥାନରେ ଚଢାଉ କରାଯାଇ ବିପୁଳ ମାତ୍ରାରେ ଦେଶୀ ମଦ ଓ ପୋଚ ଜବତ କରାଯାଇ ନଷ୍ଟ କରା ଯାଇଛି । ଚମ୍ପୁଆ ଅବକାରୀ ବିଭାଗ ପକ୍ଷରୁ ୧୫୯ ଲିଟର ଦେଶୀ ମଦ ଓ ୧୮୦୦ କେଜି ପୋଚ ଜବତ କରାଯିବା ସହ ଝୁମ୍ପୁରା ଅବକାରୀ ଥାନା ପକ୍ଷରୁ ୧୯୦ ଲିଟର ଦେଶୀ ମଦ ଓ ୨୨୦୦ କେଜି ପୋଚ ନଷ୍ଟ କରା ଯାଇଥିବା ନେଇ ଅବକାରୀ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଚମ୍ପୁଆ ଅବକାରୀ ନିରୀକ୍ଷକଙ୍କ ତତ୍ତ୍ୱାବଧାନରେ ଚମ୍ପୁଆ ଓ ଝୁମ୍ପୁରା ଅବକାରୀ କର୍ମଚାରୀ ମାନେ ବାରିଆ ଥାନା ଓ ଝୁମ୍ପୁରା ଥାନା ଅଂଚଳରେ ଚଢାଉ କରିଥିଲେ । ଚମ୍ପୁଆ ଅଂଚଳରୁ ୪ ଟି ମାମଲା ରୁଜୁ କରା ଯାଇଥିବା ବେଳେ ଝୁମ୍ପୁରା ଅଂଚଳରୁ ମଧ ୪ ଟି ଅବକାରୀ ମାମଲା ରୁଜୁ କରା ଯାଇଛି । ଏହି ଚଢ଼ାଉରେ ଛଅ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରା ଯାଇଛି ।

## ବଡନଈରେ ଭଲିବଲ ଟୁର୍ଣ୍ଣାମେଂଟ ଅନୁଷ୍ଠିତ

ଚମ୍ପୁଆ,୧୧/୩ (ନି.ପ୍ର): ଚମ୍ପୁଆ ବ୍ଲକ ଅନ୍ତର୍ଗତ ବଡନଈ ଗ୍ରାମର ବାବା ହରେଶ୍ୱର କ୍ଲବ ତରଫରୁ ଭଲିବଲ୍ ଟୁର୍ଣ୍ଣାମେଂଟ ଅନୁଷ୍ଠିତ ହୋଇ ଯାଇଛି । ଏହି ଟୁର୍ଣ୍ଣାମେଂଟରେ ଛଅ ଗୋଟି ଦଳ ଅଂଶ ଗ୍ରହଣ କରିଥିଲେ । ଆଜି ଫାଇନାଲ ଖେଳ ବଡନଈ ଓ ବ୍ରହ୍ମପୁର କରଞ୍ଜିଆ ମଧରେ ଅନୁଷ୍ଠିତ ହୋଇଥିଲା । ବଡନଈ ଦଳ ବ୍ରହ୍ମପୁର କରଞ୍ଜିଆ କୁ ହରାଇ ବିଜେତା ହୋଇଥିଲେ । ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଝୁମ୍ପୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରର ସହକାରୀ ଚିକିତ୍ସା ଅଧିକାରୀ ଡଃ କ୍ଷୀରୋଦ କୁମାର ମହାନ୍ତ ଯୋଗଦେଇ ଚାମ୍ପିୟାନ ବଡନଈ ଦଳକୁ ନଗଦ ଦଶ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିବା ସହିତ ରନର୍ସଅପ ବ୍ରହ୍ମପୁର କରଞ୍ଜିଆ ଦଳକୁ ଆଠ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରିଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ଉଚ୍ଚ ବିଦ୍ୟାଳୟ କର୍ମଚାରୀ ଶ୍ରୀନିବାସ ବଡପଣ୍ଡା ଯୋଗ ଦେଇଥିଲେ । ଉକ୍ତ ଟୁର୍ଣ୍ଣାମେଂଟର ମ୍ୟାଚ ରେଫରୀ ଭାବେ ଅମୂଲ୍ୟ ପରିଡା କାର୍ଯ୍ୟ ତୁଲାଇ ଥିବାବେଳେ ସତ୍ୟବାନ ପାତ୍ର ଖେଳ ପରିଚାଳନା କରିଥିଲେ । କ୍ଲବ ସଦସ୍ୟ ମୁନା, ଚୁଟୁ, ଚିକୁନ, ମିଙ୍ଗଲୁ, ପିଂଟୁ, ହରିଶ, କୁନା, ପ୍ରକାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଶିଶୁ ସାହିତ୍ୟ ଆସରରେ ଭାଷା ସାହିତ୍ୟ ସଂସ୍କୃତି ପ୍ରେମୀ ମନ୍ମଥ ପାଢ଼ୀଙ୍କ ଦେହାନ୍ତରେ ଶ୍ରଦ୍ଧାଞ୍ଜଳି ଅର୍ପଣ

ଗଞ୍ଜାମ,୧୧/୩ (ନି.ପ୍ର): ବ୍ରହ୍ମପୁର ଅଗ୍ରଣୀ ଶିଶୁ ସାହିତ୍ୟ ଅନୁଷ୍ଠାନ ଶିଶୁ ସାହିତ୍ୟ ବିକାଶ ପରିଷଦର ଶିଶୁ ସାହିତ୍ୟ ଆସର ଏବଂ ସ୍ମୃତି ଚାରଣ ସଭା ଉତ୍କଳ ଆଶ୍ରମ ପାଠାଗାର କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ହାଡ଼ିବନ୍ଧୁ ମାଳି ପୌରହିତ୍ୟ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ବିଜୟ ଚନ୍ଦ୍ର ନନ୍ଦ ସମ୍ପାଦିକା ଡ ଜୟନ୍ତୀ ରାଣୀ ପଣ୍ଡା ବରିଷ୍ଠ କବୟିତ୍ରୀ ତଥା ସଂଯୋଜିକା ଶ୍ରୀମତୀ ପଦ୍ମିନୀ ମିଶ୍ର ମଂଚାସିନ ହୋଇ ସାହିତ୍ୟ ଆସର ଓ ସ୍ମୃତି ଚାରଣ ସଭା ଉଦ୍ଘାଟନ କରିଥିଲେ । ଏହି ଅବସରରେ ଉତ୍କଳ ସମ୍ମିଳନୀ ର ପୂର୍ବତନ ସଭାପତି ତଥା ଉତ୍କଳ ଆଶ୍ରମ ଟ୍ରଷ୍ଟ ସଦସ୍ୟ ଏବଂ ସାହିତ୍ୟ ସଂସ୍କୃତି ମନସ୍କ ମନ୍ମଥ ପାଢ଼ୀଙ୍କ ଦେହାନ୍ତରେ ଶିଶୁ ସାହିତ୍ୟ ବିକାଶ ପରିଷଦ ସମେତ ଗଞ୍ଜାମ ଜିଲ୍ଲା ଲେଖକ ସାମ୍ମୁଖ୍ୟ ଓ ଲେଖିକା ସାମ୍ମୁଖ୍ୟ ବରିଷ୍ଠ ନାଗରିକ ସୁରକ୍ଷା ମଂଚ ତରଫରୁ ସ୍ୱର୍ଗତ ପାଢ଼ୀଙ୍କ ସ୍ମୃତି ଚାରଣ କରାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା । ଅନୁଷ୍ଠିତ ଶିଶୁ କବିତା ଆସରରେ ଶ୍ରୀମତୀ ପ୍ରେମଶିଳା ନନ୍ଦ ପ୍ରାରମ୍ଭିକ ଭଜନ ପରିବେଷଣ କରିଥିଲେ । ଏହି ସ୍ମୃତି ଚାରଣ ସଭା ଏବଂ କବିତା ପାଠୋତ୍ସବ ରେ କୋଷାଧକ୍ଷ ନିତ୍ୟାନନ୍ଦ ପାଢୀ ଉପଦେଷ୍ଟା ଡଃ. ବିଜୟ କୁମାର ମହାରଣା ଏବଂ ସଂଗଠନ ସମ୍ପାଦକ ସୁଦାମ ପାଣିଗ୍ରାହୀ ଙ୍କ ସମେତ ରାଧା ଚରଣ ନାୟକ, ଭଗବାନ ତ୍ରିପାଠୀ, ଡ଼ଃ. ବନମାଳୀ ପାଣିଗ୍ରାହୀ, ଦେବୀ ପ୍ରସାଦ ମହାପ୍ରସାଦ, ସୁବାସ ଚନ୍ଦ୍ର ନାୟକ ପ୍ରମୁଖଙ୍କ ସମେତ ସାଧାରଣ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଏବଂ ବାଇଧର ପତି ଆଭାସୀ ମାଧମ ରେ ଅଂଶଗ୍ରହଣ କରି ସ୍ମୃତି ଚାରଣ କରିଥିଲେ । ଏହି ଅବସରରେ ଚଳିତ ବର୍ଷ ଏପ୍ରିଲ ମାସ ରେ ଅନୁଷ୍ଠିତ ହେବାକୁ ଥିବା ଅନୁଷ୍ଠାନ ର ବାର୍ଷିକ ମୁଖପତ୍ର 'ସୁନା ଅଜା' ପାଇଁ ଲେଖା ଆହ୍ୱାନ କରାଯାଇଥିଲା । ଶେଷରେ ବିଜୟ ଚନ୍ଦ୍ର ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ ।

## କମ୍ପ୍ୟୁଟର ଶିକ୍ଷା କେନ୍ଦ୍ରର ବାର୍ଷିକ ଉତ୍ସବ

କେନ୍ଦ୍ରାପଡ଼ା,୧୧/୩ (ନି.ପ୍ର): କେନ୍ଦ୍ରାପଡା ବ୍ଲକର ନିକିରାଇ କଲେଜ ଛକସ୍ଥିତ ନାଇସ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ର ଏହାର ୯ତମ ବାର୍ଷିକ ଉତ୍ସବ ରବିବାର ପାଳନ କରିଛି । ସଭାପତି ରଘୁନାଥ ରାଉତଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା । ବିଧାୟକ ଗଣେଶ୍ୱର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆଜିର ସମାଜରେ କମ୍ପ୍ୟୁଟର ଶିକ୍ଷାର ଆବଶ୍ୟକତା, କର୍ମନିଯୁକ୍ତିରେ ଏହାର ତତ୍ୱ ଭୂମିକା ଉପରେ ଆଲୋକପାତ କରିଥିଲେ । ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟା ମିନତୀ ଦାସ, ପ୍ରଣବ କୁମାର ଜେନା, ପୂର୍ବତନ ସରପଂଚ ସରୋଜକାନ୍ତ ପଣ୍ଡା, ରଶ୍ମିରଂଜନ ପଣ୍ଡା, କୃପାସିନ୍ଧୁ ସାହୁ, ଆଇନଜିବୀ ନିରଞ୍ଜନ ବଳ, ରାଜୀବ କୁମାର ପାତ୍ର, ଅଭିମନ୍ୟୁ ମହାନ୍ତି ସମେତ ଛାତ୍ରଛାତ୍ରୀ ଏବଂ ଅଭିଭାବକମାନେ ଯୋଗଦେଇଥିଲେ । ନାଇସ କମ୍ପ୍ୟୁଟର ଶିକ୍ଷାକେନ୍ଦ୍ରର ସଭାପତି ପରମାନନ୍ଦ ଥାଟୋଇ ଏବଂ ପ୍ରତିଷ୍ଠାତା ଯୁବ ସମାଜସେବୀ କରୁଣାକର ଥାଟୋଇ ସମ୍ମାନୀତ ଅତିଥି, ଛାତ୍ରଛାତ୍ରୀ ଓ ଅଭିଭାବକମାନଙ୍କୁ ଧନ୍ୟବାଦ ସହ କୃତଜ୍ଞତା ଜଣାଇଥିଲେ । ସଭାକାର୍ଯ୍ୟକୁ କବି ସାହିତ୍ୟିକ ଶୈଳଜା ଶଙ୍କର ସାମଲ ଓ ଆଦର୍ଶଶିକ୍ଷକ ସନ୍ତୋଷ କୁମାର ଜେନା ପରିଚାଳନା କରିଥିଲେ ।

# ପାୟଲ ମ୍ୟୁଜିକ ସ୍କୁଲର ଗ୍ରାମୀଣ ମହୋତ୍ସବ

କେନ୍ଦ୍ରାପଡ଼ା,୧୧/୩ (ନି.ପ୍ର): ଇନ୍ଦୁପୁର ଅଂଚଳର ତଥା ରାଜ୍ୟର ଏକ ଅଗ୍ରଣୀ ପ୍ରତିଷ୍ଠିତ କଳା ସଂସ୍କୃତି ପରମ୍ପରାକୁ ଆଧାର କରି ଗଢ଼ି ଉଠିଥିବା ପ କଳା ଶିକ୍ଷାନୁଷ୍ଠାନ 'ପାୟଲ ମ୍ୟୁଜିକ୍ ସ୍କୁଲ'ର ୨୨ତମ ବାର୍ଷିକ ଉତ୍ସବ ଓ ୪ର୍ଥ ପାୟଲ ମ୍ୟୁଜିକ୍ ଗ୍ରାମୀଣ ମହୋତ୍ସବ ଦୁଇ ଦିନ ଧରି ଇନ୍ଦୁପୁର ପାୟଲ ମ୍ୟୁଜିକ୍ ସ୍କୁଲ ପରିସରରେ ନୀଳମାଧବ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଉଦ୍ଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଯୋଗଦେଇ ଗ୍ରାମା ଳରେ ଏପରି ଏକ ସଙ୍ଗୀତ, ନୃତ୍ୟ, ଚିତ୍ରକଳାଭିତିକ ଶିକ୍ଷାନୁଷ୍ଠାନର ଦୀର୍ଘ ୨୨ ବର୍ଷର ଅବଦାନକୁ ଭୂୟସୀ ପ୍ରସଂଶା କରିବା ସହିତ ସହଯୋଗର ହାତ ବଢେଇ ଏହାର ଉତରଡୋର ଉନ୍ନତି କାମନା କରିଥିଲେ । ମୁଖ୍ୟବକ୍ତା ଭାବେ ଆନ୍ତର୍ଜାତୀୟ ଓଡିଶୀ ନୃତ୍ୟଗୁରୁ ଗଜେନ୍ଦ୍ର କୁମାର ପଣ୍ଡା,ବରଣ୍ୟ ଅତିଥି ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଓଡିଶୀ ସଙ୍ଗୀତ ଗୁରୁ ପ୍ରଶାନ୍ତ କୁମାର ସାମଲ, ବିଶିଷ୍ଟ କଣ୍ଠଶିଳ୍ପୀ ସଙ୍ଗୀତା ପଣ୍ଡା, ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରାପ୍ତ ଚିତ୍ରଶିଳ୍ପୀ କଳିଙ୍ଗ କେଶରୀ ନାୟକ, ଓଡିଶୀ ସଙ୍ଗୀତ ଗୁରୁ ସର୍ବାଣୀ ରାଉତ, ଇନ୍ଦୁପୁର ସରପଂଚ ପ୍ରଦୀପ ରଞ୍ଜନ ସୁତାର, ସମିତିସଭ୍ୟା ସୁନନ୍ଦା ମଲିକ ପ୍ରମୁଖ ପାୟଲ ବୌଦ୍ଧିକ ଓ ସଙ୍ଗୀତ ସାହିତ୍ୟର ମହାମିଳନରେ ଯୋଗଦେଇ ଥିଲେ । ବିଶିଷ୍ଟ ଶିକ୍ଷାବିତ୍ ପ୍ରଣବ କୁମାର ଜେନା ସଭାକୁ ସଂଯୋଜନା କରିଥିଲେ । ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଦୀପ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶେଷରେ ଅନୁଷ୍ଠାନର ସଙ୍ଗୀତଗୁରୁ ଭାସ୍କର ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ସେହିପରି ଶିକ୍ଷାବିତ୍ ନୀଳମାଧବ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନୀଲୁ ମହାପାତ୍ର ଯୋଗଦେଇ ଅଧ୍ୟୟନରତ ଛାତ୍ରଛାତ୍ରୀମାନଙ୍କୁ ସଙ୍ଗୀତ, ନୃତ୍ୟ ଓ ଅଭିନୟରେ ରାଜ୍ୟ ତଥା ଦେଶରେ ନିଜର ନାମ ଉଜ୍ୱଳ କରିବାକୁ ପରାମର୍ଶ ଦେଇଥିଲେ । ମୁଖ୍ୟବକ୍ତା ଭାବେ ପ୍ରଫେସର ଚାରୁଚନ୍ଦ୍ର ହାଜରା, ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଳିତା ଦାସ, ସମ୍ମାନନୀୟ ଅତିଥି ଭାବେ ଇଂ ଶତ୍ରୁଘ୍ନ ଦାସ, କଣ୍ଠଶିଳ୍ପୀ ସ୍ୱାଧୀନବାଳା ନାୟକ, ଶିକ୍ଷାବିତ ସୁନନ୍ଦା ସିଂହ, ସମାଜ ସେବୀ ପ୍ରମୋଦ କୁମାର ପତି ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ । ଶେଷରେ ଗୀତିକାର ତଥା ସଙ୍ଗୀତ ନିର୍ଦ୍ଦେଶକ ପ୍ରଦୀପ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ଦେବାଶିଷ ସାମଲ ବାର୍ଷିକ ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର ସମସ୍ୟା ଓ ସଫଳତା ବିଷୟରେ ଆଲୋଚନା କରିଥିଲେ । ଏହି ଅବସରରେ ଅନୁଷ୍ଠାନର ସଂଗୀତ ଗୁରୁ ଭାସ୍କର ଚନ୍ଦ୍ର ବେହେରା, ଓଡ଼ିଶୀ ନୃତ୍ୟ ଗୁରୁ ଦୀପକ କୁମାର ନନ୍ଦି, ମର୍ଦ୍ଦଳ ନୃତ୍ୟ ଗୁରୁ ଦିଲ୍ଲିପ କୁମାର ଜେନା, ତବଲା ଗୁରୁ ସୁଶୀଲ୍ କୁମାର ସେନ, ଚିତ୍ରକଳା ଗୁରୁ ବିକାଶ କୁମାର ସାହୁ ଓ ଅଭିନୟ ଗୁରୁ ଦେବାଶିଷ ସମାଲଙ୍କୁ ଅନୁଷ୍ଠାନ ପକ୍ଷରୁ ଗ୍ରାମୀଣ ମହୋତ୍ସବରେ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁଇ ଦିନ ଧରି ପାୟଲ ମ୍ୟୁଜିକ୍ ସ୍କୁଲର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଓଡ଼ିଶୀ ସଂଗୀତ, ଓଡ଼ିଶୀ ନୃତ୍ୟ, ପାରମ୍ପରିକ ଲୋକ ସଂଗୀତ, ଲୋକ ନୃତ୍ୟ, ସମ୍ବଲପୁର ନୃତ୍ୟ ଓ ଅନୁଷ୍ଠାନର ଚିତ୍ରକଳା ବିଭାଗର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ ପରିଚାଳନାରେ ସଞ୍ଜୟ କୁମାର ନାୟକ, ମିଲନ୍ କୁମାର ଜେନା, ହେମନ୍ତ କୁମାର ସେଠୀ ଓ ଅନୁଷ୍ଠାନର ସମସ୍ତ ଗୁରୁ ଓ ଛାତ୍ରଛାତ୍ରୀମାନେ ସହଯୋଗ କରିଥିଲେ ।

# ନୀଳମଣି ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ



ରୂପସା,୧୧/୩(ନି.ପ୍ର): ରୂପସା ନୀଳମଣି ମହାବିଦ୍ୟାଳୟ ଆନୁକୂଲ୍ୟରେ ଛାତ୍ରୀ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଯାଇଛି । ଏହି ଉଦଘାଟନୀ ଉତ୍ସବରେ ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରି ଛାତ୍ରୀ ଆତ୍ମରକ୍ଷା କୌଶଳ ମହିଳାଙ୍କ ସୁରକ୍ଷା ଓ ନିର୍ଯାତନା ମୁକ୍ତ ସମାଜ ଗଠନ ଦିଗରେ ସହାୟକ ବୋଲି ବକ୍ତବ୍ୟରେ କହିଥିଲେ । ମୁଖ୍ୟବକ୍ତା ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ସରୋଜ କୁମାର ପାଣି ଓ ସମ୍ମାନିତ ଅତିଥି ପ୍ରାଧ୍ୟାପକ ଶମ୍ଭୁନାଥ ଗିରି ଓ ଅନ୍ୟତମ ସମ୍ମାନିତ ଅତିଥି ଅଧାପକ ସୁଧାଂଶୁ ଶେଖର ଜେନା ଯୋଗ ଦେଇ ଆତ୍ମରକ୍ଷା କୌଶଳ ହିଁ ମହିଳାଙ୍କ ସୁରକ୍ଷା ଦିଗରେ ଉପଯୁକ୍ତ ମାଧମ ବୋଲି ମତବ୍ୟକ୍ତ କରିଥିଲେ । ଉପଦେଷ୍ଟା ଅଧାପିକା ଦେବସ୍ମିତା ଭୂୟାଁ ୮ ଦିନ ବ୍ୟାପୀ ହେବାକୁ ଥିବା ଏହି ଶିବିରର ଆଭିମୁଖ୍ୟ ସମ୍ପର୍କରେ ସବିଶେଷ ସୂଚନା ପ୍ରଦାନ କରିଥିଲେ । ମାଷ୍ଟର ଟ୍ରେନର ଗିତୁଶ୍ରୀ ରାଉତ, ଅନିତା ସାହୁ ଓ ଅନାମିକା ପ୍ରଧାନ ଶିବିରରେ ଯୋଗ ଦେଇଥିବା ଛାତ୍ରୀମାନଙ୍କୁ ଆତ୍ମରକ୍ଷା କୌଶଳର ବିଭିନ୍ନ ଦିଗ ସମ୍ପର୍କରେ ତାଲିମ୍ ଦେଇଥିଲେ । ଅଧାପକ ଶ୍ରୀଧର ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ । ଯୁକ୍ତ ୩ ପ୍ରଥମ ବର୍ଷର ଛାତ୍ରୀମାନେ ଏହି ଶିବିରରେ ବହୁମାତ୍ରାରେ ଅଂଶଗ୍ରହଣ କରିଥିଲେ ।

# ସେବା କାଗଜ କଳ ମୁଖ୍ୟ ଫାଟକ ପାର୍ଶ୍ୱରେ ମୃତ ଶ୍ରମିକଙ୍କ ପରିବାର ସଦସ୍ୟଙ୍କ ଧାରଣା ଓ ସ୍ମାରକପତ୍ର ପ୍ରଦାନ

ଜୟପୁର,୧୧/୩ (ନି.ପ୍ର): ଆଜି ସକାଳ ଆଠଟାରୁ ସେବା କାଗଜ କଳ ଫାଟକ ପାର୍ଶ୍ୱରେ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ସହ ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ମାନେ ଦଣ୍ଡାୟମାନ ଧାରଣା ରେ ଯୋଗ ଦେଇଥିଲେ । ୨୦୨୪ ଜୁଲାଇ ଏକ ତାରିଖ ରୁ ଅବସରପ୍ରାପ୍ତ ଶ୍ରମିକ ମାନେ ବକେୟା ପାଉଣା ପାଇଁ ଧାରଣା ଜାରି ରଖିଛନ୍ତି । ୨୦୨୩ ମାର୍ଚ୍ଚ ମାସ ରେ ଶ୍ରମ ବିଭାଗ ଓ ପ୍ରଶାସନକୁ ମ୍ୟାନେଜମେଣ୍ଟ ଲିଖିତ ଭାବେ ଜଣାଇଥିଲେ ଯେ ମୃତ ଶ୍ରମିକଙ୍କ ପରିବାର କୁ ଗ୍ରାଚ୍ୟୁଇଟି ପାଉଣା ଚାରି ମାସ ମଧରେ ଦେଇଦେବୁ । ମାତ୍ର ଏକ ଲକ୍ଷ ଟଙ୍କା ୩୦ ଜଣଙ୍କୁ ଦେଲେ ବଳକା ଅର୍ଥ କିନ୍ତୁ ଆଜି ପର୍ଯ୍ୟନ୍ତ ଦେଲେ ନାହିଁ । ଏବେ ୩୯ ଜଣ ଶ୍ରମିକ ମୃତ୍ୟୁ ବରଣ କଲେଣି ଏବଂ ଅନେକେ ରୋଗଗ୍ରସ୍ତ । ଦୁଇ ଜଣ ଶ୍ରମିକ କୋମାରେ ଅଛନ୍ତି । ଏବେ କମ୍ପାନୀ ରେ ୭୫/୮୦ ବର୍ଷ ବୟସ ର ଅଧିକାରୀ ମାନେ ଅଛନ୍ତି । ଲକ୍ଷ ଲକ୍ଷ ଟଙ୍କା ଦରମା ନେଉଛନ୍ତି । କିନ୍ତୁ କାରଖାନା ଜୁଲାଇ ୨୦୨୪ ରୁ ବନ୍ଦ ଅଛି । ଏହି ପରିପ୍ରେକ୍ଷୀରେ ନୂଆ କମ୍ପାନୀ ମୃତ ଓ ଅବସରପ୍ରାପ୍ତ ଶ୍ରମିକ ମାନଙ୍କ ବକେୟା ନଦେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଶ୍ରମିକ ସଂଘ ସଭାପତି ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ମୃତ ଶ୍ରମିକଙ୍କ ବିଧବା ପତ୍ନୀ ଶ୍ରୀମତୀ ମିନତୀ ପୃଷ୍ଟି,ସବିତା ସାହୁ, ରୁକ୍ମିଣୀ ସୈାରା ଓ ଜି. ରାଣୀ ଚୌଧୁରୀ ଦସ୍ତଖତ କରି ଏକ ସ୍ମାରକପତ୍ର ସେକ୍ୟୁରିଟୀ ଅଧିକାରୀ ଙ୍କ ଜରିଆରେ ମ୍ୟାନେଜମେଂଟକୁ ଦେଇଛନ୍ତି । ନୂଆ କମ୍ପାନୀ ବକେୟା ପାଉଣା ନଦେଇ କାରଖାନା ଉତ୍ପାଦନ ଆରମ୍ଭ କଲେ ଗେଟ୍ ସମ୍ମୁଖରେ ସମସ୍ତ ମୃତ ଶ୍ରମିକଙ୍କ ପରିବାର ସଦସ୍ୟ ବସିବେ ବୋଲି ଚେତାଇ ଦେଇଛନ୍ତି । ଆଜିର ଧାରଣା ରେ ବସନ୍ତ ବେହେରା,ସୁବୋଷ ବେହେରା, ଧ୍ରୁବ ମଲ୍ଲିକ,ରବି ନାରାୟଣ ମହାରଣା, ଭାସ୍କର ମିଶ୍ର,ଶ୍ରୀବତ୍ସ ଆଇଚ ପ୍ରମୁଖ ଯୋଗ ଦେଇଛନ୍ତି ।

# ବାଲି ବୋଝେଇ ହାଇୱା ଜବତ : ଡ୍ରାଇଭର ଗିରଫ : ଥାନା ଅଧିକାରିଣୀ ଦୃର୍ବ୍ୟହାର କରିଥିବା ଅଭିଯୋଗ ଆଣିଲେ ଯୁବକ

ଧର୍ମଶାଳା ,୧୧/୩ (ନି.ପ୍ର): ଯାଜପୁର ଜିଲା ରସୁଲପୁର ବ୍ଲକ ରାଉତରାପୁର ପଂଚାୟତ ନିକଟସ୍ଥ ବ୍ରାହ୍ମଣୀ ନଦୀ ବାଲି ମାଫିଆଙ୍କ ଦିନ ରାତି ଏକ କରି ପ୍ରୋକେଲିଂ ଓ ହାଇୱା ଲଗାଇ ଦିନ ରାତି ଏକ କରି ସରକାରୀ ଉତ୍ସବ ହରି ଲୁଟ କରିଚାଲିଛନ୍ତି । ଫଳରେ ନଦୀ କୂଳିଆ ଓ ରାସ୍ତାରେ ଯାତାୟତ କରୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନ୍ୟପକ୍ଷେ ତହସିଲ ଅଧିନରୁ କ୍ଷମତା ଚାଲି ଯିବା ପରେ ଏହି ବାଲି ଚାଲାଣ ବହୁଳ ମାତ୍ରାରେ ବୃଦ୍ଧି ପାଇଛି । ଏନେଇ ବାରମ୍ବାର ଡିଡିଏମ୍ ନିକଟରେ ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା । ହେଲେ ସେପରି କିଛି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସ୍ଥାନୀୟ ବ୍ରହ୍ମବରଦା ଥାନାରେ ଅଭିଯୋଗ କରି ଆସୁ ଥିଲେ । ବାରମ୍ବାର ଜନସାଧାରଣଙ୍କ ଅଭିଯୋଗକୁ ନେଇ ଡିଡିଏମ୍ କାର୍ଯ୍ୟାନୁଷ୍ଠାନ ନେବାକୁ ବ୍ରହ୍ମବରଦା ଥାନାକୁ ଖବର ଦେଇଥିଲେ । ବ୍ରହ୍ମବରଦା ପୁରୁଣା ଫାଣ୍ଡି ଛକରେ ରାତିରେ ଏକ ବେଆଇନ ବାଲି ବୋଝେଇ ହାଇୱା (ଓଡି୦୪ଏନ୍୨୫୩୩)କୁ ପୋଲିସ ଅଟକାଇ ଥିଲେ । ଡ୍ରାଇଭର ଆବଶ୍ୟକୀୟ କାଗଜ ପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଥାନାରେ ଅଟକ ରଖି ଘଟଣାର ଯାଂଚ କରିଥିଲେ । ବ୍ରହ୍ମବରଦା ଥାନା ଅଧିନ ଚଅପୋଇସ୍ଥ ବ୍ରାହ୍ମଣୀ ନଦୀରୁ ଏହି ବେଆଇନଭାବେ ବାଲି ବୋଝେଇ କରି ନେଇ ଯାଇଥିବା ପୋଲିସ ଜାଣିବାକୁ ପାଇଥିଲା । ହାଇୱାକୁ ଜବତ କରିବା ସହ ଡ୍ରାଇଭର କୁଆଖିଆ ଥାନା ଅନ୍ତର୍ଗତ ନରସିଂହପୁର ଗ୍ରାମର ରଂଜନ କୁମାର ସାହୁ(୪୦)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇ ଥିବା ନେଇ ଥାନା ଅଧିକାରିଣୀ ଅଂଶୁମାଳା ଦାସ ସୂଚନା ଦେଇଥିଲେ । ହାଇୱା ଜବତ ହେବା ପରେ ଗାଡି ମାଲିକ ଓ ସମ୍ପର୍କୀୟ ଘଟଣା ସମ୍ପର୍କରେ ଜାଣିବା ପାଇଁ ଥାନାକୁ ଯାଇଥିଲେ । ସେଠାରେ ସେମାନଙ୍କୁ ଦୃର୍ବ୍ୟହାର କରିବା , ଘଟଣାର ଦଫାରଫା କରିବାକୁ ଟଙ୍କା ମାଗିବା ସହ ମିଛ ମାମଲାରେ ଫସାଇ ଦେବାକୁ ଥାନା ଅଧିକାରିଣୀ ଧମକ ଦେଇଥିଲେ ବୋଲି ଅତଲାପୁର ପଂଚାୟତର ଦେବଦତ ସାହୁ ଗଣମାଧ୍ୟମ ଆଗରେ ସ୍ଥାନୀୟ ଯୁବକ,ଗାଡି ମାଲିକ ଓ ସ୍ଥାନୀୟ ମହିଳାମାନଙ୍କୁ ନେଇ ସଫେଇ ଦେଇଥିଲେ ।

# ଚାରି ଦଶନ୍ଧି ଧରି ପ୍ରତାରଣାର ଶୀକାର, ଓଡ଼ିଶାର ସାମ୍ବାଦିକମାନଙ୍କୁ ପେନସନ୍ ଓ ସୁରକ୍ଷା ପ୍ରତିଶ୍ରୁତି ପାଣିରେ ଗାର

**ରବି ରଥ**

ରାଜ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ଦୀର୍ଘବର୍ଷ ଧରି ରାଜ୍ୟର ସାମ୍ବାଦିକମାନେ ଅବହେଳିତ, ଉପେକ୍ଷିତ ଓ ନିର୍ଯ୍ୟାତିତ ହୋଇ ଆସୁଛନ୍ତି । ବିଭିନ୍ନ ସମୟରେ ସାମ୍ବାଦିକମାନଙ୍କ ପକ୍ଷରୁ ବିଭିନ୍ନ ସାମ୍ବାଦିକ ସଂଘ ଦ୍ୱାରା ସମସ୍ୟାର ସମାଧାନ ଲାଗି ବିଭିନ୍ନ ମଞ୍ଚରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଇଥିବା ଏବଂ ବିଭିନ୍ନ ଦାବି ଉପସ୍ଥାପିତ କରାଯାଉଥିଲେ ମଧ୍ୟ ସରକାରଙ୍କ ଉଦାସୀନତା ଯୋଗୁଁ ବର୍ଷ ବର୍ଷ ଧରି ବହୁ ବର୍ଷ ବିତିଯାଇଥିଲେ ସୁଦ୍ଧା କୌଣସି ପ୍ରତିକାର କରାଯାଉନାହିଁ । ଯଦିବା ମୁଖ୍ୟମନ୍ତ୍ରୀମାନଙ୍କ ଠାରୁ ଆରମ୍ଭ କରି ମନ୍ତ୍ରୀମାନେ ବିଭିନ୍ନ ସମୟରେ ସାମ୍ବାଦିକମାନଙ୍କ ସମସ୍ୟାକୁ ନେଇ ଗଭୀର ଉଦବେଗମାନ ପ୍ରକାଶ କରୁଥିବା ଓ ବାରମ୍ବାର ନିର୍ଭର ପ୍ରତିଶ୍ରୁତି ଦେଇ ଆସୁଥିଲେ ମଧ୍ୟ ପ୍ରତିଶ୍ରୁତି ସବୁ ପାଣିର ଗାର ସଦ୍ୟଶ ହୋଇଯାଉଥିବା ଯୋଗୁଁ ରାଜ୍ୟର ସାମ୍ବାଦିକମାନଙ୍କ ମଧ୍ୟରେ ଗଭୀର ଅସନ୍ତୋଷ, ନିରାଶ ଓ ହତାଶ ମନୋଭାବ ପ୍ରକାଶ ପାଇବାରେ ଲାଗିଛି । ଏପରିକି ଗତ ବିଧାନସଭା ଅଧିବେଶନ ବେଳେ ଅର୍ଥାତ୍ ୫.୪.୨୦୧୨ ଓ ୬.୪.୨୦୧୩ ତାରିଖ ଦୁଇଦିନ ଧରି ବିଧାନସଭା ଗୃହରେ ଓଡ଼ିଶାର ସାମ୍ବାଦିକମାନଙ୍କ ବହୁବିଧ ସମସ୍ୟାକୁ ନେଇ ବିସ୍ତୃତ ଆଲୋଚନା ହୋଇଥିବା ଓ ସମସ୍ତ ରାଜନୈତିକ ଦଳର ମାନ୍ୟବର ବିଧାୟକମାନେ ଗଭୀର ଉଦବେଗ ପ୍ରକାଶ କରି ରାଜ୍ୟ ସରକାର ସାମ୍ବାଦିକମାନଙ୍କ ସମସ୍ୟା ଯଥାଶୀଘ୍ର ପୂରଣ କରିବା ପାଇଁ ଦୃଢ଼ ଦାବି କରିବା ପରେ ବାସ୍ତବ ଅବସ୍ଥା ହୃଦୟଙ୍ଗମ କରି ସାମ୍ବାଦିକମାନଙ୍କ ପାଇଁ ପେନସନର ବ୍ୟବସ୍ଥା, କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ବାସଗୃହ ଯୋଗାଣ, ସାମ୍ବାଦିକ କଲ୍ୟାଣ ପାଣ୍ଠିର ସରଳୀକରଣ, ସାମ୍ବାଦିକମାନଙ୍କୁ ସୁରକ୍ଷା ପ୍ରଦାନ ସମେତ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ତୁରନ୍ତ ଦୂର କରିବା ଲାଗି ବିଧାନସଭା ଗୃହରେ ମାନ୍ୟବର ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତ ସରକାର ପଦକ୍ଷେପ ନେବା ପାଇଁ ଏକ ରୁଲିଂ ଦ୍ୱାରା ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତେବେ ବିଧାନସଭା ଗୃହରେ ମାନ୍ୟବର ବାଚସ୍ପତି ଯେଉଁ ରୁଲିଂ ଦେଉଛନ୍ତି ତାକୁ ସରକାର ଠିକ୍ ଭାବେ ପାଳନ କରୁନାହାନ୍ତି ବୋଲି ମାନ୍ୟବର ବିଧାୟକମାନେ ମତବ୍ୟକ୍ତ କରି, ଏ ଦିଗରେ ମାନ୍ୟବର ବାଚସ୍ପତି ତୁରନ୍ତ ଧ୍ୟାନ ଦେବା ପାଇଁ ସବୁ ରାଜନୈତିକ ଦଳର ମାନ୍ୟବର ବିଧାୟକମାନେ ଦାବି କରିଥିଲେ । କିନ୍ତୁ ବାଚସ୍ପତିଙ୍କ ରୁଲିଂ ଦେଇଥିଲେ ମଧ୍ୟ ସାମ୍ବାଦିକମାନଙ୍କ ସମସ୍ୟା ଦୂର କରିବା ଦିଗରେ ସରକାର କାଣିଚାଏ ମଧ୍ୟ ପଦକ୍ଷେପ ନେଇନଥିବା ଯୋଗୁଁ ବିଧାନସଭାର ଆଲୋଚନା ବେଳେ ବାଚସ୍ପତିଙ୍କ ରୁଲିଂକୁ ନେଇ ବାଚସ୍ପତିଙ୍କ ରୁଲିଂ ଫୁସୁକେଇ ନଯାଉ ବୋଲି ଯେଉଁ ଆଶଙ୍କା ପ୍ରକଟ କରିଥିଲେ ଏବେ ସେହି ଆଶଙ୍କା ସତ୍ୟରେ ପରିଣତ ହୋଇଛି ବୋଲି ରାଜ୍ୟର ସାମ୍ବାଦିକମାନଙ୍କ ମଧ୍ୟରେ ମତ ପ୍ରକାଶ ପାଇବାରେ ଲାଗିଛି ।

ବିଭିନ୍ନ ସମୟରେ ବିଧାନସଭାରେ ଆଲୋଚନା ହୋଇଛି । ସଦସ୍ୟମାନଙ୍କ ଉଦବେଗ ଥିଲା ବାଚସ୍ପତି ଯେଉଁ ରୁଲିଂ ଦେଉଛନ୍ତି ତାକୁ ସରକାର ଠିକ୍ ଭାବେ ପାଳନ କରୁନାହାନ୍ତି । ତେଣୁ ଜଟିଳ ପରିସ୍ଥିତି ସୃଷ୍ଟି ହେଉଛି ଏବଂ ଗୃହର ମର୍ଯ୍ୟାଦା ହାନୀ ହେଉଛି । ବାଚସ୍ପତି ଗତକାଲି ଦେଇଥିବା ନିର୍ଦ୍ଦେଶ ଯେପରି ଠିକ୍ ଭାବେ କାର୍ଯ୍ୟକାରୀ ହେବ ସେଥିପାଇଁ ଉଭୟ ଶାସକ ଓ ବିରୋଧୀ ସାହାଯ୍ୟ ଦାବି କରିଥିଲେ ।

ବିଜେଡ଼ି ବିଧାୟକ ପ୍ରଦୀପ ମହାରଥୀ ସାମ୍ବାଦିକମାନଙ୍କ ପ୍ରସଙ୍ଗ ଉଠାଇ କହିଥିଲେ ଯେ, କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯାଉ, ଚଳିତ ଆର୍ଥିକ ବର୍ଷରୁ ପେନସନ୍ ପ୍ରଦାନ, କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ଓ କଲ୍ୟାଣ ପାଣ୍ଠି ନିୟମ ସରଳୀକରଣ ପାଇଁ ଦାବି କରାଯାଇଛି । ମୁଖ୍ୟମନ୍ତ୍ରୀଙ୍କ ସମସ୍ତଙ୍କ ଦାବୀ ପୂରଣ କରୁଛନ୍ତି । ସାମ୍ବାଦିକମାନଙ୍କୁ ଅବହେଳା କରିବା ଆଦୌ ଉଚିତ ନୁହେଁ । ସେ କହିଥିଲେ ଯେ, ସାମ୍ବାଦିକମାନେ ନ୍ୟାଯ୍ୟ ଦାବି ଉପସ୍ଥାପନ କରୁଛନ୍ତି । ମାନ୍ୟବର ବାଚସ୍ପତି ମଧ୍ୟ ସରକାରଙ୍କୁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାଚସ୍ପତିଙ୍କ ଏହି ନିର୍ଦ୍ଦେଶ ଫୁସକି ନଯାଉ । ଏହାକୁ ସରକାର କାର୍ଯ୍ୟକାରୀ କରାନ୍ତୁ । ଅପରାହ୍ନ ଅଧିବେଶନରେ ବିରୋଧୀ ଦଳ ନେତା ଭୁପିନ୍ଦର ସିଂହ ପୁନର୍ବାର ଏହି ପ୍ରସଙ୍ଗ ଉଠାଇ ସରକାର ସାମ୍ବାଦିକମାନଙ୍କ ଦାବି ଉପରେ କଣ ପଦକ୍ଷେପ ନେଉଚନ୍ତି ତାହା ଜାଣିବାକୁ ଚାହିଁଥିଲେ । ସେ କହିଥିଲେ ଯେ, ବିଧାନସଭା ଅଧିବେଶନ ଆଜି ଶେଷ ହେଉଛି । ସରକାର ସାମ୍ବାଦିକମାନଙ୍କ ସମସ୍ୟା ପ୍ରତି କେତେ ସମ୍ବେଦନଶୀଳ ତାହା ପ୍ରକାଶ କରନ୍ତୁ । ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରସାଦ ହରିଚନ୍ଦନ କହିଥିଲେ ଯେ, ଉଭୟ ପ୍ରିଣ୍ଟ ଓ ଇଲେକ୍ଟ୍ରୋନିକ୍ ଗଣମାଧ୍ୟମର ପ୍ରତିନିଧିମାନେ ଗତ ୧୩ ବର୍ଷ ହେଲା ସରକାରୀ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ସେମାନଙ୍କୁ ସରକାରୀ ବାସଗୃହ ଯୋଗାଇଦେବା କ୍ଷେତ୍ରରେ ସରକାର ନୂଆ ନୀତି କରାଯିବା ଆଳ କରି ସରକାର ସବୁ ପ୍ରକ୍ରିୟା ବନ୍ଦ ରଖିଛନ୍ତି । କେତେଦିନ ଏମିତି ସରକାର ସାମ୍ବାଦିକମାନଙ୍କୁ ବାସଗୃହ ସୁବିଧାରୁ ବଂଚିତ କରିବେ ? ଶ୍ରୀ ହରିଚନ୍ଦନ କହିଥିଲେ ଯେ, ପ୍ରଚଳିତ ନୀତି ଅନୁସାରେ ସରକାର ସାମ୍ବାଦିକମାନଙ୍କୁ ବାସଗୃହ ତୁରନ୍ତ ଯୋଗାଇ ଦିଅନ୍ତୁ ଓ ପେନସନ୍ ପ୍ରଦାନ ସହିତ ସାମ୍ବାଦିକ କଲ୍ୟାଣ ପାଣ୍ଠିର ନିୟମ ସଂଶୋଧନ କରନ୍ତୁ ।

ଅବସରପ୍ରାପ୍ତ ତଥା ବୟୋବୃଦ୍ଧ ସାମ୍ବାଦିକମାନଙ୍କୁ ତୁରନ୍ତ ପେନସନ୍ ଦେବା ବ୍ୟବସ୍ଥା କରିବା, ସାମ୍ବାଦିକମାନଙ୍କ ବୃତ୍ତିଗତ ଓ ସାମାଜିକ ସୁରକ୍ଷା ନେଇ ସ୍ୱତନ୍ତ୍ର ଆଇନ ପ୍ରଣୟନ କରିବା, ସାମ୍ବାଦିକ ଚିହ୍ନଟ ପ୍ରକିୟା ତୁରନ୍ତ ଶେଷ କରିବା, ସାମ୍ବାଦିକମାନଙ୍କୁ ବୀମାଭୁକ୍ତ କରିବା, ବ୍ଲକରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ସାମ୍ବାଦିକମାନଙ୍କୁ ଆବାସିକ ସୁବିଧା ଦେବା, ରାଜ୍ୟରେ ଏକ ପ୍ରେସ୍ ଏକାଡ଼େମୀ ଗଠନ କରିବା, ସାମ୍ବାଦିକ କଲ୍ୟାଣ ପାଣ୍ଠିକୁ ସରଳୀକରଣ କରିବା ପ୍ରଭୃତି ବିଭିନ୍ନ ଦାବି ନେଇ ବହୁ ବର୍ଷ ହେଲା ସରକାରଙ୍କ ଠାରେ ଦାବି ହୋଇଆସୁଛି ।

ସାମ୍ବାଦିକ ପେନସନକୁ ନେଇ ୪୦ ବର୍ଷ ଧରି ପ୍ରତାରଣା : ରାଜ୍ୟର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସାମାଜିକ ସୁରକ୍ଷ ପ୍ରଦାନ ଲାଗି ମାସିକ ପେନସନ୍ ଦେବା ସକାଶେ ଦୀର୍ଘ ୪୦ ବର୍ଷ ଧରି ରାଜ୍ୟ ସରକାର ଅବିଚାର କରିଆସୁଛନ୍ତି । ଓଡ଼ିଶା ବ୍ୟତିତ ଦେଶର ବିଭିନ୍ନ ରାଜ୍ୟ ସରକାରମାନେ ସଂପୃକ୍ତ ରାଜ୍ୟର ସାମ୍ବାଦିକ ତଥା ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଲାଗି ବିଭିନ୍ନ ସୁବିଧା ସୁଯୋଗ ଦେଇ, ବହୁବିଧ ପଦକ୍ଷେପମାନ ନେଇ ଆସିଥିବା, ଏପରିକି ତାମିଲନାଡୁ ରାଜ୍ୟ ସରକାର ସଂପୃକ୍ତ ରାଜ୍ୟର ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ୍ ଦେଉଥିବା ଏବଂ ଆମ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗ ସରକାର କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକମାନଙ୍କୁ ମାସିକ ୨ ହଜାର ଟଙ୍କା ପେନସନ୍ ଦେଇ ଆସୁଛନ୍ତି । ତେବେ ଓଡ଼ିଶା ରାଜ୍ୟ ସରକାର ବିଗତ ୪୦ ବର୍ଷ ଧରି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ପେନସନ ଦେବା କ୍ଷେତ୍ରରେ କେବଳ ମିଥ୍ୟା ପ୍ରତିଶ୍ରୁତି ଦେଇ ପ୍ରତାରଣା କରି ଆସୁଛନ୍ତି ।

୧୯୭୫ ମସିହା ଠାରୁ ୨୦୧୩ ମସିହା ପର୍ଯ୍ୟନ୍ତ ଦୀର୍ଘ ୩୮ ବର୍ଷ ଧରି ରାଜ୍ୟରେ ଏକ ସାମ୍ବାଦିକ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ଲଗାତାର ଦାବି ହୋଇଆସିଛି । ୧୯୮୧ ମସିହା ଠାରୁ ୨୦୦୦ ମସିହା ମଧ୍ୟରେ ଚାରି ଚାରି ଜଣ ମୁଖ୍ୟମନ୍ତ୍ରୀ ଏଥିପାଇଁ ପ୍ରତିଶ୍ରୁତି ଦେଇଆସିଥିଲେ ମଧ ତାହା କାର୍ଯ୍ୟକାରୀ ହୋଇନାହିଁ । ସର୍ବପ୍ରଥମେ ୧୯୮୧ ମସିହାରେ ତା. ୧୫.୩.୧୯୮୧ ରିଖରେ ଭୁବନେଶ୍ୱର ଠାରେ ଅନୁଷ୍ଠିତ ଉକଳ ସାମ୍ବାଦିକ ସଂଘର ୨୮ତମ ବାର୍ଷିକ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତକାଳୀନ ରାଜ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ପେନସନ ଦେବା ପାଇଁ ପଦକ୍ଷେପ ନେଉଛନ୍ତି ଓ ଏହା ଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ । ୧୯୯୧ ମସିହାରେ ତା. ୧୨.୧.୧୯୯୧ ରିଖ ତକାଳୀନ ରାଜ୍ୟ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକ ଆସିକା ଚିନିଶିଳ୍ପ ଅତିଥି ଭବନରେ ଅନୁଷ୍ଠିତ ମିଟ୍ ଦି ପ୍ରେସ୍ କାର୍ଯ୍ୟକ୍ରମରେ ଓଡ଼ିଶାର ପେସାଦାର ସାମ୍ବାଦିକମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ପେନସନ୍ ଯୋଜନା କାର୍ଯ୍ୟକାରୀ କରାଯିବ ବୋଲି ଘୋଷଣା କରିଥିଲେ । ୨୦୦୦ ମସିହାରେ ନୂଆବର୍ଷ ଉପଲକ୍ଷେ ୧.୧.୨୦୦୦ ତାରିଖରେ ତକାଳୀନ ମୁଖ୍ୟମନ୍ତ୍ରୀ ଶ୍ରୀ ହେମାନନ୍ଦ ବିଶ୍ୱାଳ ଏକ ସରକାରୀ ବିଜ୍ଞପ୍ତିରେ (ବିଭିନ୍ନ ସମ୍ବାଦପତ୍ରରେ ବିଜ୍ଞାପନ ରୂପେ ପ୍ରକାଶ ପାଇଥିଲା) ସାମ୍ବାଦିକ ପେନସନ୍ ଯୋଜନା ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବା ଘୋଷଣା କରିଥିଲେ । ତେବେ ଏସବୁ ପ୍ରତିଶ୍ରୁତି ପ୍ରତିଶ୍ରୁତିରେ ହିଁ ରହିଥିଲା । ସେହି ୨୦୦୦ ମସିହା ତା. ୧.୫.୨୦୦୦ ତାରିଖରେ ମଇ ମାସ ୧ ତାରିଖରେ ବିଶ୍ୱ ଶ୍ରମିକ ଦିବସ ଉପଲକ୍ଷେ ଭୁବନେଶ୍ୱର ଠାରେ ଉକଳ ସାମ୍ବାଦିକ ସଂଘ ପକ୍ଷରୁ ଅନୁଷ୍ଠିତ ଶ୍ରମିକ ଦିବସ ଉତ୍ସବରେ ତକାଳୀନ ମୁଖ୍ୟମନ୍ତ୍ରୀ ତଥା ଆଜିର ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଓଡ଼ିଶାର ସାମ୍ବାଦିକମାନଙ୍କ ପାଇଁ ପେନସନ୍ ଯୋଜନା କାର୍ଯ୍ୟକାରୀ କରିବା ସକାଶେ ରାଜ୍ୟ ସରକାର ସଂକଳ୍ପବଦ୍ଧ ବୋଲି ଘୋଷଣା କରିଥିଲେ । ତେବେ ଦୀର୍ଘ ୧୩ ବର୍ଷ ବିତିଯାଇଥିଲେ ମଧ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ । ଏଥି ମଧ୍ୟରେ ରାଜ୍ୟର ବହୁ ସାମ୍ବାଦିକ ବୃଦ୍ଧାବସ୍ଥାରେ ନାନା ପ୍ରକାର ଆର୍ଥିକ ଅନାଟନ ଓ ରୋଗ ବ୍ୟାଧୀରେ ପଡ଼ି ମରି ହଜିଗଲେଣି । ସାମ୍ବାଦିକମାନଙ୍କ ଲଗାତାର ଦାବି ଫଳରେ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ସକାଶେ ସରକାରୀ ସ୍ତରରେ ଗତ ୧.୧.୨୦୦୫ ତାରିଖରେ ଏକ ସାମ୍ବିଧାନିକ ପରାମର୍ଶଦାତା କମିଟି ଗଠନ କରାଯାଇଥିଲା । ସାମ୍ବାଦିକଙ୍କୁ ପେନସନ୍ ଦେବା ପରାମର୍ଶଦାତା କମିଟିରେ ରାଜ୍ୟ ସରକାରଙ୍କ ଉନ୍ନୟନ କମିଶନର ତଥା ଅତିରିକ୍ତ ଶାସନ ସଚିବ ଚେୟାରମ୍ୟାନ୍ ରୂପେ ରହିଥିଲା ବେଳେ ଅର୍ଥ ବିଭାଗ ସଚିବ, ଶ୍ରମ ବିଭାଗର ସଚିବ, ସୂଚନା ଓ ଲୋକ ସଂପର୍କ ବିଭାଗର ସଚିବ ଏବଂ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଏହି ସାମ୍ବାଦିକ ପେନସନ୍ କମିଟିରେ ସରକାରୀ ସଭ୍ୟ ରୂପେ ନିଯୁକ୍ତି ପାଇଥିଲା ବେଳେ, ବେସରକାରୀ ସଭ୍ୟ ରୂପେ ଧରିତ୍ରୀର ସଂପାଦକ ତଥାଗତ ଶତପଥୀ, ପ୍ରଜାତନ୍ତ୍ର ପ୍ରଚାର ସମିତିର ଚେୟାରମ୍ୟାନ୍ ଭର୍ତ୍ତୃହରି ମହତାବ, ପ୍ରଗତିବାଦୀରୁ ଲଳିତ ମୋହନ ପାଟ୍ଟଯୋଶୀ, ସମୟରୁ କେନ୍ଦ୍ର ମୁଖ୍ୟ ଅମ୍ବିକା ପ୍ରସାଦ ଦାଶଙ୍କୁ ନେଇ ଏକ ୯ ଜଣିଆ କମିଟି ସରକାର ଗଠନ କରିଥିଲେ । ରାଜ୍ୟ ସରକାରଙ୍କ ଦ୍ୱାରା ଗଠିତ ଏହି କମିଟି ସଂପର୍କରେ ସୂଚନା ଓ ଲୋକ ସଂପର୍କ ବିଭାଗର ନୋଟିଫିକେସନ୍ ନଂ.୨୭୦୮୨-ପିସି/୩୩/୨୦୦୫ ଆଇପିଆରରେ ଘୋଷଣା କରାଯାଇଥିଲା ବେଳେ ରାଜ୍ୟ ସରକାରଙ୍କ ଅତିରିକ୍ତ ଓଡ଼ିଶା ଗେଜେଟରେ ମଧ୍ୟରେ ପ୍ରକାଶ ପାଇଥିଲା । ରାଜ୍ୟର ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ସରକାର ପେନସନ୍ ଦେବା ପାଇଁ, ଏହି ପରାମର୍ଶଦାତା କମିଟି ଗଠନ କରିଥିଲେ ମଧ୍ୟ ଗଠିତ କମିଟିର ଆନ୍ତରିକତା ଅଭାବରୁ ଏହା ସ୍ଥାରୁ ପାଲଟିଗଲା । ପରବର୍ତ୍ତୀ ଅବସ୍ଥାରେ ବିଭିନ୍ନ ସାମ୍ବାଦିକ ସଂଗଠନ ପକ୍ଷରୁ ପୁଣି ପେନସନ ଯୋଜନାକୁ ନେଇ ଦାବି ହେବା ଫଳରେ ୨୨.୫.୨୦୦୭ ତାରିଖରେ ତକାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ଦେବାଶିଷ ନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟ ଗସ୍ତରେ ଯାଇ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ପେନସନ୍ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଓ ପେନସନ୍ ସଂପର୍କରେ ଅନୁଧାନ କରି ଫେରିଥିଲେ । ତେବେ କ୍ଷୋଭର କଥା କମ୍ପ୍ୟୁଟର ମାଧ୍ୟମରେ ୱେବସାଇଟ୍ ଦ୍ୱାରା ବିଭିନ୍ନ ରାଜ୍ୟରେ ସାମ୍ବାଦିକମାନଙ୍କୁ ଦିଆଯାଉଥିବା ସୁବିଧା ସୁଯୋଗ ସଂପର୍କରେ ତତ୍କ୍ଷଣାତ୍ ଉପଲବ୍ଧି ହେଉଥିଲେ ମଧ୍ୟ ଓଡ଼ିଶା ସରକାର ତାହା ନକରି ଅଯଥା ସରକାରୀ ଅର୍ଥ ଶ୍ରାଦ୍ଧ କରି ବିଭାଗୀୟ ମନ୍ତ୍ରୀଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବିଭିନ୍ନ ରାଜ୍ୟ ଗସ୍ତ କରି ଫେରିଲେ ଓ ସରକାରଙ୍କ ସେମାନଙ୍କ ଅନୁଧାନ ରିପୋର୍ଟ ମଧ୍ୟ ଦେଲେ । ଅଥଚ ସରକାର କିମ୍ବା ସରକାରଙ୍କ ପେନସନ୍ କମିଟି କୌଣସି ପଦକ୍ଷେପ ନନେଇ ନୀରବ ରହିଲେ । ପରବର୍ତ୍ତୀ ଅବସ୍ଥାରେ ଗତ ୨୦୧୦-୧୧ ବର୍ଷ ପାଇଁ ୨୦୧୦ ମାର୍ଚ୍ଚ ମାସରେ ଅନୁଷ୍ଠିତ ବିଧାନସଭାର ଆର୍ଥିକ ବଜେଟରେ ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ପେନସନ୍ ଦେବା ଓ ସ୍ୱାସ୍ଥ୍ୟବୀମା ଯୋଜନା କାର୍ଯ୍ୟକାରୀ କରିବା ସକାଶେ ୨୦ ଲକ୍ଷ ଟଙ୍କା ଆର୍ଥିକ ବଜେଟରେ ପ୍ରଦାନ କଲେ ଅଥଚ ବଜେଟରେ ୨୦ ଲକ୍ଷ ଟଙ୍କା ମଞ୍ଜୁର ହେବାର ୩ ବର୍ଷ ବିତିଯାଇଥିଲେ ମଧ୍ୟ ପେନସନ୍ ଯୋଜନା କାର୍ଯ୍ୟକାରୀ ହେଲା ନାହିଁ । ପରବର୍ତ୍ତୀ ଅବସ୍ଥାରେ ସାମ୍ବାଦିକମାନଙ୍କ ସମସ୍ୟା ସମାଧାନ ପାଇଁ ମନ୍ତ୍ରୀସ୍ତରୀୟ ବୈଠକ ଖୁବ୍‌ଶୀଘ୍ର ଡ଼କାଯିବ ବୋଲି ତକାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ଘୋଷଣା କରିଥିଲେ ମଧ୍ୟ ମନ୍ତ୍ରୀସ୍ତରୀୟ ବୈଠକ ଡ଼କାଗଲା ନାହିଁ । ୨୦୧୦ ମସିହା ଡ଼ିସେମ୍ବର ମାସ ୧୫ ତାରିଖରେ ଅନୁଷ୍ଠିତ ବିଧାନସଭାରେ ସାମ୍ବାଦିକମାନଙ୍କ ସମସ୍ୟା ତୁରନ୍ତ ଦୂର କରି ପେନସନ୍ ଦେବା ପାଇଁ ବିରୋଧୀ ଦଳ ନେତା ଭୁପିନ୍ଦର ସିଂଙ୍କ ସମେତ ବହୁ ମାନ୍ୟବର ସରକାରୀ ଓ ବିରୋଧ ଦଳର ବିଧାୟକ ବୃନ୍ଦ ବିଧାନସଭାରେ ସରଗରମ ଆଲୋଚନା କରି ସରକାର ତୁରନ୍ତ ଏକ ଗୃହ କମିଟି ଗଠନ କରିବା ପାଇଁ ମଧ୍ୟ ଦାବି କଲେ । ଅଥଚ ସରକାର ସୁଣ୍ଢି କାନ ପରି ସବୁ ଶୁଣି ସବୁ ଜାଣି ଅଜଣା ହୋଇ ରହିଲେ । ଚଷୁକୁଟା ହିଁ ସାର ହେଲା । ରାଜ୍ୟ ସରକାରଙ୍କ ଏହିପରି ନୀରବତା ରାଜ୍ୟର ବହୁ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କ ମନକୁ ଗଭୀର ଆଘାତ ଦେଇଥିଲା ବେଳେ ହତାଶ ମନୋଭାବ ସୃଷ୍ଟି କଲା । ରାଜ୍ୟ ସରକାରଙ୍କ ଏପରି ନୀରବତା ଅବଲମ୍ବନ କରିଥିଲା ବେଳେ ତାମିଲନାଡୁ ସରକାର ସେହି ରାଜ୍ୟର ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ଅର୍ଥାତ୍ ଖବରକାଗଜର ସଂପାଦକ, ସହ ସଂପାଦକ, ବାର୍ତ୍ତା ସଂପାଦକ, ସାମ୍ବାଦିକ, ପ୍ରେସ ଫଟୋଗ୍ରାଫର, ପ୍ରୁଫ ରିଡ଼ର ଶ୍ରେଣୀର ସମସ୍ତ ସାମ୍ବାଦିକମାନଙ୍କୁ ଯେଉଁ ମାନଙ୍କର ବୟସ ୫୮ ବର୍ଷ ହୋଇଥିବ ଏବଂ ୨୦ ବର୍ଷ ସାମ୍ବାଦିକତା କରିଥିବେ, ସେମାନଙ୍କୁ ତାମିଲନାଡୁ ସରକାର ମାସିକ ୫ ହଜାର ଟଙ୍କା ପେନସନ ଦେଉଛନ୍ତି । ଏହା ବ୍ୟତୀତ ପରିବାର ପେନସନ୍ ଦେବା ସଂଗେ ସଂଗେ ୨୦ ବର୍ଷ କାର୍ଯ୍ୟ କରିଥିବା କୌଣସି ସାମ୍ବାଦିକ ଯଦି ପ୍ରାଣ ହରାନ୍ତି ତେବେ ତାଙ୍କ ପରିବାରଙ୍କୁ ୨ ଲକ୍ଷ ଟଙ୍କା, ୧୫ ବର୍ଷ କାର୍ଯ୍ୟ କରିଥିବା ସାମ୍ବାଦିକ ଯଦି ପ୍ରାଣ ହରାନ୍ତି ତେବେ ୧ ଲକ୍ଷ ୫୦ ହଜାର ଟଙ୍କା, ୧୦ ବର୍ଷ ସାମ୍ବାଦିକତା କ୍ଷେତ୍ରରେ ୧ ଲକ୍ଷ ଟଙ୍କା ଏକ୍ସଗ୍ରାସିଆ ପ୍ରଦାନ କରୁଛନ୍ତି । ତାମିଲନାଡୁରେ ପେନସନ୍ ପାଇବାକୁ ଯୋଗ୍ୟ ବିବେଚିତ ସାମ୍ବାଦିକମାନେ ଆବଶ୍ୟକୀୟ ପ୍ରମାଣପତ୍ର ସହ ସିଧାସଳଖ ସେଠିକାର ନିର୍ଦ୍ଦେଶକ ସୂଚନା ଓ ଲୋକ ସଂପର୍କ ବିଭାଗକୁ ଆବେଦନ କରିପାରିବେ ଓ ବିଭାଗୀୟ କର୍ତ୍ତୃପକ୍ଷ ଜିଲ୍ଲାପାଳ ଓ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଅଫିସରଙ୍କ ଦ୍ୱାରା ଦରଖାସ୍ତ ଗୁଡ଼ିକର ଯାଞ୍ଚ ପରେ ସେମାନଙ୍କ ସୁପାରିଶ କ୍ରମେ ତାମିଲନାଡୁ ସରକାର ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ବର୍ତ୍ତମାନ ମାସିକ ୫ ହଜାର ଟଙ୍କା ପେନସନ ଦେଇ ଆସୁଛନ୍ତି । ଯାହାକି ତାମିଲନାଡୁ ସରକାର ସୂଚନା, ପର୍ଯ୍ୟଟନ ଓ ଲୋକସଂପର୍କ ବିଭାଗ ଜିଓ-ଏମ୍‌ଏସ୍ ନଂ.୯୮ ତା. ୧୭.୪.୧୯୯୭ରେ ସରକାରୀ ନୋଟିଫିକେସନ୍‌ରେ ଘୋଷଣା କରାଯାଇଛି । ସେହିଭଳି ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗରେ ପଶ୍ଚିମବଙ୍ଗ ରାଜ୍ୟ ସରକାର ସୂଚନା ଓ ସଂସ୍କୃତି ବିଭାଗ ପକ୍ଷରୁ ନୋଟିଫିକେସନ୍ ନଂ.୨୭୨୫/ଆଇସିଏ ତା. ୧୩.୧୦.୨୦୧୦ରେ ଘୋଷଣା କରାଯାଇଥିବା ନୋଟିଫିକେସନ୍ ନଂ.୩୨୧୯ ଆଇସିଏ ତା. ୦୯.୧୨.୨୦୧୦ରେ ପଶ୍ଚିମବଙ୍ଗ ରାଜ୍ୟରେ କେବଳ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ, ପ୍ରେସ୍ ଫଟୋଗ୍ରାଫର ଯେଉଁମାନଙ୍କ ବୟସ ୬୦ ବର୍ଷ ହୋଇଥିବ ଏବଂ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ଭାବେ ଅନ୍ତତଃ ୧୦ ବର୍ଷ ସାମ୍ବାଦିକତା କରିଥିବେ ସେମାନଙ୍କୁ ୦୧.୦୪.୨୦୦୬ ମସିହା ଠାରୁ ମାସିକ ୨ ହଜାର ଟଙ୍କା ପେନସନ ଦେବା ପାଇଁ ସରକାରୀ ଘୋଷଣା କରାଯାଇ ସେହି ଅନୁକ୍ରମରେ ସମସ୍ତ ସରକାରୀ ସ୍ୱୀକୃତିପ୍ରାପ୍ତ ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ୨୦୦୬ ମସିହାରୁ ମାସିକ ୨ ହଜାର ଟଙ୍କା ପେନସନ ଦିଆଯାଉଛି । ଏପରି କ୍ଷେତ୍ରରେ ଓଡ଼ିଶା ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ପେନସନ୍ ଦେବାକୁ ନେଇ ଦୀର୍ଘ ୩୫ ବର୍ଷ ଧରି ଯେପରି ଟାଳଟୁଳ ନୀତି ଅବଲମ୍ବନ କରିଆସୁଛନ୍ତି ଏପରିକି ୨୦୧୦ ମସିହା ମାର୍ଚ୍ଚ ମାସର ବଜେଟରେ ସାମ୍ବାଦିକଙ୍କୁ ପେନସନ ଦେବା ସକାଶେ ୨୦ ଲକ୍ଷ ଟଙ୍କା ମଞ୍ଜୁରୀ କରାଯାଇଥିଲେ ମଧ୍ୟ ରାଜ୍ୟର ଅବସରପ୍ରାପ୍ତ ବୃଦ୍ଧ ସାମ୍ବାଦିକ ମାନଙ୍କୁ କାହିଁକି ଯେ, ପେନସନ୍ ଦିଆଯାଇପାରୁ ନାହିଁ ତାହା ସାମ୍ବାଦିକ ମହଲରେ ବିସ୍ମୟ ସୃଷ୍ଟି କରିଥିବା ସଂଗେ ସଂଗେ ହତାଶ ମନୋଭାବ ସୃଷ୍ଟି କରିଛି । ୨୦୧୨ ମସିହା ମଇ ପହିଲାରେ ମଇ ଦିବସ ଉପଲକ୍ଷେ କଟକ ପ୍ରେସ କ୍ଲବରେ ଅନୁଷ୍ଠିତ ଶ୍ରମଜୀବୀ ସାମ୍ବାଦିକମାନଙ୍କ ଏକ ସମାବେଶରେ ମୁଖ୍ୟଅତିଥି ଭାବେ ଯୋଗଦେଇ ତତ୍କାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ସୂର୍ଯ୍ୟନାରାୟଣ ପାତ୍ର ବହୁ ସାମ୍ବାଦିକ, ବହୁ ବିଧାୟକ, ବହୁ ଶ୍ରମିକ ନେତାମାନଙ୍କ ଉପସ୍ଥିତିରେ ଘୋଷଣା କରିଥିଲେ ଯେ, ରାଜ୍ୟର ଅବସରପ୍ରାପ୍ତ ପେଷାଦାର ସାମ୍ବାଦିକମାନଙ୍କୁ ମାସିକ ପେନସନ୍ ପ୍ରଦାନ ବ୍ୟବସ୍ଥା କରିବାକୁ ଆଉ ମାତ୍ର ଦୁଇ ମାସ ମଧ୍ୟରେ ସରକାର ଚୁଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିବେ ବୋଲି ଘୋଷଣା କରିଥିଲେ । କିନ୍ତୁ ଏଥିମଧ୍ୟରେ ୧୪ ମାସ ବିତିଯାଇଥିଲେ ସୁଦ୍ଧା ତାହା ହାତୀ-ପା-ଫୁ ହେଲା ସିନା ସାମ୍ବାଦିକ ପେନସନ ଯୋଜନା କାର୍ଯ୍ୟକାରୀ ହେଲା ନାହିଁ କିମ୍ବା ପେନସନ୍ ଯୋଜନାକୁ ନେଇ କେହି ନାମଗନ୍ଧ ମଧ୍ୟ ନେଲେ ନାହିଁ । ତେବେ ବହୁ ବିଳମ୍ବରେ ହେଲେ ମଧ୍ୟ ବର୍ତ୍ତମାନ ରାଜ୍ୟ ସରକାର ତାମିଲନାଡୁ ସରକାର କିମ୍ବା ପଶ୍ଚିମବଙ୍ଗ ସରକାରଙ୍କ ସାମ୍ବାଦିକ ପେନସନ୍ ଯୋଜନା ଅନୁଯାୟୀ ସେହି ପଦାଙ୍କ ଅନୁସରଣ କରି ତୁରନ୍ତ ଓଡ଼ିଶାର ଅବସରପ୍ରାପ୍ତ ବୃଦ୍ଧ ସାମ୍ବାଦିକମାନଙ୍କୁ ପେନସନ୍ ଦେବା ବ୍ୟବସ୍ଥା କରନ୍ତୁ । ବର୍ତ୍ତମାନ ଯେଉଁ ସାମ୍ବାଦିକମାନେ ବାର୍ଦ୍ଧକ୍ୟ ତାଡ଼ନା, ଉପାର୍ଜନ ଅସମର୍ଥତା ଯୋଗୁଁ ଆର୍ଥିକ ଅନାଟନ, ରୋଗବ୍ୟାଧିରେ ଓ ନାନା ଦୁର୍ଦ୍ଦଶାରେ ବଂଚି ରହିଛନ୍ତି ସେହି ଅବସରପ୍ରାପ୍ତ ସାମ୍ବାଦିକମାନଙ୍କୁ ତାମିଲନାଡୁ ସରକାରଙ୍କ ସାମ୍ବାଦିକ ପେନସନ୍ ଯୋଜନା ଅନୁଯାୟୀ ଯେଉଁମାନେ ଅନ୍ତତଃ ୧୦ ବର୍ଷ ସରକାରୀ ସ୍ୱୀକୃତିପ୍ରାପ୍ତ ସାମ୍ବାଦିକ ରୂପେ କାର୍ଯ୍ୟ କରିଥିବେ ସେମାନଙ୍କୁ ମାସିକ ୫ ହଜାର ଟଙ୍କା ପେନସନ୍ ଦେବା ବ୍ୟବସ୍ଥା ତୁରନ୍ତ କରନ୍ତୁ । ଏହାଛଡ଼ା ରାଜ୍ୟର ସାମ୍ବାଦିକ ଚିହ୍ନଟ ପ୍ରକ୍ରିୟା କାର୍ଯ୍ୟ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକ ସଂପର୍କ ବିଭାଗ ପକ୍ଷରୁ ତ୍ୱରାନ୍ୱିତ କରାଯାଇ ସାମ୍ବାଦିକମାନଙ୍କ ନାମତାଲିକା ଘୋଷଣା କରିବା ସଂଗେ ସଂଗେ ସାମ୍ବାଦିକମାନଙ୍କ ସାମାଜିକ ସୁରକ୍ଷା ପ୍ରଦାନର ବ୍ୟବସ୍ଥା, ସବୁ ଶ୍ରେଣୀର ସାମ୍ବାଦିକମାନଙ୍କୁ ବ୍ଲକ ଠାରୁ ରାଜ୍ୟସ୍ତରୀୟ ପର୍ଯ୍ୟନ୍ତ ସରକାରୀ ବାସଗୃହ ଯୋଗାଇବା ବ୍ୟବସ୍ଥା, ସାମ୍ବାଦିକମାନଙ୍କ ବୀମା ବ୍ୟବସ୍ଥା, ସାମ୍ବାଦିକ କଲ୍ୟାଣ ପାଣ୍ଠିର ସରଳୀକରଣ ବ୍ୟବସ୍ଥା, କାର୍ଯ୍ୟକ୍ଷେତ୍ରକୁ ଗଲାବେଳେ ସରକାରୀ ଓ ଘରୋଇ ଯାତ୍ରୀବାହୀ ବସରେ ମାଗଣା ଯାତାୟତର ବ୍ୟବସ୍ଥା, ସରକାର ତୁରନ୍ତ ଅଧୀସ୍ୱୀକୃତି କମିଟି ଗଠନ କରିବା ଓ ସେଥିରେ ବିଭିନ୍ନ ସାମ୍ବାଦିକ ସଂଗଠନ ଗୁଡ଼ିକର ପ୍ରତିନିଧିମାନଙ୍କୁ କମିଟିର ସଭ୍ୟ ରୂପେ ରଖିବା, ପ୍ରତ୍ୟେକ ସରକାରୀ ହସ୍ପିଟାଲରେ ଅଗ୍ରାଧିକାର ଭିତ୍ତିରେ ମାଗଣା ଚିକିତ୍ସା ବ୍ୟବସ୍ଥା ସହ ଅନ୍ୟାନ୍ୟ ସମସ୍ୟା ଗୁଡ଼ିକ ତୁରନ୍ତ ଦୂର କରିବା ପାଇଁ ସାମ୍ବାଦିକ ମାନଙ୍କ ମହଲରେ ଦୃଢ଼ ଦାବି ହୋଇଆସୁଛି । ପୂର୍ବରୁ ରାଜ୍ୟର ସାମ୍ବାଦିକମାନଙ୍କ ସମସ୍ୟା ଓ ପ୍ରତିକାର ପାଇଁ ଏକ ଖୋଲାଚିଠି ମାଧ୍ୟମରେ ମୁଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ, ତତ୍କାଳୀନ ସୂଚନା ଓ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ସୂର୍ଯ୍ୟ ନାରାୟଣ ପାତ୍ର ଏବଂ ପରବର୍ତ୍ତୀ ସମୟରେ ବର୍ତ୍ତମାନର ସୂଚନା ଓ ଲୋକ ସଂପର୍କ ମନ୍ତ୍ରୀ ଶ୍ରୀ ଅରୁଣ କୁମାର ସାହୁ ଏବଂ ବିରୋଧୀ ଦଳ ନେତା ଶ୍ରୀ ଭୁପୁନ୍ଦର ସିଂହଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । କିନ୍ତୁ କ୍ଷୋଭର କଥା ଖୋଦ୍ ମୁଖ୍ୟମନ୍ତ୍ରୀ ଓ ସୂଚନା ଏବଂ ଲୋକ ସଂପର୍କ ବିଭାଗ ମନ୍ତ୍ରୀ ଦ୍ୱୟ ସାମ୍ବାଦିକମାନଙ୍କ ସମସ୍ୟା ଦୂର କରିବା ଦିଗରେ ପଦକ୍ଷେପ ନେବା ତ ଦୂରର କଥା ମୋ ଦ୍ୱାରା ପ୍ରେରିତ ଖୋଲାଚିଠିର ପ୍ରାପ୍ତି ସ୍ୱୀକାର ମଧ୍ୟ କଲେ ନାହିଁ । ତେବେ ବିରୋଧୀ ଦଳ ନେତା ଶ୍ରୀ ଭୁପିନ୍ଦର ସିଂହଙ୍କ ଠାରୁ ପ୍ରାପ୍ତିସ୍ୱୀକାର ସହ ରାଜ୍ୟର ସାମ୍ବାଦିକ ମାନଙ୍କ ସମସ୍ୟା ଦୂର କରିବା ଲାଗି ମୋ ଦ୍ୱାରା ପ୍ରେରିତ ଖୋଲାଚିଠିକୁ ସୁପାରିଶ କରି ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇ କାର୍ଯ୍ୟାନୁଷ୍ଠାନ ନିମନ୍ତେ ସେ ମଧ୍ୟ ଦାବି କରିଥିଲେ । କିନ୍ତୁ ରାଜ୍ୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବିଭାଗୀୟ ମନ୍ତ୍ରୀ ଦ୍ୱୟ କୌଣସି ପ୍ରତିକାର କଲେ ନାହିଁ । ସେ ଯାହା ହେଉ ବହୁ ବିଳମ୍ବରେ ହେଲେ ମଧ୍ୟ ରାଜ୍ୟ ସରକାରଙ୍କୁ ମାନ୍ୟବର ବାଚସ୍ପତି ଶ୍ରୀ ପ୍ରଦୀପ କୁମାର ଅମାତ ରାଜ୍ୟର ସାମ୍ବାଦିକମାନଙ୍କ ବିଭିନ୍ନ ସମସ୍ୟା ତୁରନ୍ତ ଦୂର କରିବା ପାଇଁ ରୁଲିଂ ମାଧ୍ୟମରେ ଯେଉଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର ବିଧାନସଭାର ଗାରିମା ଏବଂ ବାଚସ୍ପତିଙ୍କ ରୁଲିଂକୁ ସମ୍ମାନ ଦେଇ ଯଥାଶୀଘ୍ର ପଦକ୍ଷେପ ନେଲେ ଦୀର୍ଘଦିନ ଧରି ଅବହେଳିତ, ଉପେକ୍ଷିତ ସାମ୍ବାଦିକମାନେ ଉପକୃତ ହୁଅନ୍ତେ ଓ ଅନ୍ୟ ରାଜ୍ୟର ସାମ୍ବାଦିକମାନଙ୍କ ସହ ଆମ ରାଜ୍ୟର ସାମ୍ବାଦିକମାନେ ସମକକ୍ଷ ହୁଅନ୍ତେ ।

ଏଠାରେ ଉଲ୍ଲେଖ କରାଯାଇପାରେ, ଭାରତ ବର୍ଷର ୧୪ଟି ରାଜ୍ୟରେ ସାମ୍ବାଦିକତ ପେନସନ ବ୍ୟବସ୍ଥା ପ୍ରଚଳନ ହୋଇଛି । ଓଡ଼ିଶାରେ ନୂତନ ଭାବେ ଭାଜପା ନେତୃତ୍ୱରେ ସରକାର ଗଠନ ହେବା ପରେ ତତ୍କାଳୀନ ରାଜ୍ୟପାଳ ରଘୁବର ଦାସ ଓ ବାଚସ୍ପତି ସୁରମା ପାଢ଼ୀ ଗତ ନଭେମ୍ବର ୧୬ ତାରିଖ ଜାତୀୟ ପେସ ଦିବସ ପାଳନ ଅବସରରେ ଓଡ଼ିଶାରେ ଖୁବଶୀଘ୍ର ସାମ୍ବାଦିକ ପେନସନ ବ୍ୟବସ୍ଥା ଲାଗୁ କରାଯିବ ବୋଲି ପ୍ରକାଶ କରିଥିଲେ । ଅଦ୍ୟାବଧି ଏ ସମ୍ପର୍କରେ କୌଣସି ନିଷ୍କର୍ଷ ବାହାରିପାରିନାହିଁ ।

+ବରିଷ୍ଠ ସାମ୍ବାଦିକ ତଥା ସମ୍ପାଦକ
ନବୀନ
ବ୍ରହ୍ମପୁର-୭୬୦୦୧୦
ମୋ-୯୮୬୧୦ ୧୩୭୮୦

## ଫ୍ରିଜ୍‌ରେ ଦୀର୍ଘ ଦିନ ଧରି ତାଜା ରହିବ ଫଳ: ଆପଣାନ୍ତୁ ଏହି ଉପାୟ

**ଦୈନନ୍ଦିନ ଜୀବନରେ ଫଳ ବା ପନିପରିବାକୁ ତାଜା ରଖିବା ପାଇଁ ଆମେ ଫ୍ରିଜ୍‌ର ବ୍ୟବହାର କରିଥାଉ । ତେବେ ଅନେକ ସମୟରେ ଫଳ ଓ ପରିବା ଫ୍ରିଜ୍‌ରେ ରଖି ମଧ ଖରାପ ଓ ନଷ୍ଟ ହୋଇଯାଏ । ତେବେ କିଛି ଘରୋଇ ଉପାୟ ସାହାଯ୍ୟରେ ଆମେ ଫଳକୁ ଦୀର୍ଘଦିନ ଧରି ଫ୍ରିଜ୍‌ରେ ରଖିପାରିବା । ତେବେ ଚାଲନ୍ତୁ ଜାଣିବା ଏ ନେଇ କିଛି ଟିପ୍‌ସ ।**



*ଫ୍ରିଜ୍‌ରେ ରଖନ୍ତୁ ନାହିଁ ପିଆଜ*

ଫ୍ରିଜ୍‌ରେ ଫଳ ବା ପନିପରିବା ସବୁବେଳେ ତାଜା ରହି ନଥାଏ । ବେଳେବେଳେ ଆମ ମାନଙ୍କର ଅବହେଳା ଯୋଗୁଁ ଫଳ ଓ ପନିପରିବା ନଷ୍ଟ ହୋଇଯାଏ । ଯାହାକି ଫଳର ତାଜାପଣ ନଷ୍ଟ ହୋଇଥାଏ । ତେବେ ଆମେମାନେ ପ୍ରାକୃତିକ ଉପାୟରେ ଫଳ ଓ ପନିପରିବାକୁ ସତେଜ୍ ରଖିପାରିବେ । ତେବେ ଚାଲନ୍ତୁ ଜାଣିବା କିଛି ଟିପ୍‌ସ୍ ।

*ଫ୍ରିଜ୍‌ରେ ରଖନ୍ତୁ ନାହିଁ ଓଦା ଫଳ ଓ ପରିବା:*

ପ୍ରାୟ ସମୟରେ ଆମେମାନେ ବଜାରରୁ ଓଦା ପରିବା ଓ ଫଳ ଆଣି ସିଧା ଫ୍ରିଜ୍‌ରେ ରଖିଥାଉ । ଓଦା ପରିବା ଓ ଫଳ ଫ୍ରିଜ୍‌ରେ ରଖିବା ଦ୍ୱାରା ଏହା ଜଲ୍‌ଦି ଖରାପ ଓ ନଷ୍ଟ ହୋଇଯାଏ । ପରିବା ଓ ଫଳକୁ ଭଲ ଭାବେ ଧୋଇବା ପରେ ଏହା ଶୁଖି ଗଲା ପରେ ଏହାକୁ ଫ୍ରିଜ୍‌ରେ ରଖନ୍ତୁ ଯାହାଫଳରେ ଫଳ ଦୀର୍ଘ ଦିନ ଧରି ତାଜା ରହିବ ।

*ଫ୍ରିଜ୍‌କୁ ଅଧିକ ସମୟ ପର୍ଯ୍ୟନ୍ତ ଖୋଲା ରଖନ୍ତୁ ନାହିଁ :*

ବାରମ୍ବାର ଫ୍ରିଜ୍ ଖୋଲା ରଖିବା ଦ୍ୱାରା ଫ୍ରିଜ୍‌ର ତାପମାତ୍ରା କମ୍ ବେଶୀ ହୋଇଥାଏ ଯାହାକି ଫ୍ରିଜ୍‌ରେ ରଖାଯାଇଥିବା ଜିନିଷ ଖରାପ ହୋଇଯାଇଥାଏ । ତେବେ ଫ୍ରିଜ୍‌କୁ ବାରମ୍ବାର ନଖୋଲି ଅଧିକ ସମୟ ବନ୍ଦ ରଖନ୍ତୁ । ଏହା ଦ୍ୱାରା ଫ୍ରିଜ୍‌ରେ ଫଳ ତାଜା ରହିଥାଏ ।

*ଛୁଟିରେ ବାହାରକୁ ଯିବା ପୂର୍ବରୁ କରନ୍ତୁ ଏହି କାମ:*

ଯଦି ଆପଣ ଛୁଟିରେ ଘରୁ ବହୁ ଦିନ ପାଇଁ ବାହାରକୁ ଯାଉଛନ୍ତି ତେବେ ଫ୍ରିଜ୍‌ରେ ଏମିତି କିଛି ଜିନିଷ ରଖନ୍ତୁ ନାହିଁ ଯାହା ଫ୍ରିଜ୍‌କୁ ଖରାପ କରିବ । ଆପଣ ବାହାରକୁ ଯିବା ପୂର୍ବରୁ ଫ୍ରିଜ୍‌ରେ ହଲିଡେ ମୋଡ୍ ଅନ୍ କରି ରଖନ୍ତୁ । ଯାହାଫଳରେ ବିଦ୍ୟୁତ୍ ବିଲ୍ କମ୍ ଆସିବ ।

*ଫ୍ରିଜ୍‌କୁ ରଖନ୍ତୁ ସଫା:*

ନିୟମିତ ଫ୍ରିଜ୍‌କୁ ସଫା ରଖନ୍ତୁ । ଫ୍ରିଜ୍‌କୁ ସଫା ରଖିବା ଦ୍ୱାରା ଖାଦ୍ୟର ଗନ୍ଧ କମ୍ ହୋଇଥାଏ । ଯାହାଦ୍ୱରା ଖାଦ୍ୟ ନଷ୍ଟ ହୋଇନଥାଏ । ଫ୍ରିଜ୍‌ରେ ପିଆଜ ରଖନ୍ତୁ ନାହି । ପିଆଜ ରଖିବା ଦ୍ୱାରା ଏହାର ଦୁର୍ଗନ୍ଧ ଅନ୍ୟ ଖାଦ୍ୟ ଓ ଜିନିଷ ଖରାପ ହୋଇଯାଏ । ଏହାଛଡ଼ା ମହୁ, କମଳା, କଦଳୀକୁ ଫ୍ରିଜ୍‌ରେ ରଖନ୍ତୁ ନାହିଁ ।

## ଘରେ କାଠ ବଂଶୀ ରଖିଲେ ଦୂର ହେବ ବାସ୍ତୁ ଦୋଷ



ଭଗବାନ କୃଷ୍ଣଙ୍କର ପ୍ରିୟ ହେଉଛି ବଂଶୀ । ଆମେ ଯାହାକୁ ବଇଁଶୀ ବୋଲି କହିଥାଉ । ଶାସ୍ତ୍ର ଅନୁସାରେ ଏହା ଅତି ପବିତ୍ର । ସେଥିପାଇଁ ବାସ୍ତୁ ଶାସ୍ତ୍ରରେ ଏହାର ଗୁରୁତ୍ୱ ବିଷୟରେ ବର୍ଣ୍ଣନା କରାଯାଇଛି । ବାସ୍ତୁ ଶାସ୍ତ୍ର ଅନୁଯାୟୀ ବଂଶୀ ଆମ ଜୀବନରେ ଅନେକ ପ୍ରଭାବ ପକାଇଥାଏ । ବିଭିନ୍ନ ରଙ୍ଗର ବଂଶୀ ଅଲଗା ଅଲଗା ପ୍ରଭାବ ପକାଇଥାନ୍ତି ।

ବଂଶୀକୁ ଉନ୍ନତି ଓ ସମୃଦ୍ଧିର ପ୍ରତୀକ ବୋଲି ମଧ୍ୟ କୁହାଯାଇଥାଏ । ବିବାହ ହେଉ ବା ଅନ୍ୟ ଶୁଭ କାର୍ଯ୍ୟରେ ଏହାର ବ୍ୟବହାର ହୋଇଥାଏ । ବାସ୍ତୁ ଶାସ୍ତ୍ର ଅନୁଯାୟୀ ଆମ ଜୀବନରେ ବଂଶୀର ବ୍ୟବହାର କରିବା ଦ୍ୱାରା ଏହା ଆମକୁ ଅନେକ ବାସ୍ତୁଦୋଷରୁ ରକ୍ଷା କରିଥାଏ । ତେବେ ଆସନ୍ତୁ ଜାଣିବା ବଁଇଶୀ ଆମ ଜୀବନ ଉପରେ କିପରି ପ୍ରଭାବ ପକାଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

# ଭାରତୀୟ ମହିଳାଙ୍କ ସ୍ୱପ୍ନ...

ଭାରତରେ ଜଣେ ମହିଳାଙ୍କ ସ୍ୱପ୍ନ ଦେଶ ପରି ବିଶାଳ ଏବଂ ବିବିଧ। ଭାରତୀୟ ମହିଳାମାନେ ସ୍ୱାଧୀନତା, ସୁଯୋଗ ଏବଂ ସମାନତାର ସ୍ୱପ୍ନ ଦେଖନ୍ତି – ଏପରି ସ୍ୱପ୍ନ ଯାହା ପ୍ରାୟତଃ ସେମାନଙ୍କ ପରିସ୍ଥିତି ଦ୍ୱାରା ରୂପ ତ ପାଇଥାଏ, ମାତ୍ର ସେମାନଙ୍କ ସ୍ଥିରତା ଓ ଦୃଢ଼ ମନୋବଳ ଦ୍ୱାରା ପ୍ରୋତ୍ସାହିତ ହୋଇଥାଏ। ଭାରତୀୟ ମହିଳାଙ୍କ ସାମ୍ନାରେ ଅନେକଗୁଡ଼ିଏ ଆହ୍ୱାନ ରହିଥିବାବେଳେ, ଭାରତୀୟ ମହିଳାମାନେ ପ୍ରତିଦିନ ପ୍ରମାଣ କରୁଛନ୍ତି ଯେ ସ୍ୱପ୍ନ ସୀମିତ ରହିବା ପାଇଁ ନୁହେଁ – ସେଗୁଡ଼ିକୁ ସାକାର କରିବା ପାଇଁ ଉଦ୍ଦିଷ୍ଟ। କଳ୍ପନା ଚାୱଲା ମହାକାଶରେ ପହଞ୍ଚିବାଠାରୁ ଆରମ୍ଭ କରି ମେରୀ କମ୍ ବିଶ୍ୱ ଟାଇଟଲ ଜିତିବା ପର୍ଯ୍ୟନ୍ତ, ଫାଲଗୁନି ନାୟାରଙ୍କ ବ୍ୟବସାୟ ସାମ୍ରାଜ୍ୟ ଗଢ଼ିବା ଠାରୁ ଆରମ୍ଭ କରି ଘର, ସ୍କୁଲ ଏବଂ କର୍ମକ୍ଷେତ୍ର ପରିଚାଳନା କରୁଥିବା ଅଗଣିତ ନାମହୀନ ମହିଳାଙ୍କ ପର୍ଯ୍ୟନ୍ତ – ଭାରତୀୟ ମହିଳାଙ୍କ ସ୍ୱପ୍ନ ଅଟଳ। ଯେପରି ପୂର୍ବତନ ରାଷ୍ଟ୍ରପତି ଏ.ପି.ଜେ. ଅବଦୁଲ କଲାମ ଥରେ କହିଥିଲେ, 'ସ୍ୱପ୍ନ ତାହା ନୁହେଁ ଯାହା ତୁମେ ଶୋଇକରି ଦେଖ, ସ୍ୱପ୍ନ ତାହା ଯାହା ତୁମକୁ ଶୋଇବାକୁ ଦିଏ ନାହିଁ।' ଏବଂ ଆଜି, ଭାରତୀୟ ମହିଳାଙ୍କ ସ୍ୱପ୍ନ ପୂର୍ବ ଅପେକ୍ଷା ଅଧିକ ଶକ୍ତିଶାଳୀ, ସୁଉଚ୍ଚ ଏବଂ ସୁଦୃଢ଼। କାରଣ ଯେତେବେଳେ ଭାରତରେ ଜଣେ ମହିଳା ସ୍ୱପ୍ନ ଦେଖନ୍ତି, ସେ କେବଳ ତାଙ୍କ ଜୀବନ ପରିବର୍ତ୍ତନ କରନ୍ତି ନାହିଁ – ସେ ଦେଶର ପରିବର୍ତ୍ତନରେ ବି ନିଜର ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖନ୍ତି। ମୁଁ ଜଣେ ଭାରତୀୟ ମହିଳା ଏବଂ ମୁଁ ଏପରି ଏକ ଦୁନିଆର ସ୍ୱପ୍ନ ଦେଖୁଛି ଯେଉଁଠାରେ ମୁଁ ମୋର ଲିଙ୍ଗ ଦ୍ୱାରା ନୁହେଁ ବରଂ ମୋର କ୍ଷମତା ଦ୍ୱାରା ପରିଭାଷିତ ହୋଇପାରିବି। ଏପରି ଏକ ଦୁନିଆ ଯେଉଁଠାରେ ମୋର ସ୍ୱର ଶୁଣାଯିବ, ମୋର ପସନ୍ଦକୁ ସମ୍ମାନ ଦିଆଯିବ ଏବଂ ମୋର ମହତ୍ତ୍ୱାକାଂକ୍ଷା ସାମାଜିକ ମାନଦଣ୍ଡ ଦ୍ୱାରା ସୀମିତ ହୋଇ ରହିବ ନାହିଁ। ମୋର ସ୍ୱପ୍ନ କେବଳ ମୋ ପାଇଁ ନୁହେଁ ବରଂ ପ୍ରତ୍ୟେକ ଭାରତୀୟ ମହିଳାଙ୍କ ପାଇଁ ଯେଉଁମାନେ ବଡ଼ ସ୍ୱପ୍ନ ଦେଖିବାକୁ ଏବଂ ତାହା ହାସଲ କରିବା ପାଇଁ ନିଷ୍ଠା ଓ ଏକାଗ୍ରତା ସହ କାମ କରିବାକୁ ସାହସ କରନ୍ତି। ଭାରତୀୟ ମହିଳା ଭାବରେ ମୋର ସ୍ୱପ୍ନ 'ସମାନତା ଏବଂ ସଶକ୍ତୀକରଣ'। କାରଣ ମୋ ସ୍ୱପ୍ନ ଲିଙ୍ଗ ସମାନତା ସହିତ ଆରମ୍ଭ ହୁଏ – ଏକ ସମାଜ ଯେଉଁଠାରେ ପୁରୁଷ ଏବଂ ମହିଳାଙ୍କୁ ସମାନ ମର୍ଯ୍ୟାଦା ସହିତ ବ୍ୟବହାର କରାଯାଏ, ସମାନ ସୁଯୋଗ ଦିଆଯାଏ ଏବଂ ଲିଙ୍ଗ ଅପେକ୍ଷା ସେମାନଙ୍କର ଯୋଗ୍ୟତା ଦ୍ୱାରା ବିଚାର କରାଯାଏ। ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ସତ୍ତ୍ୱେ ଭାରତୀୟ ମହିଳାମାନେ ଶିକ୍ଷା, ନିଯୁକ୍ତି ଏବଂ ନିଜ ଘର ଭିତରେ ଆଜି ମଧ୍ୟ ଭେଦଭାବର ସମ୍ମୁଖୀନ ହୁଅନ୍ତି। ମୁଁ ଏପରି ଏକ ଭାରତର ସ୍ୱପ୍ନ ଦେଖୁଛି ଯେଉଁଠାରେ ପ୍ରତ୍ୟେକ ଝିଅ କମ୍ ବୟସରେ ବିବାହ ହେବାର ଭୟ ବିନା ଗୁଣାତ୍ମକ ଶିକ୍ଷା ପାଆନ୍ତି। ଶିକ୍ଷା ମହିଳାଙ୍କୁ ସଶକ୍ତ କରେ, ସେମାନଙ୍କୁ ସୁଚିନ୍ତିତ ପସନ୍ଦ କରିବା ଏବଂ ସ୍ୱାଧୀନ ଜୀବନଯାପନ କରିବା ପାଇଁ ଆତ୍ମବିଶ୍ୱାସ ଦିଏ। ରାଜନୀତି, ବ୍ୟବସାୟ ଏବଂ ନେତୃତ୍ୱ ଭୂମିକାରେ ମହିଳାମାନଙ୍କର ସମାନ ପ୍ରତିନିଧିତ୍ୱ ରହିବା ଉଚିତ। ମୁଁ ସଂସଦରେ ଅଧିକ ମହିଳା, କର୍ପୋରେଟ୍ ବୋର୍ଡ଼ ରୁମ୍‌ରେ ଅଧିକ ମହିଳା ସିଇଓ ଏବଂ ନିଷ୍ପତ୍ତି ଗ୍ରହଣ ପଦରେ ଅଧିକ ମହିଳା ନିଯୁକ୍ତ ହେବାର ସ୍ୱପ୍ନ ଦେଖେ। ଏକ ପ୍ରକୃତ ସଶକ୍ତ ସମାଜ ହେଉଛି ଯେଉଁଠାରେ ମହିଳାମାନେ କେବଳ ଅଂଶଗ୍ରହଣକାରୀ ନୁହନ୍ତି ବରଂ ଭବିଷ୍ୟତ ଗଠନରେ ନିର୍ଣ୍ଣାୟକ ଭୂମିକାରେ ରହିପାରୁଥିବା ନେତୃତ୍ୱ। ମୋର ସ୍ୱପ୍ନ ହେଉଛି 'ଷ୍ଟେରିଓଟାଇପ୍ସ ଭାଙ୍ଗିବା'। ଜଣେ ଭାରତୀୟ ମହିଳା ଭାବରେ ମୁଁ ଷ୍ଟେରିଓଟାଇପ୍ସର ଶିକୁଳିରୁ ମୁକ୍ତ ହେବାର ସ୍ୱପ୍ନ ଦେଖେ। ଜଣେ ମହିଳା କିପରି ଆଚରଣ କରିବ, କିପରି ପୋଷାକ ପିନ୍ଧିବ କିମ୍ବା କିପରି ସ୍ୱପ୍ନ ଦେଖିବା ଉଚିତ୍ ତାହା ସମାଜ ପ୍ରାୟତଃ ନିର୍ଦ୍ଦେଶ ଦିଏ। ଆମର ଏକ ସ୍ଥିର ଓ ପ୍ରଚଳିତ ଧାରଣା ଅଛି ଯେ ମହିଳାମାନେ କ୍ୟାରିଅର ଅପେକ୍ଷା ପରିବାରକୁ ପ୍ରାଥମିକତା ଦେବା ଉଚିତ, ସେମାନଙ୍କର ପ୍ରାଥମିକ ଭୂମିକା ନେତୃତ୍ୱ ନେବା ଅପେକ୍ଷା ପାଳନପୋଷଣ କରିବା। କିନ୍ତୁ ମୋର ସ୍ୱପ୍ନ ଏହି ମାନଦଣ୍ଡଗୁଡ଼ିକୁ ଚ୍ୟାଲେଞ୍ଜ କରେ। ମହାକାଶରେ ପ୍ରଥମ ଭାରତୀୟ ମହିଳା କଳ୍ପନା ଚାୱଲା ଏବଂ ଭାରତର ପ୍ରଥମ ମହିଳା ପୁଲିସ୍ ଆଇପିଏସ୍ କିରଣ ବେଦୀଙ୍କ ପରି ମହିଳାମାନଙ୍କ ଯାତ୍ରା ମୋତେ ମନେ ପକାଇ ଦିଏ ଯେ କୌଣସି ସ୍ୱପ୍ନ ବହୁତ ବଡ଼ ନୁହେଁ ଏବଂ କୌଣସି ପ୍ରତିବନ୍ଧକ ଭାଙ୍ଗିବା ପାଇଁ ଏତେ ବି ଶକ୍ତିଶାଳୀ ନୁହେଁ। ମୋର ସ୍ୱପ୍ନ 'ମହିଳାଙ୍କ ପାଇଁ ଏକ ସୁରକ୍ଷିତ ଭାରତ'। ମୋର ସବୁଠାରୁ ବଡ଼ ସ୍ୱପ୍ନ ମଧ୍ୟରୁ ଗୋଟିଏ ହେଉଛି ମହିଳାଙ୍କ ପାଇଁ ଏକ ସୁରକ୍ଷିତ ଭାରତ। ସୁରକ୍ଷା ଏକ ସୁବିଧା ହେବା ଉଚିତ୍ ନୁହେଁ; ଏହା ଏକ ମୌଳିକ ଅଧିକାର ହେବା ଉଚିତ୍। ପ୍ରତ୍ୟେକ ମହିଳା ନିର୍ଯାତନା, ହିଂସା କିମ୍ବା ଭେଦଭାବର ଭୟ ବିନା ଯେପରି ରାସ୍ତାରେ ମୁକ୍ତ ଭାବରେ ଚାଲିପାରିବେ। ମହିଳାମାନଙ୍କୁ ସୁରକ୍ଷା ଦେବାରେ ଭାରତ ଗୁରୁତ୍ୱପୂର୍ଣ୍ଣ ଆଇନଗତ ଅଗ୍ରଗତି କରିଛି, କିନ୍ତୁ କେବଳ ଆଇନ ଯଥେଷ୍ଟ ନୁହେଁ।

# ଏଲନ ମସ୍କଙ୍କ ବିରୋଧରେ ଆକ୍ଟ ବ୍ଲୁ



## ସୌମେନ୍ଦ୍ର ଜେନା

ବିଶ୍ୱ ରାଜନୀତିକୁ ଏକଦା ଲୋକଙ୍କ ସମର୍ଥନ ନିୟନ୍ତ୍ରଣ କରୁଥିବା ସମୟରେ ଏବେ ଧନପତିମାନଙ୍କ ମଧ୍ୟରେ ନିୟନ୍ତ୍ରଣକାରୀ ହେବା ପାଇଁ କ୍ଷମତାଗତ ଲଢେଇ ଅତି ବ୍ୟାପକ ହୋଇଛି । ଆମେରିକାର ରାଷ୍ଟ୍ରପତି ଭାବେ ଡୋନାଲଡ ଟ୍ରମ୍ପଙ୍କୁ ବିଜୟୀ କରାଇବା ପଛରେ ସୋସିଆଲ ମିଡିଆ ଏକ୍ସ ଏବଂ ଟେସ୍‌ଲା କମ୍ପାନୀର ମାଲିକ ଏଲନ୍ ମସ୍କଙ୍କର ଖୋଲା ସମର୍ଥନ ଗୋଟିଏ ବଡ କାରଣ ରହିଥିଲା । ଟ୍ରମ୍ପଙ୍କ ବିରୋଧୀଙ୍କୁ ପ୍ରତିହତ କରିବାକୁ ଏଲନ ମସ୍କ ସାଧାରଣଙ୍କୁ ଓହ୍ଲାଇଥିଲେ । ସେ ଟ୍ରମ୍ପଙ୍କ ପ୍ରଚାରରେ ନିଜେ ସାମିଲ ହେବା ସହିତ ନିଜ ସୋସିଆଲ ମିଡିଆ ପ୍ଲାଟ ଫର୍ମ ଏବଂ ଅର୍ଥକୁ ଖୋଲା ଖୋଲି ବିନିଯୋଗ କରିଥିଲେ, ଯଦ୍ୱାରା କି ଗଣମାଧ୍ୟମ ସାହାଯ୍ୟରେ ଟ୍ରମ୍ପ ବିରୋଧୀଙ୍କ ବନ୍ଧୁକ ଗୁଳିର ଆକ୍ରମଣର ମଧ୍ୟ ସମାଲୋଚନା କରାଗଲା । ଟ୍ରମ୍ପଙ୍କୁ ଆଦୌ ପସନ୍ଦ କରୁନଥିବା ବ୍ୟବସାୟୀ ଗୋଷ୍ଠୀଙ୍କ ଗାତ୍ରଦାହ ବଢିଲା । ଏବେ ସେହି ଈର୍ଷାର ଜ୍ୱଳନ ଏତେ ମାତ୍ରାରେ ଅଧିକ ହୋଇଛି ଯେ ସେମାନେ ଏଲନ ମସ୍କଙ୍କ ବିରୋଧରେ ପଡିଛନ୍ତି। ମସ୍କଙ୍କ ବାଣିଜ୍ୟିକ ସାମ୍ରାଜ୍ୟର ପତନ ଲାଗି ବାଇଡେନଙ୍କ ସମର୍ଥକ ଗୋଷ୍ଠୀ ଏବେ ଲାଗିପଡିଛନ୍ତି । ସେହି ଯୋଜନାବଦ୍ଧ ବିରୋଧକୁ ଆକ୍ଟବ୍ଲୁ ନାମକ ଏକ ତଥାକଥିତ ଗଣତାନ୍ତ୍ରିକ ଚାନ୍ଦା ଆଦାୟକାରୀ ସଂସ୍ଥା ଅର୍ଥ ଯୋଗାଇଦେବା ବେଳେ ପାଞ୍ଚଗୋଟି ସଂଗଠନ ଟ୍ରବଲମେକର୍ସ, ଡିସ୍‌ରପ୍‌ସନ ପ୍ରୋଜେକ୍ଟ, ରାଇଜ ଏଣ୍ଡ୍ ରେଜିଷ୍ଟ ଅଫ୍ ଆମେରିକା କାର୍ଯ୍ୟ କରୁଛନ୍ତି। ଏମାନେ ଆମେରିକାରେ ମସ୍କ ବିରୋଧୀ ରାଜନୈତିକ ଉତ୍ତେଜନା ସୃଷ୍ଟି କରିବାରେ ଲାଗିଛନ୍ତି । ଏସବୁ ସଂଗଠନ ପଛରେ ଯେଉଁ ବଡ ବଡ ଲୋକ ରହିଛନ୍ତି ସେମାନେ ହେଲେ ଡେମୋକ୍ରାଟିକ ଦଳର ସମର୍ଥକ ଧନପତି ଜର୍ଜ ସୋରୋସ୍, ଲିଙ୍କଡଇନ କମ୍ପାନୀର ସହ ପ୍ରତିଷ୍ଠାତା ରିଡ ହୋଫମ୍ୟାନ ଏବଂ ଅର୍ଥ ଯୋଗାଣକାରୀ ହେବର୍ଟ ସାଣ୍ଡଲର । ଏମାନେ ଏବେ ମସ୍କଙ୍କ ବ୍ୟବସାୟକୁ ଡୁବାଇବା ପାଇଁ ଷଡଯନ୍ତ୍ରରେ ଲାଗିପଡିଛନ୍ତି ।

ଏକଥା ସତ ଯେ ଗତ କିଛିବର୍ଷ ହେବ ପୃଥିବୀରେ ଅଗ୍ରଣୀ ଇଲେକଟ୍ରିକ୍ ଯାନର ନିର୍ମାତା ଭାବେ ଟେସ୍‌ଲା କମ୍ପାନୀ ଆଗରେ ରହିଆସିଛି । ପରିବେଶ ରକ୍ଷାକାରୀ ଏବଂ ଆଧୁନିକ ଟେକ୍‌ନୋଲୋଜୀ ଯୁକ୍ତ ଟେସ୍‌ଲାର ଯାନଗୁଡିକ ସାରା ପୃଥିବୀରେ ବିଳାସପ୍ରିୟ ଗାଡି ଚଢୁଥିବା ଲୋକମାନଙ୍କ ପାଇଁ ଆକର୍ଷଣୀୟ ରହିଆସିଛି। ଏହାର ସୁଦୃଶ୍ୟ ଡିଜାଇନ ଏବଂ ସୁବିଧାକୁ ଗ୍ରାହକମାନେ ପସନ୍ଦ କରିଆସିଛନ୍ତି। ହେଲେ ଟ୍ରମ୍ପଙ୍କ ସହ ମସ୍କଙ୍କ ନିକଟତର ସଂପର୍କ ଯୋଗୁ ଏବେ ଟେସ୍‌ଲା ସଣ୍ଢୁଆସୀ ଆକ୍ରମଣର ଶିକାର ହୋଇଛି । ଏକଦା ପରିବେଶ ପାଇଁ ମୂଲ୍ୟବାନ ଥିବା ଏହି କମ୍ପାନୀର ଯାନଗୁଡିକ ବିରୋଧରେ ବ୍ୟାପକ ବିରୋଧୀ ପ୍ରଚାର ଆରମ୍ଭ ହୋଇଯାଇଛି, ଯାହା ଫଳରେ କମ୍ପାନୀର ବିତରଣକାରୀ ଏବଂ ଡିଲରମାନେ ଟେସ୍‌ଲାଠାରୁ ଦୂରେଇ ଯାଉଥିବା ପରିଲକ୍ଷିତ ହେଉଛି। କମ୍ପାନୀର ପ୍ରତିଷ୍ଠା ନଷ୍ଟ ହେବା ପୂର୍ବରୁ ସେମାନେ କମ୍ପାନୀଠାରୁ ଦୂରେଇଯିବା ଲାଗି ଯଦ୍ଧୁଁଛନ୍ତି । କେତେକ ମଧ୍ୟ ନିଜର ଟେସ୍‌ଲା ଗାଡିରେ ଷ୍ଟିକରମାରି ବୁଲୁଛନ୍ତି, ଯେଉଁଥିରେ ଲେଖାଅଛି, "ଏଲନ୍ ମସ୍କ ପାଗଳ ହେବା ପୂର୍ବରୁ ମୁଁ ଏହାକୁ କିଣିଥିଲି ।" ଏହି ପ୍ରଚାର ଯେ କେବଳ ଯାନଗୁଡିକର ସମ୍ମାନ ହ୍ରାସ କରିବାକୁ ସୀମିତ ରହିଛି ତାହା ନୁହେଁ, ଟ୍ରମ୍ପ କ୍ଷମତାକୁ ଆସିବା ପରଠାରୁ ଇତି ମଧ୍ୟରେ କମ୍ପାନୀର ଅଂଶଧନ ପ୍ରାୟ ୩୮ ପ୍ରତିଶତ ହ୍ରାସ ପାଇଲାଣି । ଯାହା ଫଳରେ ଲକ୍ଷ ଲକ୍ଷ କୋଟି ଟଙ୍କା ମସ୍କ ହରାଇ ସାରିଲେଣି । ଟ୍ରମ୍ପଙ୍କ କମ୍ପାନୀର ଏକ ମଡେଲ "ଦି ସାଇବରଟ୍ରକ" ଯାହାକୁ ଏକଦା ସମସ୍ତେ ପସନ୍ଦ କରୁଥିଲେ ଏବେ ତାହା ଡିଜାଇନଗତ ତ୍ରୁଟି, ଖରାପ ହେବା, ଯୋଗାଣରେ ବିଳମ୍ବ ହେବା ଆଦି ସମାଲୋଚନାର ଶିକାର ହୋଇଛି । ଟେସ୍‌ଲା ବିରୋଧୀ ଯୋଜନାବଦ୍ଧ ପ୍ରଚାର ଅଭିଯାନ ଯୋଗୁ ଗ୍ରାହକମାନେ ଅଧିକ ପ୍ରଭାବିତ ହୋଇଛନ୍ତି । ମସ୍କଙ୍କ କାର୍ଯ୍ୟାନୁଷ୍ଠାନ ଯୋଗୁ କ୍ଷତିଗ୍ରସ୍ତ ହେଉଥିବା ସଂସ୍ଥାଗୁଡିକ ଏବେ ଟେସ୍‌ଲା ବିରୋଧରେ ଲାଗିପଡିଛନ୍ତି ।

ଅସଲକଥା ହେଉଛି ଯେ "ଆକ୍ଟବ୍ଲୁ" ଏବେ ଅନେକଗୁଡିଏ ସନ୍ଦେହର ଛନ୍ଦି ହୋଇପଡିଛି । ଗଣତନ୍ତ୍ରକୁ ପ୍ରଭାବିତ କରୁଥିବା ଏହି ସଂସ୍ଥା ବିଦେଶରୁ ବେଆଇନ ଚାନ୍ଦା ଆଦାୟ କରିଥିବା ଘଟଣାର ତଦନ୍ତର ସମ୍ମୁଖୀନ ହେବା ପରେ ସଂସ୍ଥାର କଳାକାରନାମା ସଂପର୍କରେ ଅନେକତଥ୍ୟ ସାଧାରଣରେ ପ୍ରକାଶ ପାଇଲା । ଫଳରେ ସଂସ୍ଥାର ବରିଷ୍ଠ ଅଧିକାରୀମାନେ ସେମାନଙ୍କ ପଦବୀରୁ ଇସ୍ତଫା ଦେବାକୁ ବାଧ ହେଲେ । ଏହି ସଂସ୍ଥା ଟେସ୍‌ଲା କମ୍ପାନୀ ବିରୋଧରେ ପ୍ରଚାର କରିବାକୁ ଅର୍ଥ ପ୍ରଦାନ କରିବା ସହ ବଜାରରୁ ଟେସ୍‌ଲାକୁ ବାହାର କରିଦେବା ଲାଗି ଷଡଯନ୍ତ୍ର ଚଳାଇଥିବା ବିଷୟ ଏଲନ ମସ୍କ ଅଭିଯୋଗ କରିଛନ୍ତି । ୨୦୦୪ରେ "ଆକ୍ଟବ୍ଲୁ" ଆରମ୍ଭ ପରଠାରୁ ଛୋଟ ଛୋଟ ଦାନ ସଂଗ୍ରହ କରିଆସିଛି । ଟେସ୍‌ଲା କମ୍ପାନୀରେ ଶ୍ରମିକ ଅସନ୍ତୋଷ ପାଇଁ "ଆକ୍ଟ ବ୍ଲୁ" ଅର୍ଥ ପ୍ରଦାନ କରିଥିବା ମସ୍କ କହିଛନ୍ତି । ଆମେରିକା ଏବଂ ଆମେରିକା ବାହାରେ ଟେସ୍‌ଲା ବିରୋଧୀ ମନୋଭାବ ଗ୍ରାହକଙ୍କ ଭିତରେ ସୃଷ୍ଟି କରିବା ଲାଗି ଜୋରସୋର ପ୍ରୟାସ ଜାରି ରହିଛି ।

ଟ୍ରମ୍ପଙ୍କ ପରି ରାଷ୍ଟ୍ରବାଦୀ ନେତାଙ୍କ ସହ ସାମିଲ ହେବା ଯୋଗୁ କମ୍ପାନୀର 'ସାଇବରଟ୍ରକ' କିଣିଥିବା ମାଲିକମାନେ ଅଣ୍ଡାମାଡ ଆକ୍ରମଣର ଶିକାର ହୋଇଛନ୍ତି । ସେମାନଙ୍କ ଗାଡିକୁ "କୁକୁର ମୁହାଁ" କରାଯାଉଛି ବା ଗାଡିର ସମ୍ମୁଖ ଭାଗରେ କୁକୁର ପରି ଦେଖାଯାଉଥିବା ଛବି ଅଙ୍କାଯାଉଛି କିମ୍ବା ଷ୍ଟିକର ସବୁ ଲଗାଇ ଦିଆଯାଉଛି । କେବଳ ସେତିକି ନୁହେଁ ବୋଷ୍ଟନସ୍ଥିତ ଚାର୍ଜିଂ ଷ୍ଟେସନକୁ ଅତି ସନ୍ଦେହଜନକ ଭାବେ ପୋଡି ନଷ୍ଟ କରିଦିଆଯାଇଛି । କୋଲୋରାଡୋ ଏବଂ ଓରେଗନ ପ୍ରଦେଶର ଗାଡି ଡିଲରମାନେ ମଧ୍ୟ ଆକ୍ରମଣର ଶିକାର ହୋଇଛନ୍ତି । ଫ୍ରାନ୍ସରେ ଟେସ୍‌ଲା ସୋରୁମ୍‌କୁ ପୋଡି ଦିଆଯାଇଛି । ତଳସ୍ତରରେ ଏକ "ଟେସ୍‌ଲା ଭଙ୍ଗା" ଆନ୍ଦୋଳନ ଆରମ୍ଭ କରାଯାଇ ଗ୍ରାହକମାନଙ୍କୁ କମ୍ପାନୀର ଗାଡି ନ ଚଢିବା ଲାଗି ଆହ୍ୱାନ ଦିଆଯାଉଛି । ଡିଲରମାନଙ୍କ ଦୋକାନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଲୋକମାନଙ୍କୁ ପ୍ରୋତ୍ସାହିତ କରାଯାଉଛି । ଆମେରିକାରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଏବେ ୟୁରୋପର ସ୍ପେନ, ବ୍ରିଟେନ ଏବଂ ଆଇସଲାଣ୍ଡରେ ଦେଖିବାକୁ ମିଳିଛି । ଏସବୁ ରାଷ୍ଟ୍ରରେ ସାଧାରଣରେ ଟେସ୍‌ଲା ବିରୋଧୀ ବିକ୍ଷୋଭ ଦୃଷ୍ଟିକୁ ଆସିଛି। ତେବେ ମସ୍କଙ୍କ ସମାଲୋଚକମାନେ ଏସବୁ ପଛରେ ତାଙ୍କର ହାମ୍‌ବଡା ନୀତି ମୁଖ୍ୟକାରକ ହୋଇଥିବା କଥା କହନ୍ତି। ଗ୍ରାହକମାନଙ୍କ ଅଭିଯୋଗକୁ ଦୃଷ୍ଟି ନ ଦେବା ହେତୁ ଟେସ୍‌ଲାର ପତନ ହେଉଛି ବୋଲି କହୁଛନ୍ତି। ଆର୍ଥିକ ବଜାରକୁ ଅସ୍ଥିର କରି ଲାଭ କମାଇବାରେ ଆମେରିକାର ଜର୍ଜ ସୋରୋସ ଧୂରନ୍ଧର । ଅତୀତରେ ୧୯୯୨ରେ ବ୍ରିଟେନର ବ୍ୟାଙ୍କ ଅଫ୍ ଇଂଲଣ୍ଡକୁ କ୍ଷତି ପହଞ୍ଚାଇ ସେ ପ୍ରାୟ ୧ଲକ୍ଷ କୋଟି ଡଲାର ଲାଭ କରିଥିଲେ ଯାହା 'ବ୍ଲାକ୍ ୱେଡନେସଡେ' ନାମରେ ପରିଚିତ । ସୋରୋସ ତାଙ୍କର କ୍ୱାଣ୍ଟମ୍ ଫଣ୍ଡର ବ୍ୟବହାର କରି ବ୍ରିଟିସ ପାଉଣ୍ଡ କିଣି ଅନ୍ୟ ମୁଦ୍ରାରେ ପରିଣତ କରିଥିଲେ ଏବଂ ପରେ ତାକୁ ବିକ୍ରି କରି ଲାଭ କମାଇଥିଲେ । ଏଣେ ବଜାରରେ ପାଉଣ୍ଡର ଅଭାବ ଦେଖି ସରକାର ୧୬ ସେପ୍ଟେମ୍ବର ୧୯୯୨ରେ ସୁଧହାର ୧୦ରୁ ୧୨ ଏବଂ ପରେ ୧୫ ପ୍ରତିଶତ ବଢାଇବାକୁ ଘୋଷଣା କରି ନିବେଶଙ୍କ ମନରେ ପାଉଣ୍ଡ କିଣିବା ଲାଗି ଆଗ୍ରହ ସୃଷ୍ଟି ପାଇଁ ଉଦ୍ୟମ କରିଥିଲେ। ହେଲେ ତାହା ସଫଳ ହୋଇନଥିଲା । ଏହି ଲାଭଦ୍ୱାରା ସୋରୋସ ବଡ ଧନୀରେ ପରିଣତ ହେଲେ । ଅପରପକ୍ଷେ କୋଟି କୋଟି ନିବେଶଙ୍କ ଅର୍ଥ ପାଣିରେ ବୁଡିଯାଇଥିଲା । ଜଣେ ଜଣେ ବ୍ୟକ୍ତି କିପରି ବିଶ୍ୱର ଅର୍ଥ ବ୍ୟବସ୍ଥାକୁ ଧୂଳିସାତ କରିପାରନ୍ତି ତାହା ପ୍ରଥମଥର ପାଇଁ ଲୋକେ ଜାଣିଲେ । ଆମେରିକା ସରକାରଙ୍କ ସମର୍ଥନ ଏବଂ ଯୋଜନାବଦ୍ଧ ଷଡଯନ୍ତ୍ର ଦ୍ୱାରା ସୋରୋସ ବ୍ୟାଙ୍କ ଅଫ୍ ଇଂଲଣ୍ଡର ଯେଉଁ କ୍ଷତି କରିଥିଲେ ତଦ୍ଦ୍ୱାରା ବ୍ରିଟେନ ସରକାରଙ୍କ ସମ୍ମାନହାନୀ ହୋଇଥିଲା । ସରକାର ବିଶ୍ୱସାରା ସମାଲୋଚନାର ପାତ୍ର ହୋଇଥିଲେ ।

ଆର୍ଥିକ ଜୁଆଖେଳରୁ ଲାଭପାଇଥିବା ସୋରୋସ ପରେ ରାଜନୈତିକ ପରିବର୍ତ୍ତନ, ଅସ୍ଥିରତା ମାଧ୍ୟମରେ ହସ୍ତକ୍ଷେପ, ସମାଜସେବା ଆଳରେ ସନ୍ତ୍ରାସବାଦୀ ସୃଷ୍ଟି କରିବାପରି କାର୍ଯ୍ୟ କରିଆସିଛନ୍ତି । ଆମେରିକାର ଡେମୋକ୍ରାଟ ଦଳ ପାଇଁ ନିର୍ବାଚନରେ ଅର୍ଥ ବିନିଯୋଗକରି ବିଶ୍ୱସାରା ନିଜର ପ୍ରଭାବ ବିସ୍ତାର କରିବାକୁ ଚେଷ୍ଟା କରିଆସିଛନ୍ତି । ଏନ୍‌ଜିଓଗୁଡିକୁ ନିଜ ସଂସ୍ଥା ଓପନ ସୋସାଇଟୀ ଫାଉଣ୍ଡେସନ ମାଧ୍ୟମରେ ଅର୍ଥ ପ୍ରଦାନ କରି ସାରା ବିଶ୍ୱରେ ସେ ଅସ୍ଥିରତା ସୃଷ୍ଟି କରିଆସିଛନ୍ତି। ସୋରୋସ ୫ ଜାନୁଆରୀ ୨୦୨୫ରେ ଆମେରିକାର ରାଷ୍ଟ୍ରପତି ଜୋ ବାଇଡେନଙ୍କଠାରୁ ରାଷ୍ଟ୍ରପତି ପଦକ ଲାଭ କରିଥିଲେ । ଆମେରିକା ସରକାର ତାଙ୍କୁ ଗଣତନ୍ତ୍ର, ମାନବତାବାଦ ପାଇଁ ପଦକ ପ୍ରଦାନ କରାଯିବା କଥା ଘୋଷଣା କରିଥିଲେ। ହେଲେ ମସ୍କ ସେତେବେଳେ ବାଇଡେନ ଷଡଯନ୍ତ୍ରକାରୀଙ୍କୁ ସମ୍ମାନ କରୁଥିବା କହିଥିଲେ । ସୋରୋସଙ୍କୁ ମାନବତାର ବିରୋଧୀ, ସଭ୍ୟତାର ଧ୍ୱଂସକାରୀ ଭାବେ ୨୦୨୩ରେ ମସ୍କ ବର୍ଣ୍ଣନା କରି ସମାଲୋଚନା କରିଥିଲେ । ଆରବ ଜଗତରେ ୨୦୧୧ରେ ରକ୍ତାକ୍ତ ଆନ୍ଦୋଳନ, ୧୯୯୭ରେ ଏସିଆରେ ଆର୍ଥିକ ପରିସ୍ଥିତିକୁ ଖରାପ କରିବା ପଛରେ ସୋରୋସ ରହିଥିବା ଜଣାଯାଏ । ୨୦୨୩ରେ ଓସିସିଆର୍‌ପି ନାମକ ଏକ ସଂସ୍ଥାକୁ ଅର୍ଥ ଦେଇ ଆଦାନୀ ଗ୍ରୁପ ବିରୋଧରେ ଅଭିଯୋଗ ଆଣିବାକୁ ସୋରୋସ କହି ଭାରତର ଆର୍ଥିକ ବଜାରରେ କ୍ଷତି କରିଥିଲେ । ବାଇଡେନ୍ କ୍ଷମତାରୁ ଯାଇଥିଲେ ବି ସୋରୋସଙ୍କ ଷଡଯନ୍ତ୍ର ପୃଥିବୀରେ କମିନାହିଁ ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


# ଭ୍ରଷ୍ଟାଚାର କ'ଣ ଏବେ ଗ୍ରହଣୀୟ ?



## ଗୋପାଳ ମହାପାତ୍ର

ଆମ ଦେଶ ବିକାଶ ପଥରେ ଆଗେଇଛି । ଦେଶ ବିଶ୍ୱର ପଞ୍ଚମ ଅର୍ଥବ୍ୟବସ୍ଥାକୁ ଟପିଯିବାକୁ ବସିଲାଣି ଓ ଆଗାମୀ କିଛି ବର୍ଷ ମଧ୍ୟରେ ଆମେ ବିଶ୍ୱର ତୃତୀୟ ଅର୍ଥବ୍ୟବସ୍ଥାରେ ପରିଣତ ହେବାର ଲକ୍ଷ ରଖିଛେ। ଆମେ ବିଶ୍ୱଗୁରୁ ହେବାର ସ୍ୱପ୍ନ ମଧ୍ୟ ଦେଖୁଛେ। ଆମ ଭାଗ୍ୟନିୟନ୍ତା ବା ନେତାମାନେ ବିକାଶ ପ୍ରସଙ୍ଗରେ ଅନେକ କଥା ବଖାଣୁଛନ୍ତି। କିନ୍ତୁ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ପକ୍ଷରୁ ଜାରି କରାଯାଇଥିବା ରିପୋର୍ଟ ଆମ ଦେଶର ସମ୍ମାନକୁ କ୍ଷୁର୍ଣ୍ଣ କରିଛି। ଯଦି ଏହି ରିପୋର୍ଟର ସତ୍ୟତା ରହିଛି ତେବେ ବିଶ୍ୱସ୍ତରରେ ଆମର ସ୍ଥିତି କ'ଣ ସେ କଥା ବୁଝିବା କଷ୍ଟକର ନୁହେଁ। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ନିକଟରେ କରପସନ ପରସେପସନ ଇଣ୍ଡେକ୍ସ ବା ଭ୍ରଷ୍ଟାଚାର ବୋଧ ସୂଚକାଙ୍କ ଜାରି କରିଛି। ଜାରି କରାଯାଇଥିବା ଏହି ଭ୍ରଷ୍ଟାଚାର ବୋଧ ସୂଚକାଙ୍କ -୨୦୨୪କୁ ଦେଖିଲେ ଭାରତ(ଆମଦେଶ) ଏକ ଭ୍ରଷ୍ଟ ରାଷ୍ଟ୍ର ବା ଦେଶ ବୋଲି ଜଣାପଡ଼େ। କ'ଣ ଭାରତରେ ଭ୍ରଷ୍ଟାଚାରର ମାତ୍ରା ବ୍ୟାପକ? ଏ ପ୍ରସଙ୍ଗରେ ଆମେ ଜନସାଧାରଣ ଏପରିକି ଶାସନ- ପ୍ରଶାସନ ମଧ୍ୟ ଭାବିବା ଉଚିତ୍। ବିଶ୍ୱ ସ୍ତରରେ ଆମ ଦେଶର ଗୁରୁତ୍ୱ ବଢୁଛି ବୋଲି କୁହାଯାଉଥିବା ବେଳେ ଏହି ରିପୋର୍ଟକୁ ଦେଖିଲେ ଆମ ଦେଶର ଭିତିର କଥା ସ୍ପଷ୍ଟ ହୋଇଯାଉଛି। ଏହା ଚିନ୍ତା ଜନକ ମଧ୍ୟ। ଭାରତ କ'ଣ ଭ୍ରଷ୍ଟାଚାର ମୁକ୍ତ ଦେଶ ହୋଇପାରିବ ନାହିଁ? ଦେଶରୁ କ'ଣ ଭ୍ରଷ୍ଟାଚାରର ବିଲୋପ ହେବ ନାହିଁ? ଏମିତି ଅନେକ ପ୍ରଶ୍ନ ମନରେ ଉଙ୍କିମାରୁଛି।

ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟ ଅନୁସାରେ ଭ୍ରଷ୍ଟାଚାର ପ୍ରସଙ୍ଗରେ ବିଶ୍ୱର ୧୮୦ ଦେଶର ତାଲିକାରେ ଭାରତ ୯୬ ସ୍ଥାନରେ ରହିଛି। ପୂର୍ବ ବର୍ଷ ତୁଳନାରେ ଏ ବର୍ଷ ଭାରତର ସ୍ଥାନ ଗୋଟିଏ ପାହାଚ ତଳକୁ ଖସିଆସିଛି। ବିଗତ ବର୍ଷ ଭ୍ରଷ୍ଟାଚାର ପ୍ରସଙ୍ଗରେ ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲ ସର୍ବେକ୍ଷଣ କରି ଭାରତକୁ ୩୯ ମାର୍କ (ଅଙ୍କ) ଦେଇଥିଲା କିନ୍ତୁ ଏଥର ୩୮ ମାର୍କ ଦେଇଛି। ଟ୍ରାନ୍ସପରେନ୍ସ ଇଣ୍ଟରନ୍ୟାସନାଲ ପକ୍ଷରୁ ଯେଉଁ ମାର୍କ (ଅଙ୍କ) ଦିଆଯାଏ ତଦନୁସାରେ ୧୦୦ ହେଉଛି ସବୁଠାରୁ ଉତ୍ତମ ଓ ଶୁନ୍ ଅଙ୍କ ସବୁଠାରୁ ଖରାପ। ମାର୍କ ଅନୁସାରେ ଦେଶମାନଙ୍କୁ ତାଲିକାରେ ସ୍ଥାନୀତ କରିଛି ଏହି ସଂସ୍ଥା। ୨୦୨୨ ପାଇଁ ପ୍ରକାଶିତ ଭ୍ରଷ୍ଟାଚାର ବୋଧ ସୂଚକାଙ୍କରେ ଭାରତକୁ ୪୦ ମାର୍କ ମିଳିଥିଲା। କିନ୍ତୁ ୨୦୨୪ର ରିପୋର୍ଟରେ ମିଳିଛି ୩୮। ଏଥିରୁ ସ୍ପଷ୍ଟ ଯେ ଭାରତରେ ଭ୍ରଷ୍ଟାଚାର ବଢ଼ିଛି। ମାତ୍ର ଗୋଟିଏ ମାର୍କ କମ୍ ହେବାରୁ ଆମ ଦେଶର ସ୍ଥାନ ୩ଟି ପାହାଚ ତଳକୁ ଖସିଆସିଛି। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ ୧୯୧୬ ମସିହାରେ ପ୍ରଧାନମନ୍ତ୍ରୀ ମୋଦୀ ବିମୁଦ୍ରା କରଣ କରିଥିଲେ ଓ ଦେଶ ଭ୍ରଷ୍ଟାଚାର ମୁକ୍ତ ହେବ ବୋଲି ଆଶ୍ୱାସନା ଦେଇଥିଲେ। କିନ୍ତୁ ଦେଶରୁ ଦୁର୍ନୀତି ବା ଭ୍ରଷ୍ଟାଚାର ହଟିଛି କି? ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ଏହି ରିପୋର୍ଟକୁ ସରକାରୀ ପ୍ରବକ୍ତାମାନେ ଭାରତ ବିରୋଧି ଷଡଯନ୍ତ୍ରର ଆଖ୍ୟା ଦେଉଛନ୍ତି। ଆନ୍ତର୍ଯାତୀୟ ସ୍ତରରେ ଏମିତି କିଛି ରିପୋର୍ଟ ପ୍ରକାଶ ପାଇଲେ ସରକାରୀ ପ୍ରବକ୍ତା ମାନେ ଏଭଳି କଥା ହିଁ କହିଥାନ୍ତି।

ଏହି ଭ୍ରଷ୍ଟାଚାର ସୂଚକାଙ୍କ ଅନୁସାରେ ଆମ ଦେଶରେ ଯେ କେବଳ ଭ୍ରାଷ୍ଟାଚାର ରହିଛି ତା ନୁହେଁ ବିଶ୍ୱର ଅନେକ ଦେଶରେ ଭ୍ରଷ୍ଟାଚାରର ମାତ୍ରା ମଧ୍ୟ ବ୍ୟାପକ। ୧୮୦ଟି ଦେଶର ସୂଚକାଙ୍କରୁ ସ୍ପଷ୍ଟ ଯେ ୩୨ଟି ଦେଶ ୨୦୧୨ ମସିହା ପରଠାରୁ ଭ୍ରାଷ୍ଟାଚାରକୁ ରୋକିବା ଦିଗରେ ବେଶ୍ ସଫଳ ହୋଇଛନ୍ତି କିନ୍ତୁ ୧୪୮ଟି ଦେଶରେ ଭ୍ରଷ୍ଟାଚାର ଯଥାବତ୍ ସ୍ଥିତିରେ ରହିଛି ଅଥବା ବଢିଛି। ସୂଚକାଙ୍କ ଏକ ବିଶେଷତ୍ୱ ହେଉଛି ଯେ ଭ୍ରଷ୍ଟାଚାରକୁ ଅତି ସ୍ପଷ୍ଟ ଭାବରେ ବ୍ୟାଖ୍ୟା କରାଯାଇଛି। ସାଧାରଣତଃ କିଛି ତୃଟିପୂର୍ଣ୍ଣ କାର୍ଯ୍ୟ ଏବଂ ବିଶେଷତଃ ଯେଉଁଥିରେ ଧନରାଷିର ନେଣ-ଦେଣ ଥାଏ ତାକୁ ଭ୍ରଷ୍ଟାଚାର ବୋଲି କୁହାଯାଇଥାଏ। କିନ୍ତୁ ସୂଚକଙ୍କ ଅନୁସାରେ ପ୍ରଦତ୍ତ ଶକ୍ତିକୁ ନିଜସ୍ୱ ଲାଭ ପାଇଁ ଉପଯୋଗ କରିବାକୁ ମଧ୍ୟ ଭ୍ରଷ୍ଟାଚାର କୁହାଯାଇଛି। ଭ୍ରଷ୍ଟାଚାର କାରଣରୁ ବିଶ୍ୱାସ ଭଙ୍ଗ ହୋଇଥାଏ, ଗଣତନ୍ତ୍ର ଦୁର୍ବଳ ହୋଇଥାଏ, ଆର୍ଥୀକ ବିକାଶ ବାଧିତ ହୋଇଥାଏ ଏବଂ ଅସମାନତା, ସାମାଜିକ ବିଭାଜନ ଭଳି ସଙ୍କଟ ସୃଷ୍ଟି ହୋଇଥାଏ। ସୂଚକାଙ୍କ ଅନୁସାରେ ଭ୍ରଷ୍ଟାଚାର ସେତେବେଳେ ଉଜାଗର ହୋଇଥାଏ ଓ ଭ୍ରଷ୍ଟାଚାରଙ୍କ ବିରୁଦ୍‌ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥାଏ ଯେତେବେଳେ ଆମକୁ ବୁଝାପଡ଼େ ଯେ ଭ୍ରଷ୍ଟାଚାର କେମିତି ହୋଇଛି। ସୂଚକାଙ୍କର ସ୍ପଷ୍ଟ କରାଯାଇଛି ଯେ ଭ୍ରଷ୍ଟାଚାର ଅନେକ ପ୍ରକାରର ହୋଇଥାଏ ଯଥା- ଲୋକ ସେବକ ମାନେ ସେବା ପ୍ରଦାନ ପରିବର୍ତ୍ତେ ଧନ ବା ଅନୁଗ୍ରହ ଚାହିଁଥାନ୍ତି, ରାଜନେତାଙ୍କ ଦ୍ୱାରା ସାର୍ବଜନିକ ଧନର ଦୁରୁପଯୋଗ ଏପରିକି ନିଜର ପ୍ରିୟଜନଙ୍କୁ ଅନୁକମ୍ପା ପ୍ରଦର୍ଶନ, ବିଭିନ୍ନ କାର୍ଯ୍ୟ ପାଇଁ ଅଧିକାରୀ ମାନେ ଲାଞ୍ଚ ନେବା ଆଦି। କୁହାଯାଇଛି ଯେ ଭ୍ରଷ୍ଟାଚାର ବ୍ୟବସାୟରେ, ସରକାରରେ, ଗଣମାଧ୍ୟମ ଓ ସିଭିଲ ସୋସାଇଟିରେ ଏପରିକି ନ୍ୟାୟାଳୟରେ ମଧ୍ୟ ହୋଇପାରେ। ଏହା ଶିକ୍ଷା ସ୍ୱାସ୍ଥ୍ୟ, ମୂଳଭୁତ ବ୍ୟବସ୍ଥା ଅର୍ଥାତ୍ ସବୁ ସ୍ଥାନରେ ସମ୍ଭବ। ଭ୍ରଷ୍ଟାଚାରରେ ରାଜନେତା, ସରକାରୀ ଅଧିକାରୀ, ଲୋକସେବକ, ବ୍ୟବସାୟୀ ଏପରିକି ସାଧାରଣ ନେତା ମଧ୍ୟ ଲିପ୍ତ ହୋଇପାରନ୍ତି। ରିପୋର୍ଟରେ ଏକଥା ମଧ୍ୟ କୁହାଯାଇଛି ଯେ ବଦଳୁଥିବା ପରିସ୍ଥିତି ସହ ତାଳ ମିଳାଇ ଭ୍ରଷ୍ଟାଚାରର ରୂପମଧ୍ୟ ବଦଳୁଛି। ଏହା ନିୟମ, କାନୁନ୍ ଏପରିକି ବୈଶୟିକ ଜ୍ଞାନ କୌଶଳକୁ ମଧ୍ୟ ବଦଳାଇ ଦେଇପାରେ। ସମାଜ ଭ୍ରଷ୍ଟାଚାର ମୂଲ୍ୟ ନିଜର ସ୍ୱତନ୍ତ୍ରତାକୁ ହରାଇ ଭ୍ରଷ୍ଟାଚାରର ମୂଲ୍ୟ ପରିଶୋଧ କରିଥାଏ।

ରିପୋର୍ଟରେ କୁହାଯାଇଛି ଯେ ଭ୍ରଷ୍ଟାଚାର ସହ ଲଢ଼ିବା ପାଇଁ ଆମକୁ ପାରଦର୍ଶୀତାକୁ ଆପଣେଇବାକୁ ପଡିବ। ପାରଦର୍ଶିତାର ଅର୍ଥ ହେଉଛି କିଏ, କାହିଁକି, କେମିତି ଓ କେତେ ଏସବୁର ଉତ୍ତର ଜାଣିବା। ଏ ସବୁକୁ ଅଧିକ ସ୍ପଷ୍ଟ କରାଗଲେ ସ୍ପଷ୍ଟ ଯେ ଔପଚାରିକ ଏବଂ ଅନୌପଚାରିକ ନିୟମ, ଯୋଜନା ପ୍ରକ୍ରିୟା ଏବଂ କ୍ରିୟାକୁ ଉଜାଗର କରାଯିବା ଆବଶ୍ୟକ। ପାରଦର୍ଶିତା ଆମକୁ ବା ସାଧାରଣ ଜନତାଙ୍କୁ ଜନସ୍ୱାର୍ଥର ସୁରକ୍ଷା ପାଇଁ ସକ୍ଷମ କରିଥାଏ। ସୂଚନା ମାଗିବା ଓ ପାଇବା ଏହା ସମସ୍ତଙ୍କର ଅଧିକାର। ଏହା ଭ୍ରଷ୍ଟାଚାର ବିରୁଦ୍ଧରେ ଏକ ଅସ୍ତ୍ର। ଏକଥା ମଧ୍ୟ ସତ୍ୟ ଯେ ପାରଦର୍ଶିତାର ଅର୍ଥ କେବଳ ସୂଚନା ପ୍ରାପ୍ତି ନୁହେଁ, ଏହାକୁ ସାଧାରଣ ନାଗରିକ ବୁଝିବା ଏବଂ ପ୍ରୟୋଗ କରିବା ଆବଶ୍ୟକ। କିନ୍ତୁ ସୂଚନା ମିଳିବାରେ ମଧ୍ୟ ଅନେକ ବାଧା ରହିଛି। ଯଦିଓ ଆମଦେଶର ରାଜନୈତିକ ଦଳମାନେ ନିଜକୁ ସାଧୁ ସଚ୍ଚୋଟ ଭାବେ ପରିଚିତ ହେବା ପାଇଁ ଅନେକ କଥା କହୁଛନ୍ତି ଏବଂ ଦେଶରୁ ଭ୍ରଷ୍ଟାଚାର କମିଯାଇଛି ବୋଲି କହୁଛନ୍ତି କିନ୍ତୁ ପ୍ରକୃତ କଥା ଏହାଠାରୁ ବହୁଦୂରରେ। ଅନେକ ଭ୍ରଷ୍ଟ ରାଜନେତାଙ୍କୁ ଶାସକ ଦଳ ନିଜ ଦଳରେ ସାମିଲକରି ଧୋଇ ପୋଛି ସଫା କରି ଦେଉଛନ୍ତି। ଦେଖାଯାଉଛି ଶାସନରେ ଥିବା ନେତାମାନେ ଅଚାନକ ଭବ୍ୟାତିଭବ୍ୟ ହୋଇଯାଉଛନ୍ତି। ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାସନାଲର ରିପୋର୍ଟରେ କୁହାଯାଇଛି ଯେ ଅସଲରେ ଆମ ଚାରିପଟେ ଭ୍ରଷ୍ଟାଚାର ପସରା ମେଲାଇ ଦେଇଛି। ଜୀବନରେ ଯେମିତି କିଛି ବି ସଫା ସୁତୁରା ନାହିଁ, ଭ୍ରଷ୍ଟାଚାର କାହାକୁ ନା କାହାକୁ ଆହତ କରୁଛି ଓ ବ୍ୟଥିତ କରୁଛି। କିନ୍ତୁ କାହାରି ମୂଲ୍ୟାଙ୍କନ କରି ତାର ଭ୍ରଷ୍ଟ ହେବା ବାବଦରେ କିଛି କହିବା ପାଇଁ ଆମର ସାହସ ନାହିଁ। ଭ୍ରଷ୍ଟତା ଏବେ ସ୍ୱାଭାବିକ ହୋଇଯାଇଛି। ମଣିଷ ମାତ୍ରେ ହିଁ ଭୁଲ କରିବ ଏଥିରେ ଚମକିବାର କିଛି ନାହିଁ। ସତ୍ୟ ହେଉଛି ଆମେ ସମସ୍ତେ ଭ୍ରଷ୍ଟାଚାରକୁ ଜୀବନର ଏକ ଯଥାର୍ଥ ଭାବେ ସ୍ୱୀକାର କରିନେଇଛେ। ଭ୍ରଷ୍ଟାଚାରୀଙ୍କୁ ଆମେ ମଧ୍ୟ ନିମ୍ନ ଦୃଷ୍ଟିରେ ଦେଖୁନାହେଁ। ଅନ୍ୟ ପକ୍ଷରେ ଆମ ଆଖ ପାଖରେ କେହି ଯଦି ଭ୍ରଷ୍ଟାଚାର କରୁନଥିବା ଲୋକେ ଦେଖାଯାଆନ୍ତି ଆମେ ତାଙ୍କର ଅବ୍ୟବାହାରିତା ଏବଂ ମୁର୍ଖତାକୁ ନେଇ ଲଜ୍ଜିତ ଏବଂ ଚକିତ ହେଉଛେ।

ଅନେକ ସମୟରେ ଏମିତି ଲାଗେ ଯେ ଆମର ପାରମ୍ପରିକ ଚିନ୍ତା ବା ମାନସିକତା କେଉଁଠି ନା କେଉଁଠି ଭ୍ରଷ୍ଟାଚାରର ସ୍ୱୀକାର୍ଯ୍ୟତା ପାଇଁ ଦାୟୀ। ସବୁଠାରୁ ଦୁର୍ଭାଗ୍ୟର କଥା ହେଉଛି ଆମ ସମାଜ ଭଲ ମନ୍ଦର କଥା ବୁଝିବାକୁ ରାଜି ନୁହେଁ। ଏବେ କାହାର ଖରାପ କାର୍ଯ୍ୟ ଆମକୁ ଆହତ କରୁନାହିଁ। ଖରାପ ଭ୍ରଷ୍ଟାଚାର/ ଦୁର୍ନୀତିକୁ ଯେମିତି ଆମେ ଧୋଇ ପୋଛି ସଫା କରି ଦେଇଛେ ଓ ଆମେ ଏସବୁକୁ ଭୁଲ/ତୃଟି ବୋଲି ମାନୁନାହେଁ। ଏଣୁ ଭ୍ରଷ୍ଟାଚାର/ ଦୁର୍ନୀତିକୁ ଦୂର କରିବା କଥା କୁହାଯାଉଛି କାହିଁକି?


ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪





## ଅମର ଆତ୍ମାକୁ ଶ୍ରଦ୍ଧାଞ୍ଜଳୀ

### ଦେବାଶିଷ ଦେ



ଅନନ୍ତ ତୁମର କୀରତି ରାଜିର
ଅଛି କି ବା ପଟାନ୍ତର,
ଭୋଗରାଇ ମାଟି ତୁମକୁ ଝୁରଇ
ସ୍ମରି ଚିତ୍ର ଉନ୍ନତିର ।

ଭଲ ପ୍ରଶାସକ, ସତ୍ୟ ଉପାସକ,
ମଣିଷ ଦରଦ ବୁଝି,
ଜନମରୁ ଯାଇ ମରଣ ଯାବତ
ସେବିଲ ଜଗୁଆଳୀ ସାଜି।

ଦୁଃଖୀ ରଙ୍କିଙ୍କର ଚୁଲି ଜଳାଇଛ
ଚାକିରୀର ଅବଦାନେ,
କେତେ ଯେ ସଚଳ ପରିବାର ଆଜି
ଭିଆଇଛ ଗ୍ରାମେ ଗ୍ରାମେ।

ଭୋଗରାଇ ନାମ ଯିଏ ଯେବେ
ନେବ ତୁମକୁ ଅବା ନ ସ୍ମରି,
କେମିତି ପାରିବ ଉନ୍ନତି ବଖାଣି
ରାସ୍ତା ଘାଟ ପୋଲ ପୋଖରୀ ।

ସରକାରୀ କାମ ନେବାର କୌଶଳ
ବିଚକ୍ଷଣ ତୁମ ଥିଲା,
ଶିକ୍ଷକ ସମାଜକୁ ସମ୍ମାନ ଜଣାଇବା
ରହିବ ସଦା ଅଭୁଲା ।

ଶରଣ ରକ୍ଷଣେ ମାହିର ପୁରୁଷ ,
ତୁମେ ସଦା ବନ୍ଦନୀୟ,
କର୍ତ୍ତବ୍ୟ ବୋଧରେ ବନ୍ଧା ଥାଇ
ତୁମେ କରିଅଛ କାଳ ଜୟ।


+ପୋଷ୍ଟମାଷ୍ଟର ଆରପି ଲାଇନ୍
ବାଲେଶ୍ୱର ବ୍ରାଞ୍ଚ, ବାଲେଶ୍ୱର


## ପାପ ପୁଣ୍ୟ

### ଶ୍ରୀ ବିଦ୍ୟାଧର ସେଠୀ



ଖାଲି ଯାହା ଶୋଷ ମେଣ୍ଟାଇବାର
ଅଭିଳାଷ ହିଁ ଥିଲା ଶିଶୁଟିର
ସେ କଣ ଜାଣିଥିଲା ଯେ
ପାଣି ଭର୍ତ୍ତି ମାଟି ସୁରେଇକୁ
ଛୁଇଁଲେ ପାପ... ?

ଅବୋଧ ଶିଶୁଟି ହୁଏତ ଜାଣି ନଥିଲା
ପାପ ପୁଣ୍ୟର ଏ ଚକ୍ରବ୍ୟୁହ
ଯଦି ବା ଜାଣିଥାନ୍ତା
ମାରି ଦେଇଥାନ୍ତା କି
ବିନା ପାଣିରେ ତା'ର
ସବୁତକ ଶୋଷ... ?

ଜୀବନର ଅନ୍ୟ ନାମ
ବୋଧହୁଏ ଯନ୍ତ୍ରଣା
ଏହାକୁ ସ୍ୱୀକାର ନକରିବା ହିଁ
ଆତ୍ମ ପ୍ରବଞ୍ଚନା
ପାପୁଲିରେ ପୁଳାପୁଳା ଲାଞ୍ଛନାକୁ
କେତେ ବା ସହିଥାନ୍ତା ଶିଶୁଟି
ବରଂ ପାପ ପୁଣ୍ୟର ନକ୍ସାକୁ
ବୁଝିବା ପୂର୍ବରୁ
ହାତଠାରି ଡାକୁଥିଲା ତାକୁ କାଳ ।

ଗୁରୁ ହିଁ ଶ୍ରେଷ୍ଠ,
ସେ ଶିକ୍ଷାଦାତା ମୁକ୍ତିଦାତା
ନିର୍ବାଣ ବି ଦେଇପାରନ୍ତି
ନିଜ ଇସାରାରେ
ଆଙ୍ଗୁଠି ବି ଦକ୍ଷିଣା ନିଅନ୍ତି କେବେ ।

ଏବେ ମାନବିକତାର ମାନଚିତ୍ରରେ
ମାଟି ସୁରେଇ ବେଳେ ଦୃଶ୍ୟ
ପୁଣି ଅଦୃଶ୍ୟ
ଏହା ବିଦ୍ୱେଷର ଗରଳ ନା
ସଭ୍ୟତାର କଳଙ୍କ
ଶୁଖି ନଥିବା ଘା'କୁ ଲୁଚାଇବା
ପାପ ନା ପୁଣ୍ୟ... ।


ବ୍ୟକ୍ତିଗତ ସହାୟକ
ଜିଲ୍ଲା ପରିଷଦ କାର୍ଯ୍ୟାଳୟ
ବାଲେଶ୍ୱର, ଓଡ଼ିଶା
ମୋ: ୯୯୩୮୮୩୫୮୭୭


## ଅପେକ୍ଷା କେବେଠୁ...

### ରାହାସ କୁମାର ବେହେରା



ଅପେକ୍ଷା ପୁଣି କେବେଠୁ କାହାପାଇଁ
ଯାହା ହୋଇଛି ଏ ଧରାରେ ସଜ୍ଜା,
ଫୁଲେ ଫୁଲେ କଳା ଭଅଁର
ଖାଲି ଗୁଣୁ ଗୁଣୁ ଉଡେ ଆନନ୍ଦେ
ଦେଖି ଲାଗଇ ମଜା ।
ସେଇ ଫୁଲେ ନୂଆ ଫଗୁଣ
ଘର ତୋଳିଛି କେତେ ଶ୍ରମରେ
ପ୍ରିୟା ଅବିର ପାଇଁ,
ବାସଇ ତା' ଦେହ ବଉଳ
ଡାକେ ସଙ୍ଗାତ
ଆ' ଦେଖିବା ରଙ୍ଗ ମୁରୁଜ
ମିଶି ଆନନ୍ଦ ହୋଇ ।
ତାଜା ତାଜା ମିଠା ମଳୟ
ଛୁଏଁ ତୁମକୁ, ହୃଦ ନବ ପଲ୍ଲବ,
ଝରିପଡ଼େ ପ୍ରେମ ମାଧୁରୀ
ପ୍ରିୟା ଗଭାରେ ଫୁଟେ ପଳାଶ
ଆଣେ ରଙ୍ଗ ପରବ ।
ଇନ୍ଦ୍ରଧନୁ କୋଳେ ଚନ୍ଦ୍ରମା
ଆଖି ଝଲସେ
ଢାଳେ ମିଠା ଜୋଛନା,
ଝର ଝର ଝରା ପତର
ନାଚେ ଉନ୍ମାଦେ ଦେଖେ ସପନ
ଖୋଲି ମନ ଆଇନା ।


ବାଲ୍ୟମ୍ବା,ଭାପୁର
ଢେଙ୍କାନାଳ :୭୫୯୦୧୫
ମୋ :୯୪୩୮୧୧୪୩୬୮

## ଆହାର

**ସ୍ୱାସ୍ଥ୍ୟରକ୍ଷାର ପ୍ରଥମ ଆୟୁଧ ହେଉଛି ଆହାର । ଆହାର କାରଣରୁ ଶରୀରର ଆକାର ବୃଦ୍ଧି ପାଇଥାଏ । ଏଥିରୁ ସ୍ୱାସ୍ଥ୍ୟ ନିର୍ଦ୍ଧାରଣ ହୋଇଥାଏ । ସର୍ବଦା ସୁଷମ ଖାଦ୍ୟ ଉପରେ ନିର୍ଭର କରିବା ଆବଶ୍ୟକ । ତେଣୁ ଖାଦ୍ୟ ଗ୍ରହଣ ସମୟରେ ଯଥେଷ୍ଟ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ।**





ଖାଦ୍ୟ ଖାଇବା ପୂର୍ବରୁ ହାତକୁ ସାବୁନରେ ଧୋଇ ଅଳ୍ପ ବିଶୁଦ୍ଧ ଜଳ ଖାଦ୍ୟ ଗ୍ରହଣ ସୁଗମ ପାଇଁ ଆଚମନ କରିବା ଉଚିତ ।

ନିୟମ ଅନୁସାରେ, ସୁଷମ ଖାଦ୍ୟ ନିୟମିତ ଗ୍ରହଣ କରିବା ଉଚିତ । କ୍ଷୁଧା ଅନୁରୂପ ପେଟଭରା ନଖାଇ କମଖାଦ୍ୟ ଗ୍ରହଣକରିବା ଶରୀର ପାଇଁ ଭଲ ।

ନିୟମିତ ତନ୍ତୁଯୁକ୍ତ ଖାଦ୍ୟ ଯଥା: ଶାଗ, ଫଳ, ସାଲାଡ, ଡାଲି, ପନିପରିବା ଜାତୀୟ ଶାକାହାରୀ ଖାଦ୍ୟଗ୍ରହର କରିବା ଉଚିତ୍ । ଶାଗ ଜାତୀୟ ଖାଦ୍ୟ ମୁହଁର ଲୋଚାପଣ ଦୂର କରିବା ସହ ଦୃଷ୍ଟିଶକ୍ତି ବଢ଼ାଏ ।

ଚା ଓ କଫି ନ ପିଇବା ଭଲ । ଦୀର୍ଘଦିନ ଏହାକୁ ପିଇଲେ ଯକୃତରେ ହାନି ପହଞ୍ଚାଏ। ଏଥିଯୋଗୁଁ ସ୍ନାୟବିକ ଦୁର୍ବଳତା ସୃଷ୍ଟି ହୋଇଥାଏ ।

ଚିନି ଓ ଲୁଣ ଯେତେଦୂର ସମ୍ଭବ କମ୍ ଗ୍ରହଣ କରିବା ଉଚିତ୍ ।

ଧୂଆଁ ପତ୍ର ସେବନ, ଧୂମପାନ, ମଦ୍ୟପାନ ବା ଯେକୌଣସି ନିଶାଦ୍ରବ୍ୟ ସମ୍ପୂର୍ଣ୍ଣ ପରିହାର ବିଧେୟ ।

ବ୍ୟକ୍ତିଗତ ଅବସ୍ଥାକୁ ବିଚାର କରି ମାସରେ ଥରେ ସଜଳ/ନିର୍ଜଳ/ସଫଳ ଉପବାସ କରିବା ଉଚିତ୍ ।

ପ୍ରତ୍ୟହ ଗଜାମୁଗ, ଗଜାବିରି, ଗଜାମେଥି, ଗଜା ସୋୟାବିନ ଓ ଗଜା ଗହମ ଗ୍ରହଣ କରିବା ଭଲ । ଫାଷ୍ଟଫୁଡ୍, ଜଙ୍କଫୁଡ୍, ବାସିଖାଦ୍ୟ ନ ଖାଇବା ଭଲ ।

ପ୍ରତ୍ୟେକ ଦିନ ଖାଦ୍ୟରେ କଦଳୀ, କମଳା, ଲେମ୍ବୁ, ସେଓ, ଡାଳିମ୍ବ, ଅଁଳା ଆଦି ଋତୁକାଳୀନ ଫଳ ସେବନ କରିବା ଉଚିତ ।

ଖାଦ୍ୟରେ ସଂଶ୍ଲେଷିତ ରଙ୍ଗ ଓ ସୁବାସିତ ଦ୍ରବ୍ୟ ବ୍ୟବହାର ନକରି ସାଧାରଣ ହଳଦୀ, ତେଜପତ୍ର, ଧନିଆଁ ପତ୍ର, ପୋଦିନା ପତ୍ର ଆଦି ପରି ପ୍ରାକୃତିକ ଦ୍ରବ୍ୟର ସୁବାସକୁ ଉପଯୋଗ କରିବା ଉଚିତ ।

ତେଲଜାତୀୟ ଖାଦ୍ୟର ପରିମାଣ ଯେତେ କମ୍ ହେବ ଭଲ। ମଝିରେ ମଝିରେ ରାନ୍ଧିବା ତେଲ ଗ୍ରହଣରେ ପରିବର୍ତ୍ତନ କଲେ ଶରୀର ଆବଶ୍ୟକୀୟ ପୋଷକତତ୍ତ୍ୱ ପାଇପାରିଥାଏ ।

କ୍ଷୁଧା ନଥିବା ସମୟରେ ଖାଦ୍ୟ ଗ୍ରହଣ କରିବାକୁ ଆୟୁର୍ବେଦରେ କ୍ରମବିରୁଦ୍ଧ ଆହାର କହନ୍ତି । ଏହିପରି ଅନେକ ବିରୁଦ୍ଧ ଆହାର ବିଷୟରେ ଦୃଷ୍ଟାନ୍ତ ରହିଛି । ଯଥା- ମହୁକୁ ଉଷୁମ କରି ସେବନ, କଂସାପାତ୍ରରେ ଅନେକ ଦିନ ଧରିଥିବା ଘିଅ ପଦାର୍ଥ, ମାଛ ଓ କ୍ଷୀର ଏକତ୍ର ସେବନ, ଶୀତଋତୁରେ ଥଣ୍ଡା ପଦାର୍ଥ ଓ ଗ୍ରୀଷ୍ମ ଋତୁରେ ଉଷ୍ଣ, ଖଟା, ରାଗ ପଦାର୍ଥ ସେବନ ଇତ୍ୟାଦି ।

## ପନିର ଟୋମାଟୋ ଚମନ୍

ସମଗ୍ରୀ : ପନିର୍-୨୦୦ଗ୍ରାମ, ଗୁଜୁରାତି-୩, ତେଜପତ୍ର-୨, ହିଙ୍ଗୁ- ୧/୨ଚାମଚ, ଲଙ୍କାଗୁଣ୍ଡ-୧/୨ଚାମଚ, ଟମାଟୋ ପ୍ୟୁରି-୧କପ୍, ଅଦାପେଷ୍ଟ-୨ଚାମଚ, ଜିରା ଗୁଣ୍ଡ- ୧/୨ଚାମଚ, ଗରମ ମସଲା-୧/୨



ଚାମଚ, କଟା ଧନିଆ ପତ୍ର, ଲୁଣ ଓ ତେଲ ଆବଶ୍ୟକତା ଅନୁସାରେ ।

ପ୍ରସ୍ତୁତି ପ୍ରଣାଳୀ:- ପ୍ରଥମେ କଡ଼େଇତେଲ ଗରମ କରନ୍ତୁ । ସେଥିରେ କଟା ପନିରକୁ ସୁନେଲି ରଙ୍ଗ ହେବା ପର୍ଯ୍ୟନ୍ତ ଛାଣନ୍ତୁ । ଏବେ ଆଉ ଏକ ପ୍ୟାନରେ କିଛି ତେଲ ଗରମ କରନ୍ତୁ। ସେଥିରେ ଗୁଜରାତି, ତେଜପତ୍ର, ହିଙ୍ଗୁ, ଲଙ୍କାଗୁଣ୍ଡ, ଟମାଟୋ ପ୍ୟୁରି ଏବଂ ଲୁଣ ପକାଇ କିଛି ସମୟ କଷନ୍ତୁ । ପରେ ସେଥିରେ ଅଦା ପେଷ୍ଟ, ହଳଦୀ ଗୁଣ୍ଡ, ଜିରା ଗୁଣ୍ଡ ଏବଂ ଅଳ୍ପ ପାଣି ଦେଇ ଧୀମା ଆଞ୍ଚରେ ୫ମିନିଟ୍ ପାଇଁ ଛାଡ଼ିଦିଅନ୍ତୁ । ଏବେ ଗ୍ରେଭିରେ ଫ୍ରାଏ ପନିରକୁ ଭଲଭାବେ ମିଶାଇ ସେଥିରେ ଧନିଆ ପତ୍ର ପକାନ୍ତୁ । ଗରମ ଗରମ ଟମାଟୋ ଚମନ୍ ।

## ବିମାନ ଯାତ୍ରା ସମୟରେ ହୁଅନ୍ତୁ ସଚେତନ

ଗତ କିଛି ବର୍ଷ ମଧ୍ୟରେ ବିମାନ ଯାତ୍ରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିମାନ ଟିକେଟ୍ ଭଡ଼ା ଯଥେଷ୍ଟ ହ୍ରାସ ପାଇବାରୁ ବିଭିନ୍ନ ବର୍ଗର ଲୋକେ ନିଜ ସକ୍ଷମତା ଅନୁସାରେ ଯାତ୍ରା କରିପାରୁଛନ୍ତି । ତେବେ ବିମାନ ଯାତ୍ରା ସମୟରେ କୋଡୋଟି ଦିଗ ପ୍ରତି ଧ୍ୟାନ ଦେବା ଆବଶ୍ୟକ । ସମସ୍ତ ପ୍ରକାର ଖାଦ୍ୟପାନୀୟ ଆକାଶମାର୍ଗରେ ଯାତ୍ରା ସମୟରେ ଖାଇବା ସ୍ୱାସ୍ଥ୍ୟ ନିମନ୍ତେ ହିତକର ନୁହେଁ ।

ଛଣାଛଣି ଖାଦ୍ୟ ବିମାନ ଯାତ୍ରା ସମୟରେ କିମ୍ବା ୩୦-୪୦ ମିନିଟ୍ ପୂର୍ବରୁ ସେବନ କରନ୍ତୁ ନାହିଁ । ଏହା କାରଣରୁ ଅମ୍ଳ ରୋଗ ହେବାର ଆଶଙ୍କା ସର୍ବାଧିକ । ବିଶେଷଜ୍ଞଙ୍କ ମତରେ ଛଣାଛଣି ଖାଦ୍ୟରେ ସୋଡିୟମ ପରିମାଣ ଅଧିକ ଥିବାରୁ ତାହା ଶରୀର ପାଇଁ କ୍ଷତିକାରକ। ମୃଦୁପାନୀୟ ମଧ୍ୟ ବିମାନ ଯାତ୍ରା ପୂର୍ବରୁ ନ ପିଇବା ଉଚିତ । ଏହି କାରଣରୁ ବଦହଜମ ହୋଇପାରେ ।



ବ୍ରୋକୋଲି, ଫୁଲକୋବି, ବନ୍ଧାକୋବି ଆଦି ପରିବା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଭଲ, କିନ୍ତୁ ବିମାନ ଯାତ୍ରା ପୂର୍ବରୁ ଏସବୁ ଖାଆନ୍ତୁ ନାହିଁ। କାରଣ ଏହି ପରିବା ସହଜରେ ହଜମ ହୋଇନଥାଏ ।

## ସ୍ୱପ୍ନରେ ଦେଖୁଛନ୍ତି କି ଏହି ୫ ଜିନିଷ: ଜାଣନ୍ତୁ କିଏ ଶୁଭ କିଏ ଅଶୁଭ



ସ୍ୱପ୍ନର ଦୁନିଆ ବାସ୍ତବରେ ଭିନ୍ନ ହୋଇଥାଏ। ସ୍ୱପ୍ନ ଦେଖିବା ଶୋଇବା ପରି ସ୍ୱାଭାବିକ ହୋଇଥାଏ। ଅନେକ ସମୟରେ ଏମିତି ହୁଏ ଯେ ଆମେ ସ୍ୱପ୍ନ ଦେଖି ଡରିଯିବା, ଦ୍ୱନ୍ଦ୍ୱରେ କିମ୍ବା ବିବ୍ରତ ହୋଇ ଉଠିପଡିବା। ତେବେ ଏହି ସ୍ୱପ୍ନ କେବଳ ତୁଚ୍ଛାଟାରେ ଘଟେ ନାହିଁ, ଏସବୁ ମଧ୍ୟ ଅନେକ କିଛି କୁହେ। ସ୍ୱପ୍ନର ଦୁନିଆ ବାସ୍ତବରେ ଭିନ୍ନ ହୋଇଥାଏ। ସ୍ୱପ୍ନ ଦେଖିବା ଶୋଇବା ପରି ସ୍ୱାଭାବିକ ହୋଇଥାଏ। ଅନେକ ସମୟରେ ଏମିତି ହୁଏ ଯେ ଆମେ ସ୍ୱପ୍ନ ଦେଖି ଡରିଯିବା, ଦ୍ୱନ୍ଦ୍ୱରେ କିମ୍ବା ବିବ୍ରତ ହୋଇ ଉଠିପଡିବା। ତେବେ ଏହି ସ୍ୱପ୍ନ କେବଳ ତୁଚ୍ଛାଟାରେ ଘଟେ ନାହିଁ, ଏସବୁ ମଧ୍ୟ ଅନେକ କିଛି କୁହେ।

ଏପରି ପରିସ୍ଥିତିରେ, ଏହା ଜରୁରୀ ଯେ ସେହି ସ୍ୱପ୍ନର ଅର୍ଥ ବୁଝିବା, ଯାହା ଦ୍ୱାରା ଆପଣଙ୍କ ସହିତ ଘଟିବାକୁ ଥିବା ଭଲ ଏବଂ ଖରାପ ଘଟଣା ବିଷୟରେ ଜାଣିହେବ। ଲୋକମାନେ ଅନେକ ପ୍ରକାରର ସ୍ୱପ୍ନ ଦେଖନ୍ତି, ସେଗୁଡିକ ମଧ୍ୟରୁ କିଛି ମନେରୁହେ ଏବଂ ଆଉ କିଛି ଭୁଲିହୋଇଯାଏ।

ଆପଣ କେବେ ସ୍ୱପ୍ନରେ ଦାନ୍ତ ରଗଡିବା, ପଛରୁ କେହି ଗୋଡ଼ାଇବା କିମ୍ବା ଉପରୁ ଖସିପଡିବା ଭଳି ଜିନିଷ ଦେଖିଛନ୍ତି କି? ଯଦି ହଁ, ତେବେ ଏପରି ସ୍ୱପ୍ନ ଦେଖିବାର ଅର୍ଥ କ'ଣ ଜାଣିବା ଜରୁରୀ। ତେବେ ଆସନ୍ତୁ ଜାଣିବା ଜ୍ୟୋତିଷଶାସ୍ତ୍ର ମନରେ ଏହିପରି ସ୍ୱପ୍ନ ଦେଖିବା କ'ଣ ସୂଚାଇଥାଏ।

***ଆକାଶରୁ ଖସିପଡିବା:***

ସ୍ୱପ୍ନ ବିଜ୍ଞାନ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ନିଜକୁ ଆକାଶରୁ ଖସିପଡିବାର ଦେଖେ, ତେବେ ଏହି ସ୍ୱପ୍ନ ତାଙ୍କ ପାଇଁ ଏକ ଅଶୁଭ ସଙ୍କେତ ହୋଇପାରେ। ଏହି ପ୍ରକାରର ସ୍ୱପ୍ନ ଦେଖିବାର ଅର୍ଥ ହେଉଛି ଭବିଷ୍ୟତରେ କିଛି ବିପଦ ଆସିପାରେ। ଏଭଳି ପରିସ୍ଥିତିରେ, ଏହାକୁ ଧ୍ୟାନରେ ରଖିବା ଆପଣଙ୍କ ପାଇଁ ଜରୁରୀ ଅଟେ। ସେହିପରି, ଯଦି ଆପଣ ନିଜକୁ ଏକ ପାହାଡ କିମ୍ବା ପର୍ବତରୁ ଖସିପଡିବାର ଦେଖନ୍ତି, ତେବେ ଏହା ମଧ୍ୟ ରୋଜଗାରକୁ ହ୍ରାସ କରିବାର ସଙ୍କେତ ହୋଇପାରେ।

***ପଛରୁ କେହି ଗୋଡେଇବା:***

ସ୍ୱପ୍ନ ବିଜ୍ଞାନ ବିଶ୍ୱାସ କରେ ଯେ ଯଦି ସ୍ୱପ୍ନରେ କେହି ପଛରୁ ଗୋଡେଇବା ଦେଖନ୍ତି ତେବେ ଏହାର ଅର୍ଥ ହେଉଛି ବାସ୍ତବ ଜୀବନରେ କିଛି ବଡ ଚିନ୍ତାର ସମ୍ମୁଖୀନ ହେବା। ଏହା ମଧ୍ୟ ବିଶ୍ୱାସ କରାଯାଏ ଯେ ନିକଟ ଭବିଷ୍ୟତରେ ତୁମର କାହା ସହିତ ବିବାଦ ହୋଇପାରେ। ତେଣୁ, ଯେତେବେଳେ ଏପରି ସ୍ୱପ୍ନ ଆସେ ସତର୍କ ହେବା ଆବଶ୍ୟକ।

***ସ୍ୱପ୍ନରେ ଦାନ୍ତ ଭାଙ୍ଗିବା:***

ସ୍ୱପ୍ନରେ ଦାନ୍ତ ପଡିବା ଏକ ଅଶୁଭ ସଙ୍କେତ ଭାବରେ ବିବେଚନା କରାଯାଏ। ଦାନ୍ତ ଭାଙ୍ଗିବାର ସ୍ୱପ୍ନ ମଧ୍ୟ ଅନେକ ଲୋକମାନଙ୍କ ମଧ୍ୟରେ ସାଧାରଣ। ଏହା ନିକଟରେ ପଦ-ପଦବୀ କିମ୍ବା ଟଙ୍କା ହରାଇବାର ସଂକେତ। ଅନ୍ୟପକ୍ଷରେ, ଯଦି ଏହି ସ୍ୱପ୍ନର ଅର୍ଥ ହେଉଛି ଆତ୍ମବିଶ୍ୱାସର ଅଭାବ।

***ନିଜକୁ ଉଡୁଥିବାର ଦେଖିବା:***

ସ୍ୱପ୍ନରେ ନିଜକୁ ଉଡ଼ିବା ଦେଖିବା ଏକ ସକରାତ୍ମକ ଏବଂ ଭଲ ସ୍ୱପ୍ନ ଭାବରେ ବିବେଚନା କରାଯାଏ। ସ୍ୱପ୍ନ ବିଜ୍ଞାନ ଅନୁଯାୟୀ, ଯଦି ଜଣେ ବ୍ୟକ୍ତି ସ୍ୱପ୍ନରେ ଉଡୁଥିବାର ଦେଖେ, ଏହାର ଅର୍ଥ ହେଉଛି ତାଙ୍କର କିଛି ବିଚାରାଧୀନ କାମ ଭବିଷ୍ୟତରେ ଶେଷ ହେବାକୁ ଯାଉଛି। ଜଣେ ବ୍ୟକ୍ତି ଚାକିରି କିମ୍ବା ବ୍ୟବସାୟରେ ସଫଳତା ପାଇପାରେ। ସ୍ୱପ୍ନରେ ଉଡ଼ିବାର ଅର୍ଥ ହେଉଛି ଜଣେ ବ୍ୟକ୍ତି ଜୀବନରେ କିଛି ନୂଆ କାମ ଆରମ୍ଭ କରିପାରିବ ଏବଂ ସେ ସେହି କାମରେ ଲାଭ ପାଇ ପାରିବ।

## ନ୍ୟୁଟ୍ରିସନର ଭବିଷ୍ୟତ, ଗାଈ କ୍ଷୀରଠାରୁ ବି ପୁଷ୍ଟିକର ଅସରପା କ୍ଷୀର !



ଏହି ସୁପର ଫୁଡ ତାଲିକାରେ ନୂତନ ଭାବରେ ସାମିଲ ହୋଇଛି ଅସରପା କ୍ଷୀର। ଡିପ୍ଲୋପଟେରା ପଙ୍କଟାଟା ନାମକ ଅସରପା ପ୍ରଜାତିର କ୍ଷୀରରେ ଗାଈ କ୍ଷୀରଠାରୁ ୩ ଗୁଣ ଅଧିକ ପୋଷକ ତତ୍ତ୍ୱ ଉପଲବ୍ଧ ଥାଏ।

ସୁପର ଫୁଡ ବା ଏନର୍ଜି ବଢାଇବା ପାଇଁ ବ୍ୟବହୃତ ହେଉଥିବା ଖାଦ୍ୟ ସର୍ବଦା ଯୁବ ପିଢିକୁ ଆକର୍ଷିତ କରିଥାଏ। ଏମିତି ଏକ ଖାଦ୍ୟ ହେଉଛି ଅସରପା କ୍ଷୀର। ନିକଟରେ ବୈଜ୍ଞାନିକମାନଙ୍କ ଦ୍ୱାରା କରାଯାଇଥିବା ପରୀକ୍ଷଣରୁ ଏଭଳି ସତ୍ୟ ସାମ୍ନାକୁ ଆସିଛି । ଏହାକୁ ଗାଈ କ୍ଷୀରଠାରୁ ମଧ୍ୟ ଅଧିକ ପୁଷ୍ଟିକର ବୋଲି ବୈଜ୍ଞାନିକ ଦାବି କରିଛନ୍ତି। ଏହି ସୁପର ଫୁଡ ତାଲିକାରେ ନୂତନ ଭାବରେ ସାମିଲ ହୋଇଛି ଅସରପା କ୍ଷୀର। ଡିପ୍ଲୋପଟେରା ପଙ୍କଟାଟା ନାମକ ଅସରପା ପ୍ରଜାତିର କ୍ଷୀରରେ ଗାଈ କ୍ଷୀରଠାରୁ ୩ ଗୁଣ ଅଧିକ ପୋଷକ ତତ୍ତ୍ୱ ଉପଲବ୍ଧ ଥାଏ।

୨୦୧୬ରେ କରାଯାଇଥିବା ଲ୍ୟାବ ପରୀକ୍ଷାରୁ ଜଣାପଡିଥିଲା ଯେ, ଅସରପା କ୍ଷୀରରେ ୪୫ ପ୍ରତିଶତ ପ୍ରୋଟିନ୍, ୨୫ ପ୍ରତିଶତ କାର୍ବୋହାଇଡ୍ରେଟ୍, ୧୬ ରୁ ୨୨ ପ୍ରତିଶତ ଫ୍ୟାଟ୍ ଏବଂ ୫ ପ୍ରତିଶତ ଆମିନୋ ଏସିଡ୍ ଥାଏ ।

ଏହା ବ୍ୟତୀତ ଏଥିରେ ଫୋଲିକ୍ ଏସିଡ୍, ଲିନୋଲିକ୍ ଏସିଡ୍, ଓମେଗା ୩ ଫ୍ୟାଟି ଏସିଡ୍, ଭିଟାମିନ୍, ଖଣିଜ ପଦାର୍ଥ, ସର୍ଟ ଚେନ୍ ଏବଂ ମଧ୍ୟମ ଚେନ୍ ଫ୍ୟାଟି ଏସିଡ୍ ମଧ୍ୟ ରହିଛି । ଏଥିରେ ପ୍ରୋଟିନର ଏକ ସମ୍ପୂର୍ଣ୍ଣ ଉତ୍ସ ଅଛି, ଅର୍ଥାତ୍ ସମସ୍ତ ୯ଟି ଆମିନୋ ଏସିଡ୍ ମିଳୁଛି । ଆଜିର ସମୟରେ, ଯେତେବେଳେ ଅଧିକାଂଶ ଲୋକ କ୍ଷୀର ଅସହିଷ୍ଣୁ, ଅର୍ଥାତ୍ କ୍ଷୀର ସେମାନଙ୍କ ଶରୀରକୁ ସୁହାଇ ପାରେ ନାହିଁ, ସେତେବେଳେ ଅସରପା ଏକ ଭଲ ବିକଳ୍ପ ପ୍ରମାଣିତ ହୋଇପାରେ । ଏହାର କାରଣ ହେଉଛି ଯେ ଲାକ୍ଟୋଜ୍ ହଜମ କରୁଥିବା ଲାକ୍ଟେଜ୍ ଏନଜାଇମ୍ ବିଶ୍ୱର ୬୫ ପ୍ରତିଶତ ଲୋକଙ୍କଠାରେ କମ୍ ଉତ୍ପାଦିତ ହୁଏ । ସେଥିପାଇଁ କ୍ଷୀର ହଜମ ହୁଏ ନାହିଁ ।

କିନ୍ତୁ ଅସରପା କ୍ଷୀରରେ ଏପରି ହୁଏ ନାହିଁ, କାରଣ ଏଥିରେ ଲାକ୍ଟୋଜ୍ ନାହିଁ । ଏହି କାରଣରୁ ଏହି କ୍ଷୀର ପିଇବା ଦ୍ୱାରା ପେଟ ଫୁଲିବା, ବଦହଜମୀ, ବାନ୍ତି, ଝାଡ଼ା ଭଳି ସମସ୍ୟା ହେବ ନାହିଁ । ତଥାପି, ଅସରପାରେ ପ୍ରଚୁର କ୍ୟାଲୋରୀ ଥାଏ ଯାହା ଫଳରେ ସେମାନଙ୍କ ଓଜନ ବୃଦ୍ଧି ହୋଇପାରେ ।

ନିଶ୍ଚିତ ଭାବରେ ଏହା ପୁଷ୍ଟିକର ଭଣ୍ଡାରରେ ପରିପୂର୍ଣ୍ଣ ହୋଇପାରେ କିନ୍ତୁ ଅସରପା କ୍ଷୀର ବାହାର କରିବା ବର୍ତ୍ତମାନ ବ୍ୟାବହାରିକ ନୁହେଁ କାରଣ ଏଥିପାଇଁ ଜଟିଳ ପ୍ରକ୍ରିୟା ଆବଶ୍ୟକ ହେବ । ଏହା ସତ୍ତ୍ୱେ ଏଥିରୁ ବହୁତ କମ୍ କ୍ଷୀର ବାହାରିବ ।ଏପରି ପରିସ୍ଥିତିରେ ବର୍ତ୍ତମାନ ସମୟରେ ଅସରପାରୁ ଅଧିକ ପରିମାଣରେ କ୍ଷୀର ଉତ୍ପାଦନ କରିବା ବ୍ୟାବହାରିକ ନୁହେଁ । ବୈଜ୍ଞାନିକମାନେ କହିଛନ୍ତି ଯେ ଅସରପା ପେଟରେ କ୍ଷୀର ପରି ଏକ ପଦାର୍ଥ ଉତ୍ପାଦିତ ହୁଏ । ଏଥିପାଇଁ ଅସରପାକୁ ମାରିବାକୁ ପଡିବ ଏବଂ ୧୦୦ ଗ୍ରାମ କ୍ଷୀର ବାହାର କରିବାକୁ ପ୍ରାୟ ୧୦୦୦ ମାଈ ଅସରପାକୁ ମାରିବାକୁ ପଡିବ । ଅବଶ୍ୟ ଅସରପାରୁ କ୍ଷୀର ବାହାର କରିବାର ଧାରଣା ନିଶ୍ଚିତ ଭାବରେ ଆକର୍ଷଣୀୟ । ଏହା ସମ୍ଭବ ଯେ ନିକଟ ଭବିଷ୍ୟତରେ ବିଜ୍ଞାନ କୌଶଳର ଉନ୍ନତି ସହିତ ଏହାକୁ ମୁଖ୍ୟ କ୍ଷୀର ଭାବରେ ବ୍ୟବହାର କରାଯିବା ଆରମ୍ଭ ହୋଇପାରେ ।

## ସୌନ୍ଦର୍ଯ୍ୟ ପାଇଁ ଉପକାରୀ ଲବଙ୍ଗ ତେଲ

ଲବଙ୍ଗ ତେଲରେ ଅନେକ ଔଷଧୀୟ ଗୁଣ ଭରି ରହିଛି। ସ୍ୱାସ୍ଥ୍ୟ ଜନିତ ଅନ୍ୟ ସମସ୍ୟା ସହିତ ସୁନ୍ଦର ତ୍ୱଚା ପାଇଁ ବି ଏହାକୁ ବ୍ୟବହାର କରାଯାଏ। ଏଥିରେ ଆଣ୍ଟିସେପ୍ଟିକ୍ ଗୁଣ ସହିତ ଭିଟାମିନ୍ ସି, ଭିଟାମିନ୍ ଏ , ଆଣ୍ଟି-ବ୍ୟାକ୍ଟେରିଆଲ୍ ଓ ଆଣ୍ଟି-ଇନ୍ଫ୍ଲାମେଣ୍ଟାରୀ ଗୁଣ ରହିଛି। ଆଉ ଏସବୁ ସୁସ୍ଥ ତ୍ୱଚା ପାଇବା ପାଇଁ ଖୁବ୍ ଉପକାରୀ। ତା'ହେଲେ ଆସନ୍ତୁ ଜାଣିବା ଏହାକୁ ବ୍ୟବହାର କରି ତ୍ୱଚା ଜନିତ କେଉଁ କେଉଁ ସମସ୍ୟାରୁ ମୁକ୍ତି ପାଇ ପାରିବେ।

*ଯଦି ଆପଣଙ୍କ ମୁହଁରେ ବାରମ୍ବାର ବ୍ରଣ ସମସ୍ୟା ଦେଖାଯାଉଛି, ତା'ହେଲେ ଲବଙ୍ଗ ତେଲ ବ୍ୟବହାର କରନ୍ତୁ। ଏହା ବ୍ରଣ ସମସ୍ୟାକୁ ଦୂର କରିବ।

*ଲବଙ୍ଗ ତେଲ ଶରୀରରେ ଥିବା କଳାଦାଗ ଦୂର କରିବା ପାଇଁ ସାହାଯ୍ୟ କରିଥାଏ। ଏହି ତେଲ ବହୁତ ଷ୍ଟ୍ରଙ୍ଗ ହୋଇଥିବାରୁ ଏହାକୁ ବାଦାମ କିମ୍ବା ନଡ଼ିଆ ତେଲ ସହିତ ମିଶାଇ ଲଗାନ୍ତୁ। ଯଦି ଏପରି କରିବାକୁ ଚାହୁଁନାହାନ୍ତି, ତେବେ ଦୁଇ ବୁନ୍ଦାରୁ ଅଧିକ ଲବଙ୍ଗ ତେଲ ବ୍ୟବହାର କରନ୍ତୁ ନାହିଁ।

*ଯଦି ମୁହଁର ତ୍ୱଚାରେ କୁଞ୍ଚନ ଦେଖାଯାଉଛି, ତା'ହେଲେ ଚିନ୍ତା କରନ୍ତୁ ନାହିଁ। ନଡ଼ିଆ ତେଲ ସହିତ ୫ ବୁନ୍ଦା ଲବଙ୍ଗ ତେଲ ମିଶାନ୍ତୁ ଏବଂ ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ମୁହଁରେ ମାଲିସ କରନ୍ତୁ। ଏପରି କଲେ ଚେହେରାରେ ପଡୁଥିବା ଭାଙ୍ଗ ଓ କୁଞ୍ଚନ ସମସ୍ୟା କମ୍ ହେବା ଆପଣ ଲକ୍ଷ୍ୟ କରିପାରିବେ।

*ଘରୁ ବାହାରକୁ ବାହାରିଲେ ଧୂଳି ଓ ପ୍ରଦୂଷଣ ଯୋଗୁଁ ମୁହଁର ତ୍ୱଚା ଉପରେ ପ୍ରଭାବ ପଡ଼ିଥାଏ। ପ୍ରଦୂଷଣ ସ୍କିନ୍‌କୁ ଡଲ୍ କରିଥାଏ। ଏଥିପାଇଁ ଘରକୁ ଆସିଲେ, କଟନ୍‌ରେ ଅଳ୍ପ ଲବଙ୍ଗ ତେଲ ନେଇ ମୁହଁକୁ ଭଲ ଭାବରେ ସଫା କରନ୍ତୁ।

# ବଲାଙ୍ଗିରରେ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ବଲାଙ୍ଗିର,୧୦/୩ (ନି.ପ୍ର): ବଲାଙ୍ଗିର ଜିଲ୍ଲା ନ୍ୟାୟାଳୟ ସମେତ ଜିଲ୍ଲାରେ ଥିବା ସମସ୍ତ ତାଲୁକ ସ୍ତରରେ ଚଳିତ ବର୍ଷର ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଅଛି । ଏହି ଲୋକ ଅଦାଲତରେ, ଜିଲ୍ଲା କୋର୍ଟ ପରିସରରେ ଜିଲ୍ଲା ନ୍ୟାୟାଳୟର ଜିଲ୍ଲା ନ୍ୟାୟାଧିଶ ଡ. ପବିତ୍ର ମୋହନ ସାମଲ, ବିମଲ କୁମାର ଚାନ୍ଦ, ଚେୟାରମ୍ୟାନ, ପି ଏଲ୍ ଏ, (ପି ୟୁ ଏସ୍), ବିକ୍ରମ କେଶରୀ ପଟ୍ଟନାୟକ, ଜଜ୍ ଫ୍ୟାମିଲି କୋର୍ଟ, ହିମାଂଶୁ ଶେଖର ସିଂହ, ଅତିରିକ୍ତ ଜିଲ୍ଲା ଜଜ୍ ପ୍ରଥମ, ପ୍ରିୟ ରଂଜନ ମିଶ୍ର, ଅତିରିକ୍ତ ଜିଲ୍ଲା ଜଜ୍ ଦ୍ୱିତୀୟ, ମୁଖ୍ୟ ବିଚାର ବିଭାଗୀୟ ଅଧିକାରୀ, ଶଙ୍ଖ ଚକ୍ରବର୍ତ୍ତୀ, ରେଜିଷ୍ଟ୍ରାର, ସିଭିଲ କୋର୍ଟ, ଶ୍ରୀଦୀପ୍ ମିଶ୍ର, ଆଶିଷ କୁମାର ସାହୁ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ କୁନ୍‌ମୁନ୍ ଆଚାର୍ଯ୍ୟ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ବୈଶାଳୀ ନାୟକ, ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ଅର୍ଣ୍ଣପୂର୍ଣ୍ଣା ଷଡଙ୍ଗୀ, ଅତିରିକ୍ତ ସିଭିଲ୍ ଜଜ୍ (ବରିଷ୍ଠ), ଶ୍ରୀମତୀ ଦୀପାରାଣୀ ଜେନା, (ଏସଡିଜେଏମ ) ଶ୍ରୀମତୀ ସାସ୍ୱତୀ ମହାପାତ୍ର, ସିଭିଲ୍ ଜଜ୍ (କନିଷ୍ଠ), ଶ୍ରୀମତୀ ଲକ୍ଷ୍ମୀ ବେହେରା ଜେ.ଏମ୍.ଏଫ୍.ସି., ପବ୍ଲିକ ପ୍ରୋସିକ୍ୟୁଟର (ଜିଲ୍ଲା ଜଜ୍ କୋର୍ଟ), ସୁବାଷ ଚନ୍ଦ୍ର ମହାନ୍ତ ଏବଂ ଜିଲ୍ଲା ବାର ର ପ୍ରାୟ ସମସ୍ତ ଓକିଲ ମାନେ ଉପସ୍ଥିତ ଥିଲେ । ଏହା ସହିତ ଜିଲ୍ଲା ର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଳ ବିଭାଗ, ବିଦ୍ୟୁତ ବିଭାଗ, ବିଏସଏନଏଲ ଏବଂ ଅନ୍ୟ ବିଭାଗ ମାନଙ୍କର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ । ପ୍ରାଧିକରଣର ଅଧକ୍ଷ ଶ୍ରୀ ସାମଲଙ୍କ ନିର୍ଦ୍ଦେଶରେ ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯୋଗରେ ଡା ଶ୍ରୀଯୁକ୍ତ ନନ୍ଦ କିଶୋର ପାଢ଼ୀଙ୍କର ପ୍ରତ୍ୟକ୍ଷ ତତ୍ୱାବଧାନରେ ସହରାଞ୍ଚଳ ସ୍ୱାସ୍ଥ୍ୟକେନ୍ଦ୍ର କର୍ମଚାରୀ, ଆଶା କର୍ମୀଙ୍କ ମାଧ୍ୟମରେ ବ୍ୟକ୍ତିବିଶେଷ ମାନଙ୍କର ସ୍ୱାସ୍ଥ୍ୟ ସମସ୍ୟା ପରୀକ୍ଷା କରାଯିବା ସହିତ, ବଲାଙ୍ଗିର ଜିଲ୍ଲା କାରାଗାରର ଅନ୍ତେବାସୀ ମାନଙ୍କର ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି କରାଯାଇଥିବା ବିଭିନ୍ନ ହସ୍ତ ତନ୍ତ ବସ୍ତ୍ର ଗୁଡିକର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା । ଏହା ସହିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ସଚେତନତା ଶିବିର ଖୋଲା ଯାଇ ଥିଲା । ଏହି ରାଷ୍ଟ୍ରିୟ ଲୋକ ଅଦାଲତ ରେ ୨୯ ଟି ଦେୱାନୀ ମକୋଦ୍ଦମା ଫଇସଲା ହୋଇ ୨,୬୧,୮୭,୦୦୦ ଟଙ୍କା ରେ ଫଇସଲା ହୋଇଥିଲା। ୧୭ ଟି ବ୍ୟାଙ୍କ ମକୋଦ୍ଦମା ର ସମାଧାନ କରାଯାଇ ୬୮,୯୬,୫୦୨ ଟଙ୍କା, ୨୨ ଟି ମୋଟର ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ମୋଟ୍ ୧,୨୮,୩୯,୦୦୦ ଟଙ୍କା କ୍ଷତିପୂରଣ ଦେବା ପାଇଁ ଆଦେଶ କରାଯାଇଥିଲା । ୪୯୫ ଟି ଫୌଜଦାରି ମକୋଦ୍ଦମା ଫଇସଲା କରାଯାଇ ୨୪,୫୬,୨୪୯ ଟଙ୍କା ଏବଂ ପାରିବାରିକ ମିଳାମିଶାରେ ୫ ଟି ମାମଲା ଫଇସଲା ହୋଇଥିଲା । ୫୪୭୭ ଟି ରାଜସ୍ୱ ମାମଲା ର ବିଚାର କରାଯାଇଥିଲା । ୬୮୧ ଟି ପ୍ରାକ୍ ମୋକଦ୍ଦମାର ସମାଧାନ କରାଯାଇ ୧,୨୫,୮୧,୧୬୯ ଟଙ୍କାରେ ଫଇସଲା ହୋଇଥିଲା । ମୋଟ ୬୭୨୬ ଟି ମୋକଦ୍ଦମା ଫଇସଲା କରାଯିବା ସହିତ ୬,୧୯,୫୯,୯୨୦ ଟଙ୍କାର ଫଇସଲା ହୋଇଥିଲା ।

ଉକ୍ତ ଲୋକ ଅଦାଲତକୁ ପବିତ୍ରାନନ୍ଦ ପ୍ରଧାନ, ସଚିବ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ବଲାଙ୍ଗିର ପରିଚାଳନା କରିଥିଲେ । ଆଇନ ଶୃଙ୍ଖଳା ରକ୍ଷା କରିବାରେ ଜିଲ୍ଲା ପୋଲିସ ପ୍ରଶାସନ ସହଯୋଗ କରିଥିଲେ ।

# ମହିଳାଙ୍କ ପ୍ରତି ବଢ଼ୁଥିବା ନିର୍ଯ୍ୟାତନା ଓ ଶୋଷଣ ବିରୁଦ୍ଧରେ କଂଗ୍ରେସର ସ୍ୱର ଉତ୍ତୋଳନ ପ୍ରସ୍ତୁତି

ସମ୍ବଲପୁର,୧୦/୩ (ନି.ପ୍ର): ବିଗତ କିଛି ବର୍ଷଧରି ରାଜ୍ୟରେ ମହିଳା ମାନଙ୍କ ସୁରକ୍ଷା ବିପଦଜନକ ସ୍ଥିତିରେ ରହିଛି। ଗୋଟିକ ପରେ ଗୋଟିଏ ମହିଳା ହିଂସା ବଢୁଛି। ବର୍ତ୍ତମାନର ଡବଲ ଇଞ୍ଜିନ ସରକାର ବିକାଶର ବଡ଼ବଡ଼ ସ୍ଲୋଗାନ ଦେଉଥିବାବେଳେ ରାଜ୍ୟରେ ଡବଲ ଇଞ୍ଜିନ ସରକାରଙ୍କ ୮ମାସର ଶାସନକାଳ ଲଜ୍ଜାରେ ଭରି ରହିଛି। ବେଟି ବଚାଅ, ବେଟି ପଢ଼ାଅ ପ୍ରହସନ ସାଜି ରାଜ୍ୟରେ ୨ଟି ଛାତ୍ରୀ ପ୍ରସୂତି କରି ମାଁ ହେବା ଘଟଣା ଓଡିଶା ଜାତିକୁ ତଳକୁ ଠେଲି ନେଇଛି। ଗତ ୮ ମାସ ଭିତରେ ୫୪ଟି ଗଣବଳାତ୍କାର ଭଳି ମହିଳା ହିଂସାକୁ ନେଇ ପ୍ରଦେଶ କଂଗ୍ରେସ ଆସନ୍ତା ୧୦ରେ ମହିଳାଙ୍କ ସୁରକ୍ଷା ଓ ସମ୍ମାନ ପାଇଁ ଆନ୍ଦୋଳନକୁ ଓ୍ୱହ୍ଲାଇବ ବୋଲି ସମ୍ବଲପୁର ଜିଲ୍ଲା କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀରେ ଚେତାବନୀ ଦେଇଛି। ୧୦ ତାରିଖ ସୋମବାର ଦିନ ଜିଲ୍ଲାପାଳ ଅଫିସ ଘେରାଉ କରିବାକୁ ଆୟୋଜିତ ସମ୍ମିଳନୀରେ ନେତୃବୃନ୍ଦ ଆହ୍ୱାନ ଦେଇଥିଲେ। ସମ୍ବଲପୁର, ରାଉରକେଲା, ବଲାଙ୍ଗୀରର ଖଇରାପାଲି, କୋରାପୁଟର ଲକ୍ଷ୍ମୀପୁର, ଦେଓଗଡ଼ ଓ ବରଗଡ଼ରେ ଧନୁଯାତ୍ରା ସମୟରେ ମହିଳାମାନଙ୍କ ପ୍ରତି ଘଟି ଯାଇଥିବା ଗଣବଳାତ୍କାର ଘଟଣା ସହିତ ମାଲକାନଗିରି ଓ ସୋରରେ ଛାତ୍ରୀମାନେ କୁଆଁରୀ ମାଁ ହେବା ସମ୍ପ୍ରତି ପ୍ରଶାସନିକ ବ୍ୟବସ୍ଥାକୁ ଲଜ୍ଜିତ କରାଇଛି। ଏହା ବିରୋଧରେ ତୀବ୍ର ସ୍ୱର ଉତୋଳନ କରିବ ବୋଲି କହିଛି ସମ୍ବଲପୁର ଜିଲ୍ଲା କଂଗ୍ରେସ। ଆଜି କଂଗ୍ରେସ ଭବନ ଠାରେ ଜିଲ୍ଲା ସଭାପତି ଜୟ ଶଙ୍କର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ଆଡଭୋକେଟ ଶୁରେଶ୍ୱର ମିଶ୍ର, ଦୁର୍ଗା ପାଢ଼ୀ, କେଦାର ବେରିହା, ଦିଲ୍ଲୀପ ଧୂରୁଆ ପ୍ରମୁଖ ମହିଳା ହିଂସାର ପ୍ରତିବାଦ କରି ସମ୍ବଲପୁରରେ ହାଇକୋର୍ଟ ବେଂଚ ପ୍ରତିଷ୍ଠା, ପଶ୍ଚିମ ଓଡିଶା ବିକାଶ ପରିଷଦ ମୁଖ୍ୟ କାର୍ଯ୍ୟାଳୟ ପଶ୍ଚିମ ଓଡ଼ିଶାରେ ପ୍ରତିଷ୍ଠା ଭଳି ବହୁ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଗିରିଜା ନାଏକ, ରବି ରାଉତ, ମହିଳା ଜିଲ୍ଲା କଂଗ୍ରେସ ସଭାନେତ୍ରୀ ବିଜୟଲକ୍ଷ୍ମୀ ବେହେରା, ସେବାଦଳ ମୁଖ୍ୟ ବିନୋଦିନୀ ଦୀପ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ପର୍ଯ୍ୟବେକ୍ଷକ ହବିବ ହୁସେନଙ୍କ ଉପସ୍ଥିତିରେ ଆସନ୍ତା କାଲି ଜିଲ୍ଲା କଂଗ୍ରେସ ଲେଡେଇକୁ ଜୋରଦାର କରିବ ବୋଲି କହିଛି। ରାଜ୍ୟରେ ଡବଲ ଇଞ୍ଜିନ ସରକାର ଆସିବା ପରେ କେତେକ ପ୍ରମୁଖ ଘଟଣାବଳିକୁ ନଜରକୁ ଆଣି ବାଲେଶ୍ୱର ଅଂଚଳରେ ଧର୍ଷଣ ଓ ହତ୍ୟା, ଜଳେଶ୍ୱରରେ ୬୫ ବର୍ଷ ମହିଳାଙ୍କୁ ଧର୍ଷଣ ଓ ହତ୍ୟା ଉଦ୍ୟମ, ଢେଙ୍କାନାଳ ଜିଲାରେ ବିବାହିତା ମହିଳାଙ୍କୁ ୭ ଜଣ ପୁରୁଷଙ୍କ ଗଣଧର୍ଷଣ, ବଲାଙ୍ଗୀର ଜିଲାରେ ୩୫ ବର୍ଷ ମହିଳାଙ୍କୁ ଗଣଧର୍ଷଣ, ବରଗଡ ଧନୁଯାତ୍ରା ସମୟରେ ଆଦିବାସ ଯୁବତୀଙ୍କୁ ସଙ୍କଟାପନ ଅବସ୍ଥାରେ ଉଦ୍ଧାର, ଅନଗୁଳ ଜିଲା ପାଲାଲହଡା ଅଂଚଳରେ ମହିଳାଙ୍କୁ ଗଣଦୁଷ୍କର୍ମ ଓ ହତ୍ୟା, ଲକ୍ଷ୍ମୀପୁରରେ ନାବାଳିକାକୁ ଗଣଦୁଷ୍କର୍ମ, ରାଉରକେଲାରେ ୪ ଜଣ ଦୁଷ୍କର୍ମକାରୀ ଜଣେ ମହିଳାଙ୍କୁ ଦୀର୍ଘ ଦିନ ଧରି ଦୁଷ୍କର୍ମ କରିବା ଓ ମହିଳା ଜଣ ଅବସ୍ଥାରେ ଉଦ୍ଧାର ହେବା ଘଟଣା, ମୟୂରଭଞ୍ଜ ଜିଲା ରାଷ୍ଟ୍ରପତିଙ୍କ ନିଜ ଗ୍ରାମରେ ନାବାଳିକାକୁ ଗଣଦୁଷ୍କର୍ମ, ଯାଜପୁର ଜିଲା ମାର୍ଟ୍ରିକ ପରୀକ୍ଷାର୍ଥୀନୀ କନ୍ୟାଶ୍ରମରେ ଗର୍ଭବତୀ, କେନ୍ଦୁଝର ଜିଲା ଚମ୍ପୁଆରେ ଷଷ୍ଠ ଶ୍ରେଣୀର ଛାତ୍ରୀ ଗର୍ଭବତୀ ଘଟଣା ସାରା ରାଜ୍ୟକୁ ବ୍ୟଥିତ କରିଥିବା କହି ସାଧାରଣ ଲୋକଙ୍କୁ ସୁରକ୍ଷା ଦେବା ଓ ନ୍ୟାୟ ଦେବାପାଇଁ ଗଣତାନ୍ତ୍ରିକ ଉପାୟରେ କଂଗ୍ରେସ ତାର ଆନ୍ଦୋଳନକୁ ଅଧିକ ତୀବ୍ରତର କରିବ ବୋଲି ନିଷ୍ପତି ନେଇ ରୁକ୍ଷ ଭାବେ ଚେତାବନୀ ଦେଇଛି।

# ମୌଳିକ ସୁବିଧାରୁ ବଂଚିତ ଉପାନ୍ତ ଗାଁ କସି ପଦର, ରାଇଲି ପଦର

ଜୟପୁର,୧୦/୩ (ନି.ପ୍ର): ମୌଳିକ ସୁବିଧାରୁ ବଂଚିତ ଉପାନ୍ତ ଗାଁ । ଅନ୍ଧାର ରାତିରେ କଟୁଛି ଜୀବନ । ପାନୀୟ ଜଳ ପାଇଁ ଚାଲିବାକୁ ପଡୁଛି ମାଇଲିଏ ବାଟ । ରୋଗୀଙ୍କ ପାଇଁ ଯୋଗାଡ କରିବାକୁ ପଡୁଛି ଚାରି କାନ୍ଧ। ଏ ଦୃଶ୍ୟ ହେଉଛି କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ରଣସପୁର ପଂଚାୟତର କସି ପଦର ଓ ରାଇଲି ପଦର ଗାଁ ର। ଉଭୟ ଗାଁ ପଂଚାୟତ ସଦର ମହକୁମା ଠାରୁ ୭ କି.ମି. ଦୂରରେ ଅବସ୍ଥିତ କସି ପଦର ଗାଁ। ଏହି ଗାଁ ରେ ୩୫ ପରିବାର ବସବାସ କରନ୍ତି। ପଂଚାୟତ ଠାରୁ ପିଣ୍ଡାପଦର ପର୍ଯ୍ୟନ୍ତ ରାସ୍ତା ଅଛି। ପିଣ୍ଡା ପଦର ଠାରୁ ୩ କିଲୋମିଟର ଚାଲି ଚାଲି ଗଲେ ପଡେ କସି ଭଟା ଗାଁ। ପିଣ୍ଡପଦର ଠାରୁ ଅନ୍ୟ ଏକ ରାସ୍ତା ଦେଇ ୭ କି.ମି. ଚାଲି ଚାଲି ଗଲେ ପଡେ ରାଇଲି ପଦର ଗାଁ । ରାଇଲି ପଦର ଗାଁ ରେ ୨୫ ପରିବାର ବାସ କରନ୍ତି। ଏହି ଦୁଇ ଗାଁ ରେ ପାଣିର ସୁବିଧା ନାହିଁ। ଦୂରରେ ଥିବା ଚୁଆ ପାଣି ହିଁ ଏମାନଙ୍କ ଭରସା। ଦୁଇ ଗାଁରେ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇପାରିନି। ପ୍ରଶାସନ ତରଫରୁ ସୋଲାର ଲାଇଟ ଲାଗିଥିଲେ ବି ଅନେକ ଲାଇଟ ଅଚଳ। ଗାଁ ରେ ଶିକ୍ଷା ସ୍ୱାସ୍ଥ୍ୟ ସେବା ଅପହଂଚ। ରାସ୍ତା ନଥିବାରୁ ରୋଗୀ ୩/୪ କିଲୋମିଟର ଖଟିଆରେ ବୁହା ହୁଅନ୍ତି। ରାସ୍ତା ନଥିବାରୁ ଏଠି ସରକାରୀ ଯୋଜନା ହେଉଛି ବାଟବଣା। ଲୋକଙ୍କୁ ଜୀବିକା ନଥିବାରୁ ପାହାଡିଆ ମାଣ୍ଡିଆ ଚାଷ କିମ୍ବା ଜଙ୍ଗଲୀ ଜାତ ଦ୍ରବ୍ୟ ସଂଗ୍ରହ କରି ସେଥିରେ ଗୁଜୁରାଣ ମେଂଟାନ୍ତି ଏମାନେ। ଗାଁ ର ଚିତ୍ର ଦେଖିଲେ ଲାଗୁଛି ଯେମିତି ଅନ୍ଧାର ରାତିର ନିର୍ଜନତାରେ ହଜି ଯାଇଛି ଏହି ଗ୍ରାମବାସୀଙ୍କ କୋହ, ଆଶା ଓ ସବୁ ସପ୍ନ । ଉଭୟ ଦୁଇ ଗାଁ ସ୍ଥାପନ ହୋଇକି ବିତି ଗଲାଣି ପ୍ରାୟ ୩୦ ବର୍ଷ ତଥାପି ଏମାନଙ୍କୁ ମିଳିନାହିଁ ସରକାରୀ ସୁବିଧା । ନା ଗାଁ ରେ ଅଛି ପିଇବା ପାଣିର ବ୍ୟବସ୍ଥା ନା ଗାଁ ଯିବାକୁ ଅଛି ପକ୍କା ରାସ୍ତା ନା ଅଛି ଘରେ ଭିତରେ ବିଜୁଳି ଆଲୁଅ । ଦୁଇ ଗାଁ କୁ ଦୁଇ ବର୍ଷ ତଳେ ସୋଲାର ଲାଇଟ ଲାଗିଥିଲେ ବି ଅନେକ ଲାଗୁନି। ଫଳରେ ନିଜ ନିଜ ସକ୍ଷମ ଅନୁଯାଇ ନିଜେ ଚାର୍ଜ ଲାଇଟ ଯୋଗାଡ଼ କରିଛନ୍ତି। ଭଗବାନ ଭରସାରେ ପାହାଡ କୋଳରେ କଟୁଛି ଏମାନଙ୍କ ଜୀବନ । ସବୁଠାରୁ ବଡ ଦୁଃଖର କଥା ଏମାନଙ୍କ ପାଖରେ ଆଜିବି ଏମାନଙ୍କ ଗୁହାରି ଶୁଣିବା ପାଇଁ ପହଂଚିଲେ ନାହିଁ ସରକାରୀ ବାବୁ । ବର୍ତ୍ତମାନ ନିଜ ଦୁଃଖ ଓ କଷ୍ଟକୁ ମନ ଭିତରେ ଚାପି ଏମାନେ ବର୍ତ୍ତମାନ କୋହଭରା କଣ୍ଠରେ ଗୁହାରି କରିଛନ୍ତି କି ଦୀର୍ଘ ୩୦ ବର୍ଷ ର ଅପେକ୍ଷାର ଏଥର ହେବ ଅନ୍ତ ଆଉ ବଦଳିବ ସେମାନଙ୍କ ବାସ୍ତବ ଚିତ୍ର। ରାଜ୍ୟର ଉପାନ୍ତ ଅଂଚଳର ବଦଳିଲା ନାହିଁ ଚିତ୍ର। ଆଜି ବି କୋରାପୁଟ ଜିଲ୍ଲାରେ ରହିଛି ମାଳ ମାଳ ଦୁର୍ଗମ ଗାଁ ଯେଉଁଠି ସରକାରୀ ବାବୁଙ୍କ ପାଦ ବି ପଡିନାହିଁ । ଯାହା ଫଳରେ ଆଜି ବି ବିକାଶର ମୁଖ୍ୟ ସ୍ରୋତରେ ସାମିଲ ହେବାରୁ ବଂଚିତ ଏହି ସବୁ ଦୁର୍ଗମ ଗାଁର ନିରୀହ ଆଦିବାସୀ । ସବୁଠାରୁ ବଡ ଆଶ୍ଚର୍ଯ୍ୟର କଥା ବିଭାଗୀୟ ଅଧିକାରୀ ମାନେ ବି ଚୁପ ବସିଛନ୍ତି।

## ବାଲି ଖାଦାନ ଉପରେ ଚଢ଼ାଉ, ମେସିନ ଜବତ

କେନ୍ଦ୍ରାପଡ଼ା,୧୧/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବେଆଇନ ଭାବେ କେତେକ ବାଲି ଖାଦାନ ଚାଲୁଥିବା ଏବଂ ଚୋରାରେ ବାଲି ମାଟିଚାଲାଣ ହେଉଥିବାର ଅଭିଯୋଗ ହେବାପରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରାଯାଇ ଗାଡ଼ି ଏବଂ ମେସିନ ଜବତ କରାଯାଉଛି । ଗତକାଲି ବିଳମ୍ବିତ ରାତିରେ ଉପ ଜିଲ୍ଲାପାଳ ଅରୁଣ କୁମାର ନାୟକଙ୍କ ନେତୃତ୍ୱରେ ପଟ୍ଟାମୁଣ୍ଡାଇ ଓ ଆଳି ତହସିଲ ଅନ୍ତର୍ଗତ ପଦନିପାଳ ବାଲି ଖାଦାନରେ ଚଢ଼ାଉ କରି ପୋକଲିନ ମେସିନ ଜବତ କରି ପଟ୍ଟାମୁଣ୍ଡାଇ ଏସ୍‌ଡିପିଓଙ୍କୁ ହସ୍ତାନ୍ତର କରାଯାଇଛି । ଏଥିସହିତ ଅନ୍ୟ ଖାଦାନଗୁଡ଼ିକରେ ମେସିନ ଜବତ କରିବା ସହ ଜରିମାନା କରାଯାଇ ଥିବା ଜଣାପଡ଼ିଛି ।

# ୨,୩ ବର୍ଷ ଭିତରେ ସମସ୍ତଙ୍କ ପାଇଁ ପାନୀୟ ଜଳ ଓ ୩, ୪ବର୍ଷରେ ଚାଷୀ ଭାଇଙ୍କ ପାଇଁ ୧୦୦% ଜଳ ସେଚନର ସୁବିଧା

ବାରିପଦା,୧୧/୩ (ନି.ପ୍ର): ଓଡ଼ିଶାର ଗର୍ବ ଓ ଗୌରବ ବିଶ୍ୱର ସର୍ବଶ୍ରେଷ୍ଠ ବୈଜ୍ଞାନିକ ମାନ୍ୟବର ଶ୍ୟାମ ସୁନ୍ଦର ରାଠି ତାଙ୍କର ୩୫ ବର୍ଷର ଜଳ ଓ ପର୍ଯ୍ୟାବରଣ ଉପରେ ଚାଲିଥିବା ଶୋଧରୁ ମିଳିଥିବା ତଥ୍ୟକୁ ଉଲ୍ଲେଖ କରି କହିଛନ୍ତି ଯେ ଓଡ଼ିଶାବାସୀଙ୍କୁ ବାର୍ଷିକ ୮କଙ୍କ* (ଆଠ ଘନ କିଲୋମିଟର) ପାଣିର ଆଶ୍ୟକତା ରହିଛି। ଗଝଉ ଞବଭଳ ଞରମଷ ଜରିଆରେ ଏହି ୮କଙ୍କ* ପାଣି ପାଇବା ଅତି ସହଜ। ଜଳ ସମ୍ପଦ ବିଭାଗ ଉପଯୁକ୍ତ ସହଯୋଗ ଦେଲେ ଗଝଉ ଞବଭଳ ଞରମଷ ଜରିଆରେ ଓଡିଶାବାସି ୨,,୩ ବର୍ଷ ଭିତରେ ବିଶୁଦ୍ଧ ପାନୀୟ ଜଳ ଓ ୩,, ୪ବର୍ଷ ମଧ୍ୟରେ ଚାଷୀ ଭାଇ ୧୦୦ ଭାଗ ଜଳ ସେଚନର ସୁବିଧା ପାଇ ପାରିବେ। ଆମ ରାଜ୍ୟକୁ ବନ୍ୟା ଓ ମରୁଡ଼ି ଦାଉରୁ ରକ୍ଷା ମିଳିବା ସହ ଯଥେଷ୍ଟ ଜଳବିଦ୍ୟୁତ ମଧ୍ୟ ଉତ୍ପାଦନ ହୋଇ ପାରିବ। ୫ ହଜାର ବର୍ଷ ପୁରୁଣା ନଦୀ ବନ୍ଧ (ଏକ୍ସବଙ୍ଖରଚବକ୍ସୟଙ୍ଗ) ଶ୍ମଶାନ ନିର୍ମାଣ ଯୋଜନା ଜଳ ସମସ୍ୟା, ଗ୍ଲୋବାଲ ୱାର୍ମ, ଜଳବାୟୁ ପରିବର୍ତ୍ତନ, ପ୍ରର୍ଯ୍ୟାବରଣ, ପ୍ରଦୂଷଣ ଆଦି ବିଭିନ୍ନ ବ୍ୟାଧି ମାନଙ୍କର ମୁଖ୍ୟ କାରଣ। ଏହି ଯୋଜନାରେ ନଦୀ ସମ୍ମୁଖରେ ବିରାଟକାୟ କାନ୍ଥ ନିର୍ମାଣ କରି ସର୍ବ ପ୍ରଥମେ ସମ୍ପୃକ୍ତ ନଦୀକୁ ହତ୍ୟା କରାଯାଏ, ଲକ୍ଷ ଲକ୍ଷ ଏକର ଜମି ପାଣିରେ ବୁଡ଼ିଯାଏ, ହଜାର ହଜାର ଗାଆଁର ଲକ୍ଷ ଲକ୍ଷ ଘରକୁ ଜଳ ସମାଧି ଦିଆଯାଏ ଓ କୋଟି କୋଟି ଗଛଲତାଙ୍କୁ ସଲିଳ ସମାଧି ପ୍ରଦାନ କରା ଯାଏ। ପ୍ରକୃତିରୁ ମିଳୁଥିବା ପାଣିକୁ ନଷ୍ଟ କରିବାର କାମ ହେଉଛି ନଦୀ ବନ୍ଧ ଯୋଜନାର। ନଦୀ ବନ୍ଧ ଶ୍ମଶାନ ଯୋଜନା ଜରିଆରେ ବିଭାଗ ଜେତିକି ପାଣି ସଂଗ୍ରହ କରେ ତହିଁରୁ ଲିଟର ପିଛା ୩ଠୋପା ପାଣି ଜନସାଧାରଣଙ୍କ କାମରେ ଲାଗେ ଓ ଅବସିଷ୍ଟ ପାଣି ନଷ୍ଟ ହୁଏ କିମ୍ବା ଛେଉଣ୍ଡ ଅବସ୍ଥାରେ ଉବଙ୍କରେ ପଡ଼ିଥାଏ। ଗୋଟିଏ ପଟେ ଜନସାଧାରଣ ପିଇବା ପାଣି ପାଇଁ ତ୍ରାହି ତ୍ରାହି ଡାକୁଛନ୍ତି ଓ ପାଣି ଅଭାବରୁ ଚାଷୀ ଭାଇଙ୍କ ଫସଲ ଜଳି ପୋଡ଼ି ନଷ୍ଟ ହେଉଛି ଅନ୍ୟ ପଟେ ଜଳ ସମ୍ପଦ ବିଭାଗ ପାଣି ନଷ୍ଟ କରିବାରେ ବ୍ୟସ୍ତ। ଜଳ ସମ୍ପଦ ବିଭାଗକୁ ପେଟ୍ରୋଲ ଡିଜେଲ ଭଳି ପାଣି ଲିଟର ପିଛା ମାତ୍ର ୧ପଇସା ଦରରେ କିଣିବାକୁ ପଡ଼ନ୍ତା ତାହା ହେଲେ ବିଭାଗ ନଷ୍ଟ କରୁଥିବା ପାଣି ବାବଦକୁ ଦେଶକୁ ୮୦ଲକ୍ଷ କୋଟି ଟଙ୍କା (ଆମ ଦେଶର ବାର୍ଷିକ ବଜେଟର ଦୁଇ ଗୁଣ ଧନରାଶି) ଖର୍ଚ୍ଚ କରିବାକୁ ପଡ଼ନ୍ତା। ଜମି ଆମ ପାଇ ଦୁର୍ଲଭ ଓ ଚାଖଣ୍ଡେ ଭୂମି ପାଇଁ କେତେ ରକ୍ତ ବହିଯାଏ ତାହାର ସୀମା ନାହି ତଥାପି ଜଳ ସମ୍ପଦ ବିଭାଗ ପାଣି ନଷ୍ଟ କରିବା ପାଇଁ ଦେଶର ୨୧,, ୨୨% ଭୂମି ଗିଳି ସାରିଛି।

ଏହି କାର୍ଯ୍ୟକ୍ରମର ଅଧକ୍ଷତା କରି ସମାଜ ସେବୀ ଶ୍ରୀ ଶରତ ନାୟକ (ସମ୍ପାଦକ - ଓଡ଼ିଆ ଜାଗରଣ ମଞ୍ଚ) କହିଲେ ଯେ ମାନବ ଜାତିକୁ ଜଳ ସମସ୍ୟା, ଗ୍ଲୋବାଲ ୱାର୍ମି, ଜଳବାୟୁ ପରିବର୍ତ୍ତନ, ପ୍ରଦୂଷଣ, ପ୍ରର୍ଯ୍ୟାବରଣ ଆଦି ବିଭିନ୍ନ ସମସ୍ୟାର ସମାଧାନ ଦେଇଥିବା ବିଶ୍ୱର ସର୍ବକାଳୀନ ମହାନତମ ବୈଜ୍ଞାନିକ ସମ୍ପୂର୍ଣ୍ଣ ମାନବ ଜାତି ପାଇଁ ପୂଜ୍ୟନୀୟ। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଶିକ୍ଷକ ଡକ୍ଟ. ଶଶିଧର ବିଶ୍ୱାଳ ଉଲ୍ଲେଖ କଲେ ଯେ ବୈଜ୍ଞାନିକ ରାଠି ମହୋଦୟ ଭଞ୍ଜଭୂମିର ସୁନାମ ଓ ମାନ ସମ୍ମାନ ବିଶ୍ୱବ୍ୟାପୀ କରି ପାରିଥିବାରୁ ଆମେ ସମସ୍ତେ ତାଙ୍କ ପାଇଁ ଗର୍ବ ଅନୁଭବ କରୁଛୁ। ଝମସରଭଙ୍ଗସଙ୍ଗ ଡକ୍ଟ. ସରୋଜ ନାୟକ ଜଣାଇଲେ ଯେ ରିସର୍ଚ୍ଚ ସମୟ ସାପେକ୍ଷ ଓ ବ୍ୟୟ ବହୁଳ ଅଧବସାୟ, ମାନ୍ୟବର ବୈଜ୍ଞାନିକ ରାଠିଜି ୩୫ବର୍ଷ ସମୟ ଓ ନିଜ ହାତରୁ କୋଟି କୋଟି ଟଙ୍କା ବ୍ୟୟ କରି ମାନବ ଜାତିକୁ ଉଦ୍ଧାର କରିବାର ମହାନ କାର୍ଯ୍ୟ କରିଛନ୍ତି। ମାନ୍ୟବର ବୈଜ୍ଞାନିକଙ୍କର ମହାନତା ବର୍ଣ୍ଣନା କରିବା ପାଇଁ ଶବ୍ଦକୋଷରେ ଶବ୍ଦ ନାହି। ଏହି କାର୍ଯ୍ୟକ୍ରମରେ ଗକେଉ ହାଇସ୍କୁଲର ପୂର୍ବତନ ପ୍ରଧାନ ଶିକ୍ଷକ ସୁଦର୍ଶନ ପଣ୍ଡା, ସମାଜ ସେବୀ ଶ୍ରୀ ସୋମନାଥ ଦାସ, ଶ୍ରୀ ଦୀପକ କୁମାର ଭଞ୍ଜଦେଓ, ଶ୍ରୀ ଗୌରହରି ପାତ୍ର ସର୍ବ ପ୍ରଥମେ ମୟୁରଭଞ୍ଜ ବାସୀଙ୍କୁ ପାନୀୟ ଜଳ ଓ ୧୦୦ଭାଗ ଜଳ ସେଚନର ସୁବିଧା ପାଇବାର ଦାବୀ ଉପସ୍ଥାନ କରିଛନ୍ତି। ଶେଷରେ ଅତିବିଶିଷ୍ଟ ଅତିଥି ଡକ୍ଟ. ବିଜୟ କୁମାର ଦାସ (ପୂର୍ବତନ ଜିଲ୍ଲା ସାଧାରଣ ସମ୍ପାଦକ ବିଜେପି) କହିଲେ ଯେ ବିଜେପିର ବରିଷ୍ଠ ନେତା ଭାବେ ବିଶ୍ୱର ସର୍ବକାଳୀନ ମହାନତମ ବୈଜ୍ଞାନିକ ମାନ୍ୟବର ଶ୍ୟାମ ସୁନ୍ଦର ରାଠିଙ୍କ ଶୋଧ ଓ ମୟୁରଭଞ୍ଜ ଜିଲ୍ଲାର ଗଣମାନ୍ୟ ବୁଦ୍ଧିଜୀବୀ ଓ ସମାଜ ସେବୀ ଭାଇ ମାନଙ୍କର ସନ୍ଦେଶ ଜିଲ୍ଲା ଓ ରାଜ୍ୟର ବରିଷ୍ଠ ନେତା ମାନଙ୍କୁ ଜଣାଇବେ। ଏହି କାର୍ଯ୍ୟକ୍ରମରେ ବାରିପଦା ସହରର ଶତାଧିକ ଗଣମାନ୍ୟ ବୁଦ୍ଧିଜୀବୀ ଓ ସମାଜ ସେବୀ ନାଗରିକ ଉପସ୍ଥିତ ଥିଲେ। ଶ୍ରୀ ମନୋଜ ପରିଡ଼ା ଅତିଥି ମାନଙ୍କୁ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧନା ଜଣାଇଥିଲେ ଓ ଶେଷରେ ଶ୍ରୀ ଦିବାକର ତ୍ରିପାଠୀ ଉପସ୍ଥିତ ମହାନୁଭବ ମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

# ଜଳକର ଆଦାୟ କମ୍, ଜଳ ସାଥୀ ନାମରେ ରାଉରକେଲା ୱାଟକୋରେ ବେପାର ଚାଲିଛି

ରାଉରକେଲା,୧୧/୩ (ନି.ପ୍ର): ରାଉରକେଲା ୱାଟକୋ ଡିଭିଜନରେ ଜଳ ସାଥୀ ଭାବେ ନିଯୁକ୍ତି ଓ ନିଯୁକ୍ତି ପରେ ସେମାନେ କଣ କରୁଛନ୍ତି ସେମାନେ ଜଳ କର ନିୟମିତ ଆଦାୟ କରୁଛନ୍ତି କି ନାହିଁ ସେନେଇ କୌଣସି ଖବର ରାଉରକେଲା ୱାଟକୋ ର କେହି ରଖୁନଥିବାରୁ ଏଥିରେ ନିଯୁକ୍ତି ପାଇଥିବା କିଛି ମହିଳା ଘର ଘର ବୁଲି ନିଜର ବିଭିନ୍ନ ବେପାର ଚଳାଇବା ସହ ପାଣି ସଂଯୋଗକୁ ନେଇ ଘର ମାଲିକ ମାନଙ୍କୁ ନାନା ଆଇନର ରାସ୍ତା ଦେଖାଇ ପାଠ ପଢାଇ ଘର ମାଲିକ ମାନଙ୍କୁ ବିଭିନ୍ନ ଉପାୟରେ ଶୋଷଣ କରୁଥିବାର ଖବର ମିଳିଛି। ଖାଲି ସେତିକି ନୁହେଁଏମାନଙ୍କୁ ଯେଉଁ ଲକ୍ଷ୍ୟ ଲାଗି ରଖାଯାଇଛି ସେ କାମ କରୁନଥିବାରୁ ଘର ମାଲିକମାନେ ପାଣି ବିଲ୍ ଦେବାକୁ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେଉଛନ୍ତି, କିଛି କହିଲେ ଏମାନେ ପୂର୍ବ ସରକାରର ନେତା ମାନଙ୍କ ନାମ କହି ଲୋକଙ୍କୁ ଭୟଭିତ କରୁଥିବାର ଅଭିଯୋଗ ହେଉଛି । ରାଉରକେଲା ସହରର ପାଣି ବ୍ୟବସ୍ଥା ଏକଦା ଜଣେ ନିର୍ବାହୀ ଯନ୍ତ୍ରୀଙ୍କ ଦ୍ୱାରା ନିୟନ୍ତ୍ରୀତ ହେଉଥିଲା, ବର୍ତ୍ତମାନ ସମୟାନୁକ୍ରମେ ଲୋକ ସଂଖ୍ୟା ବଢିବା ସହ ସଂଯୋଗ ଓ ଚୋରୀ ବଢିବାରୁ ଏହାକୁ ଜେନେରାଲ ମ୍ୟାନେଜର ପଦକୁ ବଢାଯାଇଛି । ତାଙ୍କୁ ସହଯୋଗ କରିବାକୁ ଜେଇ ମାନେ ନିଯୁକ୍ତି ପାଇଛନ୍ତି । ହେଲେ ପାଣି ଚୋରୀ ଚୋରା ସଂଯୋଗ ସଂଖ୍ୟା ପ୍ରତିଦିନ ବଢି ଚାଲିଥିବା ବେଳେ ସହରରେ ଯାଇଥିବା ପାଇପ୍ ଲାଇନ ଗୁଡିକର ମରାମତି ସଠିକ୍ ସମୟରେ କରାଯାଉନାହିଁ, ଯିଏ ଯେଉଁଠି ପାରିଲା ଖୋଳିଲା ପୋତିଲା ପାଇପ୍ ଫଟାଇଲା ତାକୁ କେହି ଦେଖିବାର ନାହିଁ। ପ୍ରତିବର୍ଷ ରାଉରକେଲାର ପାନୀୟ ଜଳ ବ୍ୟବସ୍ଥାରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଛି, ତା ସତ୍ୱେ ବି ସହରରେ ପାଇଖାନା ପାଣି ପାନିୟ ଜଳ ସହ ମିଶିବାରୁ ଅତିତରେ ସହରରେ ଝାଡା ବାନ୍ତି ରୋଗ ବଢି ବହୁତ ଜୀବନ ନେଇଥିଲା, ଏଭଳି ସମସ୍ୟାର କାରଣକୁ ଜାଣି ମଧ୍ୟ ବାବୁ ମାନେ ସେତେବେଳେ ଏହାକୁ ଲୁଚାଇ ରଖିଲେ, କାରଣ ସେତେବେଳେ ଯିଏ ଏଠି ଥିଲେ ସେ ଥିଲେ ପାଣ୍ଡିଆନଙ୍କ ଲୋକ ବୋଲି ଅଭିଯୋଗ ହେଉଥିଲା । ତେବେ ଏହା ଭିତରେ ମଧ୍ୟ ପାଣି ସଂଯୋଗ ନେଇଥିବା ଲୋକେ ନିଜର ପ୍ରାପ୍ୟକୁ ନିୟମିତ ଦେବାକୁ ଅପେକ୍ଷା କରିଥାନ୍ତି, ହେଲେ ଦୁର୍ଭାଗ୍ୟର ବିଷୟ ଯେ, ରାଉରକେଲାରେ ପାଣି ପଇସା ପ୍ରତି ମାସ ଆଦାୟ ଲାଗି କୌଣସି ବ୍ୟବସ୍ଥା ନାହିଁ, କୁହାଯାଉଛି କିଛି ଜଳ ସାଥୀ ମାନଙ୍କୁ ଏଥିଲାଗି ନିଯୁକ୍ତି ଦିଆଯାଇଛି, କିନ୍ତୁ ସେମାନଙ୍କ ଭିତରୁ ଅନେକ ପୂର୍ବ ସରକାରର ସମୟର ଏକ ନିର୍ଦ୍ଦିଷ୍ଟ ଦଳର ମହିଳା ସଙ୍ଗଠନର ଲୋକେ। ଏମାନେ ଜଳ ସାଥୀ ଭାବେ ନିଯୁକ୍ତି ପାଇ ଘର ଘର ବୁଲି ଦଳର ପ୍ରଚାର କରିବା ସହ ନିଜଦ୍ୱାରା ହୋଇପାରୁଥିବା ସମସ୍ତ କାରବାର ଘର ଘର ବୁଲି କରୁଥିବାର ଖବର ମିଳିଛି । ଯିଏ କିଛି ନ ମାନିଲା ତାକୁ ସମସ୍ତ ପ୍ରକାର ଅସହଯୋଗ ମଧ୍ୟ କରିଥାନ୍ତି । ମାସ ମାସ ଧରି ଘର ଗୁଡିକୁ ପାଣି ଲାଗି ଟିକସ ଆଦାୟ କରିବାର ଦାୟିତ୍ୱ ଏମାନଙ୍କର ଥିଲେ ବି ଏମାନେ ସେ କାମ କରିନଥାନ୍ତି, ଫଳରେ ଲୋକେ ବର୍ଷ ଶେଷରେ ବାଧ ହୋଇ ଅଫିସକୁ ଦଉଡି ଥାଏ, ଅଫିସରେ ମଧ୍ୟ କୁହାଯାଏ ସେହି ଜଳ ସାଥୀ ମାନଙ୍କୁ ଜଳ କର ଦିଅନ୍ତୁ ଆମେ ନେଇ ପାରିବୁ ନାହିଁ। ଆଜି ମଧ୍ୟ କଳିଙ୍ଗବିହାର ଅଂଚଳର ଏକ ସଂଯୋଗର ଜଳକର ଦେବାକୁ ଯାଇଥିବା ଲୋକଙ୍କୁ ଏଭଳି ସ୍ଥିତିର ସମ୍ମୁଖୀନ ହେବାକୁ ପଡିଛି ।

# ଯାତ୍ରା ମାଲିକ ମହା ସଂଘର ଚରମ ନିଷ୍ପତ୍ତି: ଅମାନ୍ୟ କରିଲେ ହେବ ଦୃଢ଼ କାର୍ଯ୍ୟାନୁଷ୍ଠାନ



ବସ୍ତା,୧୦/୩ (ନି.ପ୍ର): ଉତ୍ତର ବାଲେଶ୍ୱର ମୟୂରଭଞ୍ଜ ଯାତ୍ରା ମାଲିକ ମହସଂଘ୍ ପକ୍ଷରୁ ରାଜାଘାଟ ବାରୁଣୀ ପଡିଆ ଠାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇ ଯାଇଛି। ସଂଘର ଉପସଭାପତି ଲକ୍ଷ୍ମଧର ରାଉଳ ବୈଠକ ଆହ୍ୱାନ କରିଥିବା ବେଳେ, ସଭାପତି ହେମେନ୍ଦ୍ର ବାରିକ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଯାତ୍ରାପାର୍ଟି ଓ ମାଲିକଙ୍କ ବିଭିନ୍ନ ସମସ୍ୟା ତାର ସମାଧାନ ଉପରେ ଆଲୋଚନା କରାଯାଇ ଥିଲା। ସେମାନେ ବିଗତ କିଛି ବର୍ଷ ହେବ ଲଗାତାର କ୍ଷତି ସହି ଚାଲିଛନ୍ତି। ଯାହା ପାଇଁ ଅନେକ ଯାତ୍ରା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିବା ବେଳେ, ଆଉ କିଛି ବନ୍ଦ ହେବାକୁ ବସିଛି। ଅନେକ ସମୟରେ ନିର୍ଦ୍ଦିଷ୍ଟ କିଛି କାରଣ ପାଇଁ କଳାକାର, ଯାତ୍ରାମାଲିକ, ଯାତ୍ରା କମିଟି ଭିତରେ ମତାନ୍ତର ମନାନ୍ତର ହୋଇ ଅପ୍ରୀତିକର ପରିସ୍ଥିତି ଉପୁଜି ଥାଏ। ତେଣୁ ଏହାର ସୁ ସମାଧାନ ଓ ଶୃଙ୍ଖଳିତ କରିବାକୁ ଉତ୍ତର ବାଲେଶ୍ୱର ମୟୂରଭଞ୍ଜ ଯାତ୍ରା ମାଲିକ ମହାସଂଘ୍ ଚରମ ନିଷ୍ପତି ନେଇଛି। ଯେପରିକି ଦଶ ମାସ ପରିବର୍ତ୍ତେ ଆଠ ମାସ ଯାତ୍ରାମଞ୍ଚ ଅନୁଷ୍ଠିତ ହେବ। ଏଥି ମଧ୍ୟରେ କୌଣସି କଳାକାର ମନମୁଖି ଭାବେ ଏଗ୍ରିମେଣ୍ଟ ବାହାରକୁ ଯାଇ ଗୋଟିଏ ଯାତ୍ରା ରୁ ଅନ୍ୟ ଏକ ଯାତ୍ରା କୁ ଯାଇ ପାରିବେ ନାହିଁ, ଅନୁରୂପ ଭାବେ କୌଣସି ମାଲିକ ମଧ୍ୟ କୌଣସି କଳାକାର ଙ୍କୁ ପ୍ରଭାବିତ କରି ନିଜ ପାର୍ଟିକୁ ନେଇ ପାରିବେ ନାହିଁ। ଏପ୍ରିଲ ଏକ ପୂର୍ବରୁ କୌଣସି କଳାକାର ଙ୍କୁ ଅଗ୍ରୀମ ବାଇଣା କିମ୍ବା ବୁକିଂ ଦିଆ ଯିବ ନାହିଁ। ଏକ ମାସ ରୁ ଉର୍ଦ୍ଧ ଅଗ୍ରୀମ ବାଇଣା ଦିଆଯିବ ନାହିଁ। ଯାତ୍ରା ପ୍ରେମୀ,ଯାତ୍ରା କମିଟି କୁ ସମ୍ମାନ ଦେଇ ଯାତ୍ରା ମଞ୍ଚସ୍ଥ କରାଯିବ, ଅଶ୍ଳିଳତା କୁ ମାର୍ଜିତ କରାଯିବ । ଏଥିରେ କୌଣସି ବ୍ୟତିକ୍ରମ ହେଲେ ସଂଘ ପକ୍ଷରୁ ଶୃଙ୍ଖଳା ଗତ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସଂଘ ଚରମ ନିଷ୍ପତି ନେଇଛି। ଏଭଳି ନିଷ୍ପତି କୁ ଉପସ୍ଥିତ ସମସ୍ତ ଯାତ୍ରା ମାଲିକ ସ୍ୱାଗତ କରିବା ସହିତ ବେସ ଖୁସି ଅଛନ୍ତି। ଯାହାଦ୍ୱାରା ଆଗାମୀ ଦିନରେ ଯାତ୍ରା ଜଗତରେ ସ୍ୱଚ୍ଛତା ଓ ପରିବର୍ତ୍ତନ ଆସିପାରିବ ବୋଲି ମତ ପ୍ରକାଶ କରିଥିବା ବେଳେ, ତପୁ ଘୋଷ ଧନ୍ୟବାଦ୍ ଅର୍ପଣ କରିଥିଲେ।

## AFFIDAVIT

An affidavit before the Executive Magistrate Balasore, I, Archana Maity, aged about 28 years, W/O Parameswar Maity of Vill/ PO- Bahabalpur, P.S- Kasafal Marine Dist- Balasore state that prior to my marriage I was named as Archana Majhi, which has been mentioned in my bank Account Vide Account No. 38137332554 of State Bank of India Sahadevkhunta Branch. But after my marriage to Paramaswar Maity my name has been changed from Archana Majhi to Archana Maity according to my husband's title. So Archana Maity and Archana Majhi is one and same person. Henceforth I will be known as Archana Maity for all purpose.

Archana Maity

# ଜିଲ୍ଲା କାର୍ଯ୍ୟାଳୟ ଆଗରେ କଂଗ୍ରେସର ପ୍ରତିବାଦ ସଭା

କେନ୍ଦ୍ରାପଡ଼ା,୧୧/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା କାର୍ଯ୍ୟାଳୟ ସମ୍ମୁଖରେ ପ୍ରତିବାଦ ସଭା କରାଯାଇଛି । ରାଜ୍ୟରେ ମହିଳାମାନଙ୍କ ପ୍ରତି ନିର୍ଯ୍ୟାତନା ବୃଦ୍ଧି ପାଉଥିବା ଅଭିଯୋଗ କରି ବରିଷ୍ଠ କଂଗ୍ରେସ ନେତା ପ୍ରଫୁଲ୍ଲ ଦାସଙ୍କ ଅଧ୍ୟକ୍ଷତା ରେ ପ୍ରତିବାଦ ସଭା ଓ ଧାରଣା ଅନୁଷ୍ଠିତ ହୋଇଥିଲା । ଗତ କିଛି ମାସ ମଧ୍ୟରେ ରାଜ୍ୟର ଶତାଧିକ ମହିଳା ଦୁଷ୍କର୍ମର ଶିକାର ହୋଇଥିବା ସହ ସ୍କୁଲ କଲେଜର ଛାତ୍ରୀମାନେ ମଧ୍ୟ ଏଥିରୁ ବାଦ୍ ପଡି ନାହାନ୍ତି ବୋଲି କଂଗ୍ରେସ ଅଭିଯୋଗ କରିଛି । ଓଡିଶାର ମା ଭଉଣୀମାନଙ୍କୁ ସୁରକ୍ଷା ଦେବା ସହ ସମ୍ମାନ ଓ ସ୍ୱାଧିନତା ପ୍ରଦାନ କରିବା ପାଇଁ କଂଗ୍ରେସ ଦାବି କରି ଏକ ସ୍ମାରକ ପତ୍ର ଡେପୁଟି କଲେକ୍ଟରଙ୍କୁ ପ୍ରଦାନ କରାଯାଇଛି । ସ୍ଥାନୀୟ କଜଳା ସ୍ଥିତ କଂଗ୍ରେସ ଭବନରୁ କର୍ମୀମାନେ ଏକ ଶୋଭାଯାତ୍ରା ରେ ଜିଲ୍ଲା କାର୍ଯ୍ୟାଳୟ ନିକଟକୁ ଆସି ପ୍ରତିବାଦ ସଭା କରିଥିଲେ । ଏଥିରେ ବହୁ ସଂଖ୍ୟକ ମହିଳା ଥିବା ଦେଖିବାକୁ ମିଳିଥିଲା । ବରିଷ୍ଠ କଂଗ୍ରେସ ନେତା ତଥା ପୂର୍ବତନ ସରପଂଚ ହରିଶ ପଟ୍ଟନାୟକଙ୍କ ତତ୍ୱାବଧାନରେ ସଭାକାର୍ଯ୍ୟ ପରିଚାଳନା ହୋଇଥିବା ବେଳେ ଏଥିରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ଡ଼ଃ ସିପ୍ରା ମଳିକ, ରତୀକାନ୍ତ କାନୁନଗୋ, ଡାକ୍ତର ଦେବସ୍ମିତା ଶର୍ମା, ଫକିର ଚରଣ ଖଟୁଆ, ବିଧୂ ଭୂଷଣ ମହାପାତ୍ର, ବସନ୍ତ କୁମାର ସେଠୀ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଆକବର ଅଲ୍ଲୀ, ସତ୍ୟପ୍ରିୟ ସାମଲ, ସଂଜୟ ରାଉତ, ଆଶିଷ ଲେଙ୍କା, ଭାଗିରଥୀ ଜେନା, ସସ୍ମିତା ପଣ୍ଡା, ରଶ୍ମିରଂଜନ ଚୌଧୁରୀ, ହଳଧର ସେଠୀ, ଉମେଶ ପାଢୀ, ସର୍ବେଶ୍ୱର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ ।

# ଦାରିଦ୍ର୍ୟ ତାଡ଼ନାରେ କାଳାତିପାତ କରିଛନ୍ତି ପାଞ୍ଚପ୍ରାଣୀ



ବାଲିଆପାଳ , ୧୧/୩ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ଜନ୍ମ ହେବା ଆଗରୁ ବାପ ଛେଉଣ୍ଡ ହୋଇ ମା ପଣତ କାନି ତଳେ ପିଲା ଦିନ କାଟିଥିବା ଦେବେନ୍ଦ୍ର (୪୮) ହଠାତ୍ ୧୫ ବର୍ଷ ବୟସରେ ମାନସିକ ବିକୃତ ରୋଗରେ ପୀଡିତ ହୋଇ ବଞ୍ଚିବା ପାଇଁ ସଂଗ୍ରାମ କରୁଛନ୍ତି ଅର୍ଥ ସାଜିଛି ବାଧକ। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ବଡାଶ ପଞ୍ଚାୟତ ନାଭଡା ଗ୍ରାମର ପ୍ରତିମା ନାୟକ(୪୦) ସଂସାର ମମତା ରେ ସନ୍ତୁଳି ହୋଉଛନ୍ତି। ଶାଶୁ ମାଳତୀ ନାୟକ (୮୩) ଦୀର୍ଘ ଦିନ ଧରି ପକ୍ଷାଘାତ ରୋଗ ରେ ପିଡୀତ ହୋଇ ଶଯ୍ୟାସାଇ ଅଛନ୍ତି। ସେହିପରି ତାଙ୍କ ସ୍ୱାମୀ ଦେବେନ୍ଦ୍ର ନାୟକ ମାନସିକ ବିକୃତ। ଦୁଇ ଜଣ ଛୋଟ ପିଲା ବୟସ (୮) ଏବଂ (୪) ରହିଛନ୍ତି। ପାଞ୍ଚପ୍ରାଣୀ ମଥାଗୁଞ୍ଜି ବାକୁ ଘରଟେ ମଧ ନାହିଁ। ଶଶୁର ଆରପାରିକୁ ଚାଲିଗଲା ପରେ ଭିକ୍ଷା ବୃତ୍ତି କରି ପୁଅ ଦେବେନ୍ଦ୍ର ଙ୍କୁ ପାଠପଢାଉ ଥିଲେ ମା ମାଳତୀ, ମାତ୍ର ନିୟତିରେ ଅଲଗା କିଛି ଲେଖାଥିଲା। ଦଶମ ଶ୍ରେଣୀ ପରୀକ୍ଷା ଆଗ ଦିନ ଦେବେନ୍ଦ୍ର ଙ୍କ ର ହଠାତ୍ ପାଗଳାମି ବାହାରିଲା। ମା କିଛି ବୁଝିବା ଆଗରୁ ଡାକ୍ତର କହିଥିଲେ ଦେବେନ୍ଦ୍ର ମାନସିକ ବିକୃତ ରୋଗରେ ପୀଡିତ। ଔଷଧ ହିଁ ତାଙ୍କ ପାଇଁ ଏକମାତ୍ର ଭଲରେ ବଞ୍ଚିବା ର ରାସ୍ତା।ସେଇଦିନଠାରୁ ଲୋକ ଘରେ କାମ କରି ପୁଅ କୁ ଚିକିତ୍ସା କରିବା ପରେ କିଛି ବର୍ଷ ପାଇଁ ସୁସ୍ଥ ହୋଇଯାଇଥିଲେ ଦେବେନ୍ଦ୍ର। ଗରିବ ପରିବାରରୁ ବାହା ହୋଇ ଏବେ ଦୁଇ ପିଲା ର ବାପା। ଅନ୍ୟପକ୍ଷରେ ଶାଶୁ ପାରାଲିସ ରୋଗର ଶଯ୍ୟାସାୟୀ ଏପଟେ ସ୍ୱାମୀ ଙ୍କ ର ଦିନକୁ ଦିନ ପାଗଳାମି ବଢ଼ିବାରେ ଲାଗିଛି। ସ୍ତ୍ରୀ ପ୍ରତିମା ନାୟକ ଅସହାୟ ହୋଇପଡୁଛନ୍ତି । ସ୍ୱାମୀ ଙ୍କୁ ଭଲ କରିବା ପାଇଁ ଯାହା ଗହଣା ଗାଣ୍ଠି ଥିଲା, ସବୁ ବିକ୍ରି କରିବା ପରେ ଔଷଧ କୁ ନିଅଣ୍ଟ ହୋଇ ପଡୁଛି। ରୋଗାକ୍ରାନ୍ତ ଶାଶୁ, ପାଗଳ ସ୍ୱାମୀ, ଦୁଇଟି କଅଁଳ ପିଲାକୁ ଛାଡ଼ି ମୁଳ ଲାଗିବା ଯିବା ପାଇଁ ଅସମର୍ଥ । ରୋଜଗାର କହିଲେ ଶାଶୁ ଙ୍କ ନାମରେ ଆସୁଥିବା କେବଳ ୧୨୦୦ ଟଙ୍କା ଭତ୍ତା ଏବଂ ରାସନ୍ ଚାଉଳ। ଗ୍ରାମବାସୀ ମାନେ ମଧ ସାମର୍ଥ୍ୟ ଅନୁଯାୟୀ ସାହାଯ୍ୟ କରିଥାନ୍ତି। ୮୩ ବର୍ଷ ହୋଇଥିବା ବୃଦ୍ଧାଙ୍କ ବର୍ଦ୍ଧିତ ଭତ୍ତା ଏବଂ ମାନସିକ ବିକୃତ ଦେବେନ୍ଦ୍ର ଙ୍କର ଭିନ୍ନକ୍ଷମ ଭତ୍ତା, ସରକାରୀ ସହାୟତା ପାଇଁ ଗ୍ରାମବାସୀ ମଙ୍ଗୁଳି ନାୟକ, ଜ୍ୟୋତ୍ସ୍ନା ରାଣୀ ବିଶ୍ୱାଳ,ଭୂପତି ନାୟକ, ପ୍ରତୀକ ବିଶ୍ୱାଳ, ପଞ୍ଚାନନ ନାୟକ, କାର୍ତ୍ତିକ ନାୟକ, ପ୍ରମୁଖ ଦାବି କରିଛନ୍ତି ଦାବି କରିଛନ୍ତି।

# ସୁବର୍ଣ୍ଣରେଖା ୟୁଥ୍ କ୍ଲବ୍ ପକ୍ଷରୁ ୨ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ




ଜଳେଶ୍ୱର , ୧୧/୩ (ନି.ପ୍ର): ସୁବର୍ଣ୍ଣରେଖା ୟୁଥ କ୍ଲବ ,ଦଶହରାପଡିଆ ପକ୍ଷରୁ ଦୁଇ ଦିବସ ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠୁ ଆରମ୍ଭ । ଉଦଘାଟକ ଭାବେ ମୂଖ୍ୟ ଅତିଥି ଭାବେ ଗୋବରଘାଟା ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ଶ୍ରୀଯୁକ୍ତ ଚନ୍ଦନ କୁମାର କରଙ୍କ ଦ୍ୱାରା ଉଦଘାଟିତ କରାଯାଇ ଥିଲା । କ୍ଲବର ସଭାପତି ମଙ୍ଗଲ ଟୁଡୁ , ସମ୍ପାଦକ ଅନିଲ ଟୁଡୁ ଙ୍କ ସହ କ୍ଲବର ଅନ୍ୟାନ୍ୟ ସଦସ୍ୟଙ୍କ ଭିତରୁ ଗଣେଶ ଚନ୍ଦ୍ର ମାରାଣ୍ଡି,କର ହେମ୍ବ୍ରମ, ସିଙ୍ଗରାୟ ହେମ୍ବ୍ରମ, କାନ୍ଦରାୟ ମାରାଣ୍ଡି,ରବି ଟୁଡୁ,ରାଜୁ ଟୁଡୁ,ଜଟିଆ ଟୁଡୁ,ଜାକସେନ ଟୁଡୁ , ହପାୟ ମୁର୍ମୁ, ମହେନ୍ଦ୍ର ମାରାଣ୍ଡି , ରୁହିଆ ହେମ୍ବ୍ରମ, ଉପସ୍ଥିତ ଥିଲେ । ସମ୍ମାନୀତ ଅତିଥିଙ୍କ ଭିତରୁ ଆଶାରେନାଃ ମାର୍ଶାଲ ସଂଗଠନର ଆବାହକ ଶ୍ରୀଯୁକ୍ତ ସନ୍ତୋଷ କୁମାର ଜେନା, ଗ୍ରାମର ଯୁବନେତା ରଞ୍ଜନ କୁମାର ଦାସମହାପାତ୍ର,ପଞ୍ଚାୟତର ସଦସ୍ୟ ନାଥୁରାମ ହେମ୍ବ୍ରମ, କାହ୍ନୁଚରଣ ଦାସ, ତପନ ସାସମଲ, ହରେନ୍ଦ୍ର ନାଥ ଦାସ ଉପସ୍ଥିତ ଥିଲେ ।ମୋଟ ୧୬ ଟି ଦଳ ଅଂଶଗ୍ରହଣ କରିବେ । ଆସନ୍ତାକାଲି ଉଦଯାପିତ ଓ ଅନ୍ତିମ ନିର୍ଣ୍ଣାୟକ ଖେଳ ହେବାସହ,ସନ୍ଧ୍ୟାରେ ଆଦିବାସୀଙ୍କ ପାରମ୍ପରିକ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ରାତି ତମାମ ଆଦିବାସୀ ମେଲୋଡ଼ି କାର୍ଯ୍ୟକ୍ରମ ରହିଛି ବୋଲି କ୍ଲବ କର୍ତୃପକ୍ଷ ସୂଚନା ଦେଇଥିଲେ ।

# ଜିଲ୍ଲା ହାଇୱା ଓ ଟିପର ମାଲିକ ସଂଘ ପକ୍ଷରୁ ପ୍ରଶାସନକୁ ଦାବିପତ୍ର

କେନ୍ଦ୍ରାପଡ଼ା, ୧୧/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ବାଲି ଓ ମାଟି, ଚିପସ୍, ମୋରମ ପ୍ରଭୃତି ଲଘୁ ଖଣିଜ ପଦାର୍ଥ ପରିବହନ କରୁଥିବା ହାଇୱା ଓ ଟିପର ମାଲିକ ସଂଘ ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଏହି ମାଲିକମାନେ ବିଭିନ୍ନ ଆର୍ଥିକ ସଂସ୍ଥାରୁ ଋଣ କରି ହାଇୱା ଓ ଟିପର ପ୍ରଭୃତି ଯାନଗୁଡିକୁ କିଣି ପରିବହନ ବ୍ୟବସାୟ କରୁଛନ୍ତି । ଜିଲ୍ଲା ପ୍ରଶାସନ ପକ୍ଷରୁ ବାଲି ଓ ଖଣିଜ ପଦାର୍ଥ ଚୋରା ଚାଲାଣକୁ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଥିବାବେଳେ କେଉଁ ବାଲି ସୈରାତରୁ ବାଲି ଉତୋଳନ କରାଯିବ ତାହା ନିର୍ଦ୍ଦିଷ୍ଟ ଭାବେ କୁହାଯାଇନାହିଁ । ତେବେ ଜିଲ୍ଲାରେ ୨ଟି ବାଲି ସୈରାତ ଆଇନଗତ ଭାବେ କାର୍ଯ୍ୟ କରୁଥିବା ବେଳେ ସେଠାରୁ ବାଲି ଉତୋଳନ କରି ପରିବହନ କଲେ ମଧ ସଂପୃକ୍ତ ଲିଜଧାରୀମାନେ ଟ୍ରାନଜିଟ ପରମିଟ ଦେଉନାହାଁନ୍ତି । ଫଳରେ ସ୍କ୍ୱାର୍ଡ ପକ୍ଷରୁ ଯାଂଚ ବେଳେ ପରିବହନ କରୁଥିବା ଯାନ ଗୁଡିକୁ ଅଟକାଯାଇ ମୋଟା ଅଙ୍କର ଜରିମାନା ଆଦାୟ କରା ଯାଉଥିବାରୁ ଏହା ପରିବହନ ବ୍ୟବସାୟକୁ ବହୁ ଭାବରେ କ୍ଷତିଗ୍ରସ୍ତ କରୁଛି । ଜିଲ୍ଲା ପ୍ରଶାସନ ସବୁ ଦିଗରୁ ବିଚାର କରି ଏହି ସମସ୍ୟାର ସମାଧାନ କରିବା ପାଇଁ କେନ୍ଦ୍ରାପଡା ଜିଲ୍ଲା ହାଇୱା ଓ ଟିପର ଆସୋସିଏସନ ପକ୍ଷରୁ ଅତିରିକ୍ତ ଉପ ଜିଲ୍ଲପାଳ ଅଶୋକ କୁମାର ଦାସଙ୍କୁ ଏକ ଦାବିପତ୍ର ସଂଘର ସଭାପତି ନାରାୟଣ ସ୍ୱାଇଁ, ସାଧାରଣ ସଂପାଦକ କ୍ଷିରୋଦ କୁମାର ଦାସ, ସୌଭାଗ୍ୟ ପାଢୀ, ମହେନ୍ଦ୍ର କୁମାର ରାଉତ, ସତ୍ୟ ନାରାୟଣ ପାଣି ପ୍ରମୁଖଙ୍କ ନେତୃତ୍ୱରେ ପ୍ରଦାନ କରାଯାଇ ସମାଧାନ କରିବା ପାଇଁ ଦାବି କରାଯାଇଛି ।

# ନୀଳମଣି ମହାବିଦ୍ୟାଳୟ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଉପରେ ପାଠଚକ୍ର



ରୂପ୍ସା, ୧୧/୩ (ନି.ପ୍ର): ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ ଅବସରରେ ନୀଳମଣି ମହାବିଦ୍ୟାଳୟ ଓଡ଼ିଆ ବିଭାଗ ପକ୍ଷରୁ ଏକ ଦିବାସୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଆଲୋଚନା ଚକ୍ରର ବିଷୟ 'ଏକବିଂଶ ଶତାବ୍ଦୀରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ' ରହିଥିଲା। ଉକ୍ତ ଆଲୋଚନା ଚକ୍ରର ପ୍ରାରମ୍ଭିକ ପର୍ଯ୍ୟାୟରେ ଜଗନ୍ନାଥ ଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଅନୁଷ୍ଠିତ ହୋଇଥିଲା। ତତ୍ପରେ ବିଭାଗର ଅଧ୍ୟାପିକା ରଶ୍ମିତା ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭାପତି ଅଧକ୍ଷ ଡ଼. ତପନ କୁମାର ବେହେରା ପ୍ରାରମ୍ଭିକ ଅଭିଭାଷଣ ରଖି ଓଡ଼ିଆ ଭାଷାର ଶାସ୍ତ୍ରୀୟ ମର୍ଯ୍ୟାଦା, ଏହାର ଶାସ୍ତ୍ରୀୟ ତା ପ୍ରାପ୍ତିର ଇତିହାସ ଓ ଓଡ଼ିଆ ଭାଷାର କ୍ରମବିକାଶ, ଓଡ଼ିଆ ଭାଷା ବିଲୋପ ଆନ୍ଦୋଳନ ଘନଘଟା, ସହ ଏକବିଂଶ ଶତାବ୍ଦୀର ଓଡ଼ିଆ ଭାଷାର ଭବିଷ୍ୟତ ସମ୍ପର୍କରେ ଅଭିମତ ପ୍ରଦାନ କରିଥିଲେ। ଅଧ୍ୟାପକ ହରେନ୍ଦ୍ର ଗାଁଣ, ଅଧ୍ୟାପକ ଶ୍ରୀଧର ବେହେରା, ଛାତ୍ର ସଞ୍ଜୟ ପ୍ରଧାନ, ଛାତ୍ରୀ ବସୁମତୀ ବାରିକଙ୍କ ଦ୍ୱାରା ଉଚ୍ଚକୋଟିର ପ୍ରବନ୍ଧ ପାଠ ହୋଇଥିଲା। ମହାବିଦ୍ୟାଳୟର ପ୍ରଶାସନିକ ଅଧିକାରୀ ପ୍ରାଧ୍ୟାପକ ସରୋଜ କୁମାର ପାଣି ମହୋଦୟ ଶାସ୍ତ୍ରୀୟ ଓଡ଼ିଆ ଭାଷା ର ଅଗ୍ରଗତି କାମନା ସହ ଓଡ଼ିଆ ଭାଷା କିପରି ଅଗ୍ରସର ହେବ ସେ ସମ୍ପର୍କ ରେ ମତାମତ ରଖିଥିଲେ। ଆଲୋଚନା ଚକ୍ରର ମୁଖ୍ୟ ବକ୍ତା ତଥା କେ.କେ.ଏସ ମହିଳା ମହାବିଦ୍ୟାଳୟ ର ଓଡ଼ିଆ ବିଭାଗ ମୁଖ୍ୟ ରାଜକିଶୋର ପଣ୍ଡିତ ଶାସ୍ତ୍ରୀୟ ଓଡ଼ିଆ ଭାଷା ସମ୍ପର୍କରେ ଏକ ପ୍ରବନ୍ଧ ଉପସ୍ଥାପନା ସହ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ତାଙ୍କ ବକ୍ତବ୍ୟ ରେ ଓଡ଼ିଆ ଭାଷାର ଉତ୍ପତି ଓ କ୍ରମବିକାଶ, ଭାଷା ଆନ୍ଦୋଳନର ଇତିହାସ ସର୍ବୋପରି ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭର ବୈଶିଷ୍ଟ୍ୟ ପ୍ରଦାନ କରିଥିଲେ। ପିଲାଙ୍କ ପ୍ରତି ତାଙ୍କର ଆଦେଶ ଥିଲା ଏକବିଂଶ ଶତାବ୍ଦୀର ଜଗତୀକରଣ ପ୍ରଭାବରେ ବିଭିନ ବୈଦେଶିକ ଶବ୍ଦକୁ ଓଡ଼ିଆ ଶବ୍ଦରେ ରୂପାନ୍ତର ଓ ବ୍ୟବହାର କୌ ଶଳ ପ୍ରୟୋଗ କରିବା। ଯାହା ସାମ୍ପ୍ରତିକ ଭାଷାକୁ ଆଗେଇନେବାର ବିହିତ ପଦକ୍ଷେପ। ଉକ୍ତ ଆଲୋଚନା ଚକ୍ରରେ ଅଧ୍ୟାପକ ଶମ୍ଭୁନାଥ ଗିରି, ଅଧ୍ୟାପିକା ରୋଜାଲିନ ମିଶ୍ର, ଅଧ୍ୟାପିକା ଅର୍ଣ୍ଣପୂର୍ଣ୍ଣା ଦାସ, ଅଧ୍ୟାପିକା ମମତା ପାତ୍ର ଓ ଅନ୍ୟ ଅଧ୍ୟାପିକା ଅଧ୍ୟାପକ, ପ୍ରଥମ, ଦ୍ୱିତୀୟ, ତୃତୀୟ ବର୍ଷର ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ। ପରିଶେଷରେ ଅଧ୍ୟାପିକା ରୋଜାଲିନ ମିଶ୍ର ସୁନ୍ଦର ଜଗନ୍ନାଥ ଭଜନ ଗାନ କରିଥିଲେ। ଅଧ୍ୟାପକ ହରେନ୍ଦ୍ର ଗାଁଣ ଙ୍କ ଦ୍ୱାରା ଧନ୍ୟବାଦ ପର୍ବର ପରିସମାପ୍ତି ଘଟିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଧାନସଭାରେ ପୁଣି ...

କହିଛନ୍ତି ତାଙ୍କ ଆଭିମୁଖ୍ୟରେ କୌଣସି ପରିବର୍ତ୍ତନ ହୋଇନାହିଁ । ରାଜା ସ୍ୱାଇଁଙ୍କୁ ବି ଟାର୍ଗେଟ କରିଛନ୍ତି ଜୟନାରାୟଣ। ସେ ଓଡ଼ିଶା ବିଭାଜନର ମୂଳକର୍ତ୍ତା ବୋଲି କହିଛନ୍ତି । ଯେଉଁମାନେ ରାଜ୍ୟ ବାହାର ଲୋକଙ୍କ ଦ୍ୱାରା ପରିଚାଳିତ, ଏସବୁ କଥା କହିବାର ତାଙ୍କର କ'ଣ ଅଧିକାର ଅଛି ? ଜବାବରେ ରାଜା ସ୍ୱାଇଁ କହିଛନ୍ତି, ମୁଁ ସମ୍ବଲପୁରର କେବେ ବିରୋଧୀ ନଥିଲି । ସମ୍ବଲପୁର ସଂଗୀତ ମତେ ଭଲ ଲାଗେ । ପାଗଳ ହେଇଗଲେଣି ଜୟନାରାୟଣ । ସେପଟେ ମନ୍ତବ୍ୟର ଦୁଇଦିନ ପରେ ଜୟନାରାୟଣଙ୍କ ବିବୃତି ନେଇ ସରକାର ବୟାନ ରଖିଛନ୍ତି । ଜୟନାରାୟଣ ମିଶ୍ର ବିଧାନସଭା ବାହାରେ ଯେଉଁ ବିବୃତି ଦେଇଛନ୍ତି, ତା'ସହ ସରକାର ସହମତ ନୁହନ୍ତି ବୋଲି କହିଛନ୍ତି ଆଇନମନ୍ତ୍ରୀ । ପୃଥ୍ୱୀରାଜ ହରିଚନ୍ଦନ ବିଧାନସଭାକୁ କହିଛନ୍ତି ଏହା ତାଙ୍କର ବ୍ୟକ୍ତିଗତ ମତ । ବିଧାନସଭାରେ ହାତାହାତି ଘଟଣାକୁ ନେଇ କଂଗ୍ରେସର ବରିଷ୍ଠ ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ୭ ଦିନ ସସପେଣ୍ଡ କରାଯାଇଛି। ବାଚସ୍ପତି ସୁରମା ପାଢୀ ତାରାଙ୍କୁ ୭ ଦିନ ପାଇଁ ଗୃହରୁ ନିଲମ୍ବନ କରିଛନ୍ତି। ଗତକାଲି ବିଧାନସଭାରେ ତାରା ବାଚସ୍ପତିଙ୍କ ପୋଡିୟମର ମାଇକ ଭାଙ୍ଗି ଦେଇଥିଲେ। ମଙ୍ଗଳବାର ମଧ ଗୃହରେ ହଙ୍ଗାମା ହୋଇଥିଲା। ଜୟନାରାୟଣ ମିଶ୍ରଙ୍କ ବିବାଦୀୟ ବୟାନକୁ ନେଇ ଗୃହ ଅଚଳ ହୋଇଥିଲା। ଏହା ସହିତ ଜୟନାରାୟଣ ଓ ତାରା ହାତାହାତି ମଧ ହୋଇଥିଲେ। ବିରୋଧୀ ଦଳ କଂଗ୍ରେସ ଓ ବିଜେଡି ହଙ୍ଗାମା କରିବାରୁ ଗୃହ ମୁଲତବୀ କରିଥିଲେ ବାଚସ୍ପତି। ଆଜି ବିଧାନସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ କଂଗ୍ରେସ ବିଧାୟକମାନେ ଗୃହ ବାହାରେ ଧାରଣା ଦେଇଥିଲେ । ଏହାପରେ ଗୃହ ମଧ୍ୟଭାଗକୁ ଆସି ନାରୀ ନିର୍ଯାତନା ପ୍ରସଙ୍ଗରେ ହଙ୍ଗାମା କରିଥିଲେ । ଏପଟେ ବିଜେଡି ସଦସ୍ୟମାନେ ମଧ ଗୃହର ମଧ୍ୟଭାଗକୁ ଆସି ଜୟନାରାୟଣ ପ୍ରସଙ୍ଗ ଉଠାଇ ପ୍ରତିବାଦ କରିଥିଲେ । ଏହାରି ମଧ୍ୟରେ କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି ବାଚସ୍ପତିଙ୍କ ପୋଡିୟମ ଉପରକୁ ଚଢିଯିବାକୁ ଉଦ୍ୟମ କରିଥିଲେ ।

### ଏଟିଏମରେ ଟଙ୍କା ...

କିଏ ମେଡିସିନ୍ ପାଇଁ ହେଉ କି କିଏ ଅତ୍ୟାବଶ୍ୟକ ସାମଗ୍ରୀ ନେବାକୁ କାର୍ଡ ଧରି ଟଙ୍କା ଉଠାଇବାକୁ ଏସବିଆଇ ଏଟିଏମ୍ କୁ ଆସିଲା ବେଳକୁ ନୋ କ୍ୟାସ ସିଗନାଲ ଦେଖି ବିରକ୍ତ ହୋଇ ଫେରୁଛନ୍ତି। ସହରର ଭିତର ଅପେକ୍ଷା, ଉପକଣ୍ଠରେ ସମସ୍ୟା ଅଧିକ ଜଟିଳ। ଏଣେ ବ୍ୟାଙ୍କକୁ ଯାଇ ଏଟିଏମ୍ ରୁ ଯାଇ ଟଙ୍କା ଉଠାଇବାବେଳକୁ ସେଠି ବି ଲାଗିଛି ଲମ୍ବା ଲାଇନ୍। ତେଣୁ ବିରକ୍ତି ଭାବ ପ୍ରକାଶ କରି ଫେରୁଛନ୍ତି ଗ୍ରାହକ। ଖାଲି ଓଡ଼ିଶାରେ ନୁହେଁ ଦେଶବ୍ୟାପୀ ବି ଦେଖାଦେଲାଣି ଏଭଳି ସମସ୍ୟା। ଏସବିଆଇ ପରି ଆଇସିଆଇସିଆଇ ଓ ଆକ୍ସିସ ବ୍ୟାଙ୍କର ଏଟିଏମରେ ମଧ ପ୍ରଭାବିତ ହୋଇଛି ଟଙ୍କା ଉଠାଣ ସେବା। ଦେଶରେ ଟଙ୍କା ଶୂନ୍ୟ ଏଟିଏମ୍ ସଂଖ୍ୟା ୩୮ ହଜାର ଟପି ଥିବାବେଳେ କେବଳ ଷ୍ଟେଟ ବ୍ୟାଙ୍କର ଏଟିଏମ୍ ସଂଖ୍ୟା ୧୪ ହଜାରରୁ ଅଧିକ। ତେବେ ଏଠି ପ୍ରଶ୍ନ- ଦିନେ କି ସପ୍ତାହେ ନୁହେଁ, ମାସେ ପାଖାପାଖି ହେଲାଣି କାହିଁକି ଉପୁଜିଛି ଏଭଳି ଗୁରୁତର ସମସ୍ୟା ଗ୍ରାହକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବାରେ କେଉଁ କାରଣରୁ ଅକ୍ଷମ ବ୍ୟାଙ୍କ କର୍ତ୍ତୃପକ୍ଷ ଏସଜିଏସ୍ ଟ୍ରାନଜାକ୍ଟ ନାମକ କଂପାନୀ ଷ୍ଟେଟବ୍ୟାଙ୍କର ୧୪ ହଜାର, ଆକ୍ସିସ ବ୍ୟାଙ୍କର ୫ ହଜାର ଓ ଅନ୍ୟାନ୍ୟ ବ୍ୟାଙ୍କର ପ୍ରାୟ ୨୦ ହଜାର ପାଖାପାଖି ଏଟିଏମ୍ ଗୁଡ଼ିକରେ ଟଙ୍କା ପହଞ୍ଚାଇବା କାମ କରୁଥିଲା। ହେଲେ ଏସଜିଏସ୍ କଂପାନୀ ହଠାତ୍ ଦେବାଳିଆ ହୋଇଯାଇଛି। କଂପାନୀ ପ୍ରାୟ ୭ଶହରୁ ଅଧିକ କୋଟି ଟଙ୍କା ପୈଠ କରିବାକୁ ସକ୍ଷମ ହୋଇପାରୁନି। ଯାହାଦ୍ୱାରା ବ୍ୟାଙ୍କରୁ ଆଉ ସଂସ୍ଥା ପାଖକୁ ଟଙ୍କା ଯାଉନି ଓ ଏଟିଏମ୍ ସବୁ ଟଙ୍କା ଶୂନ୍ୟ ହୋଇ ହୋଇପଡ଼ିଛି। ଦେଶରେ ସର୍ବାଧିକ ଗ୍ରାହକ ସେବା ଯୋଗାଉଥିବା ଷ୍ଟେଟ୍ ବ୍ୟାଙ୍କର ହଜାର ହଜାର ଏଟିଏମ୍ ରେ ଟଙ୍କା ଉଠାଣ ବାଧାପ୍ରାପ୍ତ, ହେଲେ କର୍ତ୍ତୃପକ୍ଷ ନିରୁତ୍ତର। ଗୋଟିଏ ପଟେ ଏସବିଆଇ ଭଳି ପ୍ରମୁଖ ବ୍ୟାଙ୍କ ଗ୍ରାହକଙ୍କୁ ଏଟିଏମ୍ ସେବା ଯୋଗାଇବାରେ ବିଫଳ ହୋଇଥିବାବେଳେ ତେଣେ ଅନ୍ୟ ଛୋଟ ଓ ଘରୋଇ ବ୍ୟାଙ୍କର ଏଟିଏମ୍ ବ୍ୟବହାର କରି ଅଯଥା ଶୁଳ୍କ ଗଣୁଛନ୍ତି ଗ୍ରାହକ।

### ତ୍ରାହି ପାଇବେନି ...

ସମସ୍ତ ଜିଲ୍ଲା ପୋଲିସ ବାଲି ମାଫିଆଙ୍କ ବିରୋଧରେ ଚଢ଼ାଉ ଅଭିଯାନ ଜାରି ରଖିଛନ୍ତି । ଏହି ସମୟରେ ମାଳ ମାଳ ବାଲି ବୋଝେଇ ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱା ଜବତ କରାଯାଇଛି । ସୂଚନା ମୁତାବକ, ରବିବାର ସକାଳୁ ରାତି ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ଟିମ ଚୋରା ବାଲିଘାଟରେ ଚଢାଉ କରି ୧୩୬ଟି ଟ୍ରାକ୍ଟର, ଟ୍ରକ, ଟିପର ଓ ହାଇୱା ଜବତ କରିଛି । ଏନେଇ ୧୧୯ଟି ମାମଲା ରୁଜୁ କରାଯାଇ ଥିବାବେଳେ ୧୨୩ ଜଣଙ୍କୁ ଗିରଫ କରାଯାଇଛି । ଏହି ଧରପଗଡ଼ ଲଗାତାର ଭାବେ ଚାଲିବ । ଦିନ ହେଉ କି ରାତି, ରାଜ୍ୟର ବିଭିନ୍ନ ଜିଲ୍ଲାରେ ବେଧଡ଼କ ଚାଲିଛି ବାଲି ଚୋରା ଚଲାଣ । ଏହା ଯୋଗୁଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି, ଏଣେ ମାଲାମାଲ୍ ହେଉଛନ୍ତି ମାଫିଆ । ଏହି ଚୋରା ବାଲି କାରବାର ରୋକିବାକୁ ଡିଜିପିଙ୍କ କଡ଼ା ନିର୍ଦ୍ଦେଶ ପରେ ଏବେ ରାଜ୍ୟବ୍ୟାପୀ କାର୍ଯ୍ୟାନୁଷ୍ଠାନ ଜୋରଦାର୍ ହୋଇଛି । ସମସ୍ତ ଜିଲ୍ଲା ପୋଲିସ ବାଲିଘାଟରେ ଘନ ଘନ ଚଢାଉ କରୁଛନ୍ତି । ବାଲି, ମୋରମ ଚୋରା କାରବାର ସମ୍ପର୍କରେ ସ୍ଥାନୀୟ ବ୍ୟକ୍ତିବିଶେଷ ପୋଲିସକୁ ସୂଚନା ଦେଇପାରିବେ । ରାଜ୍ୟରେ ଚୋରା ବାଲି ଚାଲାଣ ରୋକିବାକୁ ଆଗାମୀ ଦିନରେ ମଧ ପୋଲିସ ପକ୍ଷରୁ ଉଦ୍ୟମ ଜାରି ରହିବ ବୋଲି କୁହାଯାଇଛି ।

### ଏପଟେ ଡି-ଲିମିଟେସନ୍‌କୁ ...

ଏହି କ୍ରମରେ ଓଡ଼ିଶା ଲୋକସଭା ଆସନ ସଂଖ୍ୟା ୨୧ରୁ ୨୮କୁ ବଢିପାରେ । ତେବେ ଏହାରି ଭିତରେ ସବୁଠୁ ଅଧିକ ଆସନ ହେବ ଉତ୍ତରପ୍ରଦେଶର, ଏହାପରେ ମହାରାଷ୍ଟ୍ର, ତାମିଲନାଡୁ ଓ ବିହାର ରହିପାରେ । ସେହିଭଳି ଆନ୍ଧ୍ର ଓ ତେଲେଙ୍ଗାନାରେ ୫୪, ପଶ୍ଚିମବଙ୍ଗରେ ଲୋକସଭା ଆସନ ସଂଖ୍ୟା ୬୦ ହୋଇପାରେ । ସୀମା ପୁନଃନିର୍ଦ୍ଧାରଣ ପ୍ରକ୍ରିୟାରେ ବଡ ବାଧକ ଜନଗଣନା । ଏଯାଏଁ କେନ୍ଦ୍ର ଏହି ପ୍ରକ୍ରିୟା ଆରମ୍ଭ କରିନି । ଯଦି ୨୦୨୬ରେ ଜନଗଣନା ହୁଏ ତେବେ ଲୋକସଭା ସହିତ ଅନୂରୁପ ହାରରେ ବିଧାନସଭା ସିଟ୍ ମଧ ବଢିବ । ଓଡିଶା ବିଧାନସଭା ଆସନ ସଂଖ୍ୟା ୧୯୬ ଛୁଇଁପାରେ । ଆହୁରି ସ୍ପଷ୍ଟ ଭାବେ କହିବାକୁ ଗଲେ, ଏସବୁ କାର୍ଯ୍ୟକାରୀ କରାଗଲେ ଆହୁରି ଅଧିକ ୪୯ ବିଧାୟକଙ୍କୁ ଓଡିଶା ନିର୍ବାଚିତ କରିବ । ତେଣୁ ପ୍ରଶ୍ନ ଉଠୁଛି, ବର୍ତ୍ତମାନ ବିଧାନସଭାରେ ଏତେ ଅଧିକ ବିଧାୟକ ବସିବାକୁ ସ୍ଥାନ ଅଛି ତ ? ବିଧାନସଭା ଆକାର ବଢ଼ାଇବା ପାଇଁ ଚିନ୍ତା କଲେଣି କି ସରକାର ? ୧୯୭୭ ମସିହା ପରେ ଦେଶରେ ଲୋକସଭା ଆସନ ସଂଖ୍ୟା ବଢିନି । ଯଦିଓ ଓଡିଶାରେ ୨୦୦୯ରେ ନିର୍ବାଚନ ପୂର୍ବରୁ ନିର୍ବାଚନ ମଣ୍ଡଳୀଗୁଡ଼ିକର ସୀମା ପୁନଃନିର୍ଦ୍ଧାରଣ ଆଂଶିକ କରାଯାଇଛି । ତେଣୁ ଏବେଠୁ ରାଜନୈତିକ ଚର୍ଚ୍ଚା ହେଲାଣି, କେଉଁ ନିର୍ବାଚନ ମଣ୍ଡଳୀ ଭାଙ୍ଗିବ ଓ କେଉଁ ନୂଆ ଆସନ ଜନ୍ମ ନେବ ? ଏହାକୁ ନେଇ ଡିଲିମିଟେସନ ବୈଠକ କରାଯାଉଛି । ସେପଟେ ରାଜ୍ୟ ରାଜନୀତିରେ ଏବେ ହଟଚମଟ । ବିଧାନସଭାରେ ହଙ୍ଗାମା ପରେ ବଢିଛି ରାଜନୀତିର ପାରା । ଏକଦା ବିଜୁ ଜନତା ଦଳ ଶାସନ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ୨୦୨୧ ମସିହାରେ ଖୋଜିବାକୁ ନବୀନ ନିବାସ ଯାଇଥିଲେ ବିରୋଧୀ । ମାତ୍ର ୪ ବର୍ଷ ପରେ ସ୍ଥିତି ଓଲଟିଛି । ଏବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କୁ ଖୋଜିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଯାଇଛନ୍ତି ବିଜେଡି ବିଧାୟକ । ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ଆଗରେ ବିଜେଡି ପ୍ରତିବାଦ କରିଥିଲା । ଲଣ୍ଠନ ଧରକି ପ୍ରତିବାଦ କରିଛନ୍ତି ବିଜେଡି ବିଧାୟକ । ଗୃହ ଭିତରେ ହାତାହାତି ପରେ ବିଜେଡି ବିଧାୟ ବିଧାନସଭା ପରିସରରେ ଥିବା ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି ତଳେ ଆସି ଧାରଣା ଦେଇଥିଲେ । ଏହାପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୁଆଡ଼େ ଗଲେ ଲେଖାଥିବା ପୋଷ୍ଟର ଧରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ ଆଗରେ ପ୍ରତିବାଦ କରିଛନ୍ତି ।

# ଛାଇଗଲେଣି ବାଂଲାଦେଶୀ ଫେରିବାଲା

ବାଲିଆପାଳ (ଝାଡ଼େଶ୍ୱର ପ୍ରଧାନଙ୍କଠାରୁ): ବାଂଲାଦେଶୀ ମୁସଲିମ ଅନୁପ୍ରବେଶକାରୀ ମାନେ କେବଳ ଉପକୂଳ ଓଡ଼ିଶାରେ ନୁହଁନ୍ତି, ଦକ୍ଷିଣଓଡ଼ିଶାରେ ମଧ ଛାଇଯାଇ ସାରିଲେଣି । ବାଂଲାଦେଶ ପରିସ୍ଥିତି ଅତି ଭୟାନକ । ସେଠାରେ ହିନ୍ଦୁମାନଙ୍କର ଧନ ସମ୍ପତ୍ତି ନଷ୍ଟ କରୁଛନ୍ତି ବାଂଲାଦେଶୀ । କିନ୍ତୁ ଏଣେ ଓଡ଼ିଶାରେ ନବୀନ ସରକାରଙ୍କ ନୀତି ଯୋଗୁ ଭର୍ତ୍ତି ହୋଇଗଲେଣି ବାଂଲାଦେଶୀ । ଏଥିରୁ ବାଦ ପଡ଼ିନାହିଁ । ବାଲିଆପାଳ ପ୍ରମୁଖ ବ୍ୟାବସାୟିକ ପେଣ୍ଠ ସିମୁଳିଆ । କିନ୍ତୁ ଏତେସଂଖ୍ୟାରେ ବାଂଲାଦେଶ ଫେରିବାଲାଙ୍କୁ ଦେଖିଲେ ମନରେ ସତଃ ଆଶଙ୍କା ସୃଷ୍ଟି ହେଉଛି । ସକାଳୁ ସକାଳୁବଙ୍ଗଳା କହୁଥିବା ଏହି ଫେରିବାଲାମାନେ ବାଇକ୍ ପଛରେ ସବୁ ପ୍ରକାର ଜିନିଷ ଧରି ବେପାରବଟା ଆରମ୍ଭ କରିଦେଉଛନ୍ତି । ଛତା, ଜୋତା, ଡ୍ରେସ, ବାସନକୁସନ, ପ୍ରଶାଧନ ସାମଗ୍ରୀ, ମୁଣ୍ଡ କେଶ, ପ୍ଲାଷ୍ଟିକ, ଭଙ୍ଗାଲୁହା ସବୁ ବେପାରରେ ଏମାନେ । ଅପହଞ୍ଚ ଇଲାକାରେ ମଧ ପହଞ୍ଚି ଗଲେଣି ସେମାନେ । ସିମୁଳିଆ ବଜାରରେ କିଛିବର୍ଷ ହେଲା ବ୍ୟବସାୟ ମାନ୍ଦା ଧରିଥିଲା । କିନ୍ତୁ ଅନୁପ୍ରବେଶକାରୀ ବାଂଲାଦେଶ ଫେରିବାଲା ଭର୍ତ୍ତି ହୋଇଯିବାପରେ ସ୍ଥାନୀୟ ବେପାରୀଙ୍କ ଚିନ୍ତା ପଶିଛି । ପ୍ରଥମେ ଗୁରୁତ୍ୱ ଦେଉ ନଥିଲେ । ଏବେ ଫେରିବାଲାଙ୍କ ବେପାର ବଢୁଥିବା ଦେଖି ମୁଣ୍ଡରେ ହାତ ଦେଲେଣି । ଫେରିବାଲାଙ୍କ ସଂଖ୍ୟା ଏତେ ବଢୁଛି କାହିଁକି ? କିଛିଦିନ ପରେ ଏମାନଙ୍କ ଯୋଗୁ ବସ୍ତି ତିଆରି ହୋଇଯିବ। କୁଜି ନେତାମାନେ ଅଛନ୍ତି ଭୋଟ ଲୋଭରେ ଏମାନଙ୍କ ପାଇଁ ରାସନ କାର୍ଡ଼ ବ୍ୟବସ୍ଥା କରିଦେବେ । ତା'ପରେସେମାନେ ହୋଇଯିବେ ଭୋଟର । ଘରଘର ବୁଲି ସବୁପ୍ରକାର ଜିନିଷ ବିକ୍ରି କରୁଛନ୍ତି ଏହି ବାଂଲାଦେଶୀ ଫେରିବାଲାମାନେ । ଏବେ ତ ପ୍ରେସରକୁକର, ଗ୍ୟାସ ଚୁଲା ଓ ଇଣ୍ଡସନ ଚୂଲା ବି ବିକିଲେଣି । ସ୍ଥାନୀୟ ବ୍ୟବସାୟକୁ ପଙ୍ଗୁ କରିବା ପାଇଁ ଏହା ଜଘନ୍ୟ ଷଡ଼ଯନ୍ତ୍ର ବୋଲି ମନେହେଉଛି । କେବଳ ସେତିକି ନୁହେଁ, ଗୃହ ନିର୍ମାଣ, ଅଟୋମୋବାଇଲ ବ୍ୟବସାୟରେ ପଶିଗଲେଣି ଏହି ବାଂଲାଦେଶୀ । ସମସ୍ତେ ବଙ୍ଗଳାରେ କଥା କହୁଛନ୍ତି । ମିଛ ଗ୍ୟାରେଣ୍ଟି ଦେଇ ଧୂମ ଲୁଟୁଛନ୍ତି ଲୋକଙ୍କୁ । କିନ୍ତୁ ଏମାନଙ୍କୁ ଛତ୍ରଛାୟା ଯୋଗାଉଛି କିଏ ? କିଏ ଏମାନଙ୍କର ରିଙ୍ଗ୍ ମାଷ୍ଟର । ଯାହା ଆଶଙ୍କା ହେଲାଣି, ଖୁବଶୀଘ୍ର ବାଲିଆପାଳ ଏକ ମିନି ବାଂଲାଦେଶରେ ପରିଣତ ହୋଇଯିବ । କିଛି ମହଲ ବିଶ୍ୱାସ କରନ୍ତି ଯେ ଏମାନେ ରୋହିଙ୍ଗା । ରୋହିଙ୍ଗା ହୁଅନ୍ତୁ କି ବାଂଲାଦେଶୀ , ସ୍ଥାୟୀ ବାସିନ୍ଦା ହେବାପାଇଁ ଯେଉଁ ଚକ୍କର ଆରମ୍ଭ ହୋଇଛି, ଏହାକୁ ତୁରନ୍ତ ରୋକାନଯାଏ, ତେବେ ବାଲିଆପାଳରେ କହୁଣିକୁ ବୋହିଯିବ। ଏପର୍ଯ୍ୟନ୍ତ କାହିଁକି ପୁଲିସ ଓ ପ୍ରଶାସନ ଏଥିପ୍ରତି ସତର୍କ ଦୃଷ୍ଟି ଦେଇନାହାନ୍ତି ? ମିଳିଥିବା ନିର୍ଭରଯୋଗ୍ୟ ସୂଚନା ଅନୁସାରେ ଏମାନେ ବସ୍ତି ବନାଇବା ଆରମ୍ଭ କରିଦେଲେଣି । ଭୋଟର ପରିଚୟପତ୍ର ଓ ରାସନକାର୍ଡ଼ ପାଇବା ପାଇଁ ଉଦ୍ୟମ ହେଉଛି । କିଛି ଫେରିବାଲା ଗଞ୍ଜେଇ, ବ୍ରୋନସୁଗାର ବେପାରରେ ସଂଶ୍ଲିଷ୍ଟ ହୋଇପଡ଼ଲେଣି ବୋଲି ପୁଲିସ ସୂତ୍ରରୁ ମଧ ସୂଚନା ମିଳୁଛି । ବାଂଲାଦେଶରେ ଯାହାସବୁ ଘଟୁଛି, ତାକୁ ଦେଖିବା ପରେ ବାଲିଆପାଳ ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ନିଦ ନଭାଙ୍ଗେ, ତେବେ ବାଲିଆପାଳ ରେ ଆଗକୁ ଭୟଙ୍କର ପରିସ୍ଥିତି ଉପୁଜିବା ଆଶଙ୍କାକୁ କଦାପି ଏଡ଼ାଇ ଦିଆଯାଇ ନପାରେ ।

# 'ଶିମଲୀ'ର ସ୍ପେସିଆଲ ସ୍କ୍ରିନିଂ, ୧୪ ମାର୍ଚ୍ଚରେ ମୁକ୍ତିଲାଭ

ଭୁବନେଶ୍ୱର, ୧୧/୩ (ନି.ପ୍ର): ଓଲିଉଡ୍ ସିନେ ଇଣ୍ଡଷ୍ଟ୍ରି ଏବେ ଓଡିଶା ମାଟିର ମୌଳିକ କାହାଣୀକୁ ନେଇ ଚଳଚ୍ଚିତ୍ର ନିର୍ମାଣ ପାଇଁ ଅଣ୍ଟା ଭିଡ଼ିଥିବା ବେଳେ ମୟୁରଭଞ୍ଜ ଜିଲ୍ଲାର ପରିଚୟ ବହନ କରୁଥିବା ଶିମିଳିପାଳ ଜଙ୍ଗଲର ସୁରକ୍ଷା କୁ ନେଇ ନିର୍ମିତ ହୋଇଥିବା 'ଶିମଲୀ' ନାମକ ଏକ ଚଳଚ୍ଚିତ୍ର ଆସନ୍ତା ୧୪ ମାର୍ଚ୍ଚରେ ମୁକ୍ତିଲାଭ କରିବାକୁ ଯାଉଛି । ବାଘର ସୁରକ୍ଷାଠୁ ନେଇ ଜଙ୍ଗଲଯାତ ଦ୍ରବ୍ୟର କିପରି ସୁରକ୍ଷା କରିହେବ ତାହାରି ଉପରେ ଆଧାରିତ କାହାଣୀ 'ଶିମଲୀ' । ତେବେ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପୂର୍ବରୁ ଭୁବନେଶ୍ୱର ସ୍ଥିତ ପି.ଭି.ଆର ସିନେମା ହଲ୍ ରେ ଶିମଲୀ ର ସ୍ପେସିଆଲ ସ୍କ୍ରିନିଂ ହୋଇଛି । ଏହି ସ୍ପେସିଆଲ ସ୍କ୍ରିନିଂରେ ବନ ପର୍ଯ୍ୟାବରଣ ଓ ଜଳବାୟୁ ପରିବର୍ତ୍ତନ, ଜଙ୍ଗଲ ସୁରକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଗଣେଶ ରାମ ସିଂହ ଖୁଣ୍ଟିଆ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଳି ମୁର୍ମୁ, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ ବିଧାୟକ ହିମାଂଶୁ ଶେଖର ସାହୁଙ୍କ ସମେତ ଅଭିନେତା ଏବଂ ଗଣମାଧ୍ୟମ ବନ୍ଧୁମାନେ ଶିମଲୀ ଟିମ୍ ସହିତ ଏକାଠି ଦେଖିଥିଲେ ।କାହାଣୀ, ନିର୍ଦ୍ଦେଶନା , ଗୀତ, ସଙ୍ଗୀତ ସବୁକିଛି ବହୁତ ଭଲ ହୋଇଥିବା କଥା କହିଥିଲେ ଏବଂ ସମସ୍ତେ ବହୁତ ପ୍ରଶଂସା କରିଥିଲେ। ଚଳଚ୍ଚିତ୍ରର ମୁଖ୍ୟ ଚରିତ୍ରରେ ସୂର୍ଯ୍ୟମୟୀ ମହାପାତ୍ର, ମନୋଜ ରାଉତ, ଅନୁପ ସାହା, ଚୌଧୁରୀ ବିକାଶ ଦାସ, ଲିପିକା ସେନାପତି ଏବଂ ଐଶ୍ୱରୀୟା ବେହେରା ନଜର ଆସିବେ । ୟୁ ସେନସର୍ ସାର୍ଟିଫିକେଟ୍ ପାଇଥିବା ଏହି ଓଡ଼ିଆ ଭିନ୍ନ ଧରଣର ଓଡ଼ିଆ ଚଳଚ୍ଚିତ୍ର ଶିମଲୀ ର ପ୍ରଯୋଜନା ଦାୟିତ୍ୱ ଶ୍ରୀମତୀ ସ୍ମିତା ରାଉତ ନେଇଛନ୍ତି ଏବଂ ପରେଶ ଚନ୍ଦ୍ର ମହାନ୍ତ ଏହାର ସହ-ପ୍ରଯୋଜନା କରିଛନ୍ତି । ଓଲିଉଡ଼ର ସୁପରିଚିତ ଏଡିଟର୍ ସୁକୁମାର ମଣି 'ଶିମଲୀ' ଜରିଆରେ ନିର୍ଦ୍ଦେଶକ ଭାବେ ଓଲିଉଡ୍‌ରେ ପାଦ ରଖିଛନ୍ତି। ଓଲିଉଡ ଏଇ କିଛି ବର୍ଷ ହେବ ଚିରାଚରିତ ଫ୍ୟାମିଲି ଡ୍ରାମାରୁ ବାହାରି ଅନେକ ମୌଳିକ କାହାଣୀ ଆଧାରିତ ଚଳଚ୍ଚିତ୍ର ନିର୍ମାଣ କରିଆସୁଛି । ସେହି ଭଳି ଏକ ଭିନ୍ନ କଥାବସ୍ତୁକୁ ନେଇ ଶିମିଳିପାଳ ଜଙ୍ଗଲର ନିତିଦିନିଆ ଘଟଣା ଉପରେ 'ଶିମଲୀ' କଥାବସ୍ତୁ ଆଧାରିତ। ହାତୀଦାନ୍ତ ଓ ବାଘଛାଲ ଚୋରାଚାଲାଣ, ବନରକ୍ଷୀଙ୍କୁ ଆକ୍ରମଣ ଭଳି ଅପରାଧର କାହାଣୀ ରହିଛି 'ଶିମଲୀ' ଚଳଚ୍ଚିତ୍ର ରେ। ଜଙ୍ଗଲ ସୁରକ୍ଷାକୁ ଗୁରୁତ୍ୱ ଦେଇ ନିର୍ମାଣ ହୋଇଛି ଶିମଲୀ । ସ୍ମିତା ରାଉତଙ୍କ କାହାଣୀ ଉପରେ ଆଧାରିତ ଏହି ଫିଲ୍ମର ସଂଳାପ ଲେଖିଛନ୍ତି ଭାବବିନୋଦ ମହାପାତ୍ର । ସ୍ୱର୍ଗତ ବାଚୁ ମୁଖାର୍ଜୀଙ୍କ ସମେତ ବିଷ୍ଣୁ ମୋହନ କବି ଏବଂ ଏସ.ବି. ସ୍ମୃତି ଏହାର ସଙ୍ଗୀତ ନିର୍ଦ୍ଦେଶନା ଦେଇଥିବା ବେଳେ ଅରୁଣ ମନ୍ତ୍ରୀ, ଡକ୍ଟର ନିର୍ମଳ ନାୟକ ଓ ଭାବବିନୋଦ ମହାପାତ୍ର ଗୀତ ରଚନା କରିଛନ୍ତି । ଏଥିରେ ଚାରିଟି ଗୀତ ରହିଛି। ପ୍ରଖ୍ୟାତ କଣ୍ଠଶିଳ୍ପୀ ସୁବାଷ ଦାସ ଏବଂ ଦେବାଂଶୀ ଦାଶ କଣ୍ଠଦାନ କରିଛନ୍ତି । ଧ୍ରୁବାନନ୍ଦ ପଣ୍ଡା ଶିମଲୀର ସିନେମାଟୋଗ୍ରାଫର୍ ଅଛନ୍ତି । ମାର୍ଚ୍ଚ ୧୪ ରେ ମୁକ୍ତିଲାଭ କରିବାକୁ ଯାଉଥିବା ଶିମଲୀ ଉପରେ ଦର୍ଶକଙ୍କର ଅନେକ ଆଶା ଓ ଉନ୍ମାଦନା ରହିଛି। ଶିମଲୀ ପଲ୍ଲୀ ରୁ ଦିଲ୍ଲୀ ପର୍ଯ୍ୟନ୍ତ ପହଞ୍ଚି ଚହଳ ପକାଇବ ଏବଂ ସାରା ବିଶ୍ୱ ଶିମିଳିପାଳର କାହାଣୀ ଜାଣିବ ବୋଲି ପ୍ରଯୋଜନା ସଂସ୍ଥା ତରଫରୁ ସୂଚନା ଦିଆଯାଇଛି । ଶିମଲୀ ଚଳଚ୍ଚିତ୍ରକୁ ସରକାରୀ ସ୍ତରରେ କର ଛାଡ଼ କରିବା ପାଇଁ ମାନ୍ୟବର ଜଙ୍ଗଲ ସୁରକ୍ଷା ମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି ବୋଲି ପ୍ରଚାର ଓ ପ୍ରସାର ମୁଖ୍ୟ ପ୍ରଣୟ ଜେଠୀ ଜଣାଇଛନ୍ତି ।

ବୁଧବାର, ମାର୍ଚ୍ଚ ୧୨, ୨୦୨୫

# ଧ୍ୱନି ପ୍ରତିଧ୍ୱନି

## ସଡକ ସୁରକ୍ଷା ସଚେତନତା ସଭା ଅନୁଷ୍ଠିତ

ବାସୁଦେବପୁର, ୧୧/୩ (ନି.ପ୍ର): ବାସୁଦେବପୁର ନୀଳମଣି ଟାଉନ ହଲ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ବାସୁଦେବପୁର ର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ। ବିଧାୟକ ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଆଗାମୀ ଦିନରେ ଯେଉଁ ଆଇରନ ଟ୍ରକ୍ ଯିବା ଆସିବା କରିବା ଓ ରାସ୍ତା ସମସ୍ୟା ରହିଛି ତାହାକୁ ଶୀଘ୍ର ସମାଧାନ କରାଯିବ। ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ସମସ୍ୟା ସଂମ୍ପର୍କରେ ଭଦ୍ରକ ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ ଆଲୋଚନା କରିଥିଲେ।ଉପ ଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ, ବାସୁଦେବପୁର ବ୍ଲକ ଅଧକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ଆର ଟି ଓ, ଭଦ୍ରକ ସଦର ଏସ ଡି ପି ଓ ବିଚିତ୍ରା ନନ୍ଦ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଓ ବାସୁଦେବପୁର ର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସଭାରେ ବାସୁଦେବପୁର ଥାନା ଅଧିକାରୀ ଲୋପାମୁଦ୍ରା ନାୟକ, କାଉନସିଲର ଭକ୍ତ ରଞ୍ଜନ ପଟ୍ଟନାୟକ,ଆଇନଜୀବୀ ଡକ୍ଟର ନୀରଦ କୁମାର ଦାଶ, ସାମ୍ବାଦିକ ପ୍ରଦୀପ୍ତ କୁମାର ମହାନ୍ତି, ସାମ୍ବାଦିକ ନାରାୟଣ ପ୍ରାସାଦ ବାରିକ୍ଷମୁଖ ବାସୁଦେବପୁର ସହର ରେ ଥିବା ବିଭିନ୍ନ ସମସ୍ୟା କୁ ଆଲୋକପାତ କରିଥିଲେ। ବାସୁଦେବପୁର ତହସିଲଦାର ପ୍ରିୟବ୍ରତ ଦାସ, ପୌର ପାଳିକା କାର୍ଯ୍ୟ ନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ , ବାଦଲ ନାୟକ ଓ ଧାମରା ଆଦାନୀ କମ୍ପାନୀ ଅଧିକାରୀ ଓ କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




## ଶ୍ରମିକ ବଦଳରେ ମେସିନ କରୁଛି ମନରେଗା କାମ



ଖଇରା, ୧୧/୩ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଝିଙ୍କିରିଆ ପଞ୍ଚାୟତ ଅଧୀନ ଝିଙ୍କିରିଆ ଗ୍ରାମରେ ମନରେଗା ଯୋଜନାରେ ରେ ନିର୍ମାଣାଧୀନ ରାସ୍ତାକାମରେ ମ୍ୟାସିନ ବ୍ୟବହାରକୁ ନେଇ ଅସନ୍ତୋଷ ବଢିବାରେ ଲାଗିଛି । ଯନ୍ତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗ୍ରାମବାସୀ ମାନେ ଜିଲାପାଳଙ୍କ ଠାରେ ଦାବି କରିଛନ୍ତି । ଏହି ଗ୍ରାମର ଶିବମନ୍ଦିର ଠାରୁ କେନାଲ ପର୍ଯ୍ୟନ୍ତ ରାସ୍ତା କାର୍ଯ୍ୟ ବାବଦରେ ସୂଚନା ଫଳକ ୨୦୨୧ବର୍ଷ ତଳେ ଲଗାଇଯାଇଥିଲା । ଏବଂ ଏଥିପାଇଁ ୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ଏବେ କିଛିଦିନ ତଳେ ଠିକାଦାର ମ୍ୟାସିନ ଲଗାଇ କାମ ଆରମ୍ଭ କରିଥିବା ବେଳେ ଗ୍ରାମବାସୀ ମାନେ ଏହାକୁ ବିରୋଧ କରିଛନ୍ତି। ସରକାର ଦାଦନ ରୋକିବାକୁ ଏହି ଯୋଜନା ଲାଗୁ କରିଥିବା ବେଳେ ଶ୍ରମିକ ବଦଳରେ ରାତି ଅଧିଆ ମ୍ୟାସିନ ଲଗାଇ କାମ କରାଯିବାକୁ ନେଇ ସାଧାରଣରେ ଯନ୍ତ୍ରୀଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠିଛି। ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଖଇରା ବ୍ଲକର କନିଷ୍ଠ ଯନ୍ତ୍ରୀ ଶ୍ରଦ୍ଧାନନ୍ଦ ପାଣିଗ୍ରାହୀଙ୍କୁ ଯୋଗାଯୋଗ କରିବାରେ ଏଭଳି ଅଭିଯୋଗ ଉପରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି ।

## ମହିଳା ଦିବସରେ ଅଙ୍ଗନୱାଡ଼ି ଦିଦି ମାଳତୀଙ୍କୁ ସମ୍ବର୍ଦ୍ଧନା




ବସ୍ତା, ୧୧/୩ (ନି.ପ୍ର): ବିଶ୍ୱ ମହିଳା ଦିବସ ଉପଲକ୍ଷେ ରୂପସା ଥାନା ଅନ୍ତର୍ଗତ କସିପଦା ପଞ୍ଚାୟତ ଅଧୀନ ଆଗରଗୋହିରା ୧ ଅଙ୍ଗନୱାଡ଼ି ଦିଦି ମାଳତୀ ବେହେରାଙ୍କୁ ସମ୍ବର୍ଦ୍ଧନା । ସୂଚନାରୁ ପ୍ରକାଶ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ହେଉଥିବା ବିଭିନ୍ନ ପ୍ରକାରର ସଚେତନତା ଦିବସ , ବିଭିନ୍ନ ପ୍ରକାରର ଟୀକା କରଣ, ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ଅନେକ କାର୍ଯ୍ୟକ୍ରମ ଶ୍ରୀମତୀ ମାଳତୀ ନିଜ ଅଙ୍ଗନୱାଡ଼ି ରେ ସୁଚାରୁ ରୂପେ ତୁଲାଇ ଥାଆନ୍ତି। ତେଣୁ କସିପଦା ପଞ୍ଚାୟତ ରେ ଥିବା ୧୨ ଟି ଅଙ୍ଗନୱାଡ଼ି ଭିତରୁ ତାଙ୍କୁ ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର ତରଫରୁ ମହିଳା ଦିବସ ଉପଲକ୍ଷେ ବେଷ୍ଟ ୱାରକର ଭାବେ ସମ୍ବର୍ଦ୍ଧନା କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରେ ସରପଞ୍ଚ ଗଙ୍ଗାମଣି ବେହେରା, ରୂପସା ସ୍ୱାସ୍ଥ୍ୟ କେନ୍ଦ୍ର ର ମେଲ ଅଫିସର ପ୍ରଦୀପ ସିଂ, ସି ଏଇଚ ଓ ଦିଦି ପାର୍ବତୀ ମୁର୍ମୁ , ଏ ଏନ ଏମ ଦିଦି ପ୍ରତିଭା ଗିରି , ଶାନ୍ତି ମୁର୍ମୁ ସମ୍ବର୍ଦ୍ଧିତ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଅଙ୍ଗନୱାଡ଼ି ଦିଦି ସୁମତି ପ୍ରଧାନ, ଲବଂଲତା ଲେଙ୍କା, ଭାଗ୍ୟବତୀ ଗିରି, ବେଲମଣି ବେହେରା , ମିନତି ପ୍ରଧାନ ଓ ଆଶାକର୍ମୀ ପୁଷ୍ପଲତା ରାଉତ , ମଞ୍ଜୁଲତା ଦଳାଇ , ଜୟନ୍ତୀ ବେହେରା ଉପସ୍ଥିତ ରହି ଥିଲେ ।

## ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୦ତମ ବାର୍ଷିକୋତ୍ସବ ପାଳିତ



ବାରିପଦା, ୧୧/୩ (ନି.ପ୍ର): ଜିଲ୍ଲାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ମୟୂରଭଞ୍ଜ ସାହିତ୍ୟ ପରିଷଦର ୪୦ତମ ବାର୍ଷିକୋତ୍ସବ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଆୟୋଜିତ ହୋଇଯାଇଛି । ପୂର୍ବାହ୍ନରେ ପରିଷଦର ପତାକା ଉତ୍ତୋଳନ ପରେ ଉଦଘାଟନୀ ପର୍ବ ପରିଷଦର ସଭାପତି ପଦ୍ମନାଭ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ବାରିପଦା ପୌରପାଳିକାର ଯୁବ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ମୁଖ୍ୟ ଅତିଥି ତଥା ବରିଷ୍ଠ ସାମ୍ବାଦିକ ତଥା ପରିବେଶବିତ୍ ଡ. ବିଜୟ ଅଗ୍ରୱାଲା ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିବା ବେଳେ ଶ୍ରୀମା ମହିଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ପ୍ରକାଶ ଚନ୍ଦ୍ର ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। ପରିଷଦର କୋଷାଧ୍ୟକ୍ଷ ଅଧ୍ୟାପକ ସମରେନ୍ଦ୍ର ବଶା ଅତିଥିମାନଙ୍କୁ ମଞ୍ଚକୁ ଆମନ୍ତ୍ରଣ କଲା ପରେ ସଂପାଦକ ଇଂ ମନୋଜ ଦଳବେହେରା ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ପରିଷଦର ମୁଖପତ୍ର 'ମୟୂରାକ୍ଷି' ଲୋକାର୍ପିତ ହୋଇଥିଲା ଏବଂ ଶ୍ରୀମତୀ ସବିତାରାଣୀ ଶିଟ୍ ଏବଂ ଶ୍ରୀ ଅନନ୍ତ ଚରଣ ବେହେରାଙ୍କୁ ମୟୂରଭଞ୍ଜ ସାହିତ୍ୟ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏତଦବ୍ୟତୀତ ଡ. ରାଜକିଶୋର ନାୟକଙ୍କୁ ସରୋଜିନୀ-ପ୍ରଫୁଲ୍ଲ ଓତା ସ୍ମୃତି ସାହିତ୍ୟ ସମ୍ମାନ ଏବଂ ସ୍ନେହାଶିଷ ମହାନ୍ତିଙ୍କୁ ଲକ୍ଷ୍ମୀକୁମାରୀ ଦାସ ସ୍ମୃତି ଯୁବ ସାହିତ୍ୟିକ ସମ୍ମାନ ପ୍ରଦାନ କରାଯାଇଥିଲା। ସଭା ଶେଷରେ କବି ଶଙ୍କର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପରିଷଦର ଉପ ସଭାପତି ଜୟନ୍ତ କୁମାର ଦ୍ୱାରୀଙ୍କ ରଚିତ କବିତା ସଂକଳନ 'ଚଳାପଥେ' ମୁଖ୍ୟ ଅତିଥି ବାରିପଦା ଉପ ଜିଲ୍ଲାପାଳ ଡ. ଦୟାସିନ୍ଧୁ ପରିଡାଙ୍କ କରକମଳରେ ଲୋକାର୍ପିତ ହୋଇଥିଲା। ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ପୁଷ୍ପା ପାତ୍ର ସଂକଳନଟିର ସମୀକ୍ଷା କରିଥିଲେ। ଅଧିବେଶନର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ବଭ୍ରୁବାହନ ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇ 'ପାଠକୀୟ ବିମୁଖତା: ଭାଷା ଓ ସାହିତ୍ୟ ବିକାଶରେ ପ୍ରତିବନ୍ଧକ' ଉପରେ ଆଲୋଚନା କରିଥିଲେ। ପରିଷଦର ଉପସଭାପତି ସୁଶ୍ରୀ କାବେରୀ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଅଧିବେଶନରେ ସହ ସଂପାଦିକା ବାସନ୍ତୀଲତା ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଅପରାହ୍ଣରେ ଆୟୋଜିତ ଉଦଯାପନୀ ପର୍ବରେ କବୟିତ୍ରୀ ଡ. ଅସୀମା ସାହୁ ଏବଂ ଡ. ଶଶିଧର ବିଶ୍ୱାଳଙ୍କ ସଂଯୋଜନାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା।

## ଅରୁଣ କୁମାର ଓତାଙ୍କ ନେତୃତ୍ୱ ଭରି ଦେଇଛି ନୂଆ ଉତ୍ସାହ

ଉଦଳା , ୧୧/୩ (ନି.ପ୍ର): ମୟୂରଭଂଜ ଜିଲ୍ଲା ସାମ୍ବାଦିକ ସଂଘ ଏକ ପୁରୁଣା ସଂଘ ଭାବରେ ପରିଗଣିତ ହୋଇଥାଏ । ବିଗତ କିଛି ବର୍ଷ ଧରି ଉକ୍ତ ସଂଘ ସମଗ୍ର ଜିଲ୍ଲାର ବିଭିନ୍ନ ସ୍ଥାନରେ ସାଧାରଣ ସଭା ଆୟୋଜନ କରି ସଂଘର ପ୍ରଭାବକୁ ଅଧିକ ଶାଣିତ କରିବାରେ ସକ୍ଷମ ହୋଇ ପାରିଛି । ଏହାକୁ ଦେଖି ଏବେ ସ୍ୱତହ ବିଭିନ୍ନ ମହଲରେ ସଂଘର ପ୍ରଶଂସା ଶୁଣିବାକୁ ମିଳୁଛି । ଏଥିପାଇଁ ସଂଘର ସଭାପତି ଅରୁଣ କୁମାର ଓତାଙ୍କ ଉଦ୍ୟମ ବେଶ ପ୍ରଶଂସନୀୟ ବୋଲି ସମସ୍ତେ ସ୍ୟୁକାର କରୁଛନ୍ତି । ଆଗାମି ଦିନରେ ଏହି ସଂଘ ଅଧିକ ସକ୍ରୀୟ ହେବା ସହ ସମଗ୍ର ଓଡ଼ିଶାରେ ଇତିହାସ ସୃଷ୍ଟି କରିବ ବୋଲି ସମସ୍ତେ ଆଶା ବାନ୍ଧିଛନ୍ତି ।

## ଲକ୍ଷପତି ଦିଦି ସମ୍ବନ୍ଧିତ ଜିଲ୍ଲାସ୍ତରୀୟ ଏକ ଦିବସୀୟ କର୍ମଶାଳା ଆୟୋଜିତ



ବାଲେଶ୍ୱର, ୧୧/୩ (ନି.ପ୍ର): ଆଜି ରେମୁଣାସ୍ଥିତ ନୋସି ବିଜନେସ ପାର୍କଠାରେ ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ବିଭାଗର ମିଳିତ ଆନୁକୂଲ୍ୟରେ ଲକ୍ଷପତି ଦିଦିମାନଙ୍କୁ ନେଇ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶ୍ରୀ ବିଶ୍ୱରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦର ମାନ୍ୟବର ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲାପାଳ ଶ୍ରୀ ସୂର୍ଯ୍ୟବଂଶୀ ମୟୂର ବିକାଶ ଉପସ୍ଥିତ ଥିଲେ ଓ ଏଥି ସହିତ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ (ଆଡମିନ୍) ଜିଲ୍ଲା ପରିଷଦ ଶ୍ରୀମତୀ ମଧୁସ୍ମିତା ସାମନ୍ତରାୟ, ବିଡ଼ିଓ ରେମୁଣା ଶ୍ରୀ ସନ୍ତୋଷ ବାରିକ, ବିଡ଼ିଓ ସଦର ଶ୍ରୀ ଉତ୍ତମ ଜେନା, ଡିଡିଏମ ନାବାର୍ଡ ଶ୍ରୀ ତାପସ କୁମାର ପ୍ରଧାନ, ପ୍ରଦାନ ଏନଜିଓ ସଂଯୋଜକ ଶ୍ରୀ ସଂଜୀବ ରାଉତ ପ୍ରମୁଖ ମଂଚାସୀନ ଥିଲେ। ଜିଲ୍ଲା ପରିଷଦ ଅଧକ୍ଷ ଶ୍ରୀ ନାରାୟଣ ପ୍ରଧାନ ଏକ ଜନ ମଙ୍ଗଳ ରାଷ୍ଟ୍ରରେ ମହିଳାଙ୍କୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱ ପ୍ରଦାନ କରିଥିଲେ। ଆଜି ମହିଳାମାନେ ପରିବାରରେ ପୁରୁଷଙ୍କ ସହ କାନ୍ଧ ରେ କାନ୍ଧ ମିଳାଇ ରୋଜଗାରକ୍ଷମ ହୋଇପାରିଛନ୍ତି ବୋଲି ସେ କହିଥିଲେ। ଜିଲ୍ଲାପାଳ ଶ୍ରୀ ବିକାଶ ଆଗାମୀ ଇଦିନରେ ବାଲେଶ୍ୱର ଜିଲ୍ଲାରେ ଅଧିକରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି ହେବେ ବୋଲି ଆଶା ଓ ଦୃଢ଼ୋକ୍ତି ପ୍ରକାଶ କରିଥିବା ବେଳେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ନାୟକ ଲକ୍ଷପତି ଦିଦି ଯୋଜନା ବିଷୟରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗରୁ ଆସିଥିବା ପଦାଧିକାରୀମାନେ ନିଜ ନିଜ ବିଭାଗ ଅନ୍ତର୍ଗତ ବିଭିନ୍ନ ଯୋଜନା ସମ୍ପର୍କିତ ତଥ୍ୟ ଉପସ୍ଥାପନା କରିଥିଲେ ଓ ତତ ସହିତ ବାଲେଶ୍ୱର ଜିଲ୍ଲାର ସମସ୍ତ ବ୍ଲକରୁ କମ୍ୟୁନିଟି ସହାୟକ କର୍ମଚାରୀମାନେ ଉପସ୍ଥିତ ରହିବା ସହିତ ନିଜ ନିଜ ପଞ୍ଚାୟତ ପାଇଁ ଯେଉଁମାନେ ନିଜ ଜୀବିକା ଜରିଆରେ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜି ନିଜକୁ ଜଣେ ଜଣେ ଲକ୍ଷପତି ଦିଦି ଭାବେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ସେମାନେ ନିଜର ଅଭିଜ୍ଞତା ସର୍ବ ସମ୍ମୁଖରେ ବାଣ୍ଟିଥିଲେ । ପ୍ରାପ୍ତ ସୂଚନା ଅନୁଯାୟୀ, ବାଲେଶ୍ୱର ଜିଲ୍ଲାରେ ଆଜି ପର୍ଯ୍ୟନ୍ତ ୩୭୬୪୮ ଜଣ ଲକ୍ଷପତି ଦିଦି ସୃଷ୍ଟି ହୋଇସାରିଥିବା ବେଳେ ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସର୍ବମୋଟ ୭୫୩୦୯ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କୁ ଲକ୍ଷପତି ଦିଦିରେ ପରିଣତ କରିବା ପାଇଁ ଧାର୍ଯ୍ୟ କରାଯାଇଛି ଓ ଏଥି ସହିତ ସମ୍ଭାବ୍ୟ ଲକ୍ଷପତି ଦିଦି ଭାବେ ମୋଟ ୮୯୭୫୮ ଜଣଙ୍କୁ ଚିହ୍ନଟ କରାଯାଇଛି । ଉକ୍ତ କାର୍ଯକ୍ରମକୁ ଡିପିଏମ, ଓଡ଼ିଶା ଜୀବିକା ମିଶନ, ବାଲେଶ୍ୱର ଶ୍ରୀ ବନଜକାନ୍ତ ମହାରୀ ପରିଚାଳନା କରିଥିଲା ବେଳେ ଡେପୁଟି ସିଇଓ ଓରମାସ ଶ୍ରୀ ଶାନ୍ତନୁ ବାନାର୍ଜୀ ଓ ଡିପିସି ମିଶନ ଶକ୍ତି ଶ୍ରୀ କାର୍ତିକ ନାୟକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏକ୍ସପ୍ରେସ ଟ୍ରେନ ରହଣି ସମେତ ବିଭିନ୍ନ ଦାବି ନେଇ ବସ୍ତା ଷ୍ଟେସନ ଆଗରେ ଆମରଣ ଅନଶନ



ବସ୍ତା, ୧୧/୩ (ନି.ପ୍ର): ବସ୍ତା ଷ୍ଟେସନରେ ଓଡ଼ିଶା ସମ୍ପର୍କ କ୍ରାନ୍ତି ,ନୀଳାଚଳ, ଜନ ଶତାବ୍ଦୀ,ଖଡଗପୁର - ଭେଲୁପୁରମ୍, କଳିଙ୍ଗ ଉତ୍କଳ,ଇଷ୍ଟ କୋଷ୍ଟ, ମାଲଦା- ବେଙ୍ଗାଲୁରୁ ଅମୃତ ଭାରତ ଏକ୍ସପ୍ରେସ ପ୍ରଭୃତିର ରହଣି,ବସ୍ତା ଷ୍ଟେସନରେ ସ୍ୱାସ୍ଥ୍ୟ କେନ୍ଦ୍ର,ନୋଡାଲ ଇଂଲିଶ ମିଡ଼ିୟମ ସ୍କୁଲ,ବସ୍ତା ବ୍ଲକ୍ ଯିବା ରାସ୍ତାରେ ଉଡନ୍ତା ପୋଲ ସମେତ ୧୩ ଦଫା ଦାବିରେ 'ଝାଡ ଖଣ୍ଡ ମୁକ୍ତି ମୋର୍ଚ୍ଚା' ପକ୍ଷରୁ ଆଜି ଠାରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆମରଣ ଅନଶନ ଆୟୋଜିତ ହୋଇଛି। ଜେ ଏମ ଏମ ବାଲେଶ୍ୱର ଜିଲ୍ଲା ସଭାପତି କମଳ ବାରିକ, ରିତା ରାଣୀ ବାରିକ, ଜ୍ୟୋତ୍ସ୍ନା ଗିରି, ମଲ୍ଲିକା ସାହୁ, ଜୟନ୍ତୀ ମାଝୀ, ଲିଲି ମୁଖୀ, ପଦ୍ମିନୀ ଦାସ ପ୍ରମୁଖ ସାତ ଜଣ ଅନଶନ ରେ ବସି ଥିବା ବେଳେ ସେମାନଙ୍କୁ ବସ୍ତା, ବାଲିଆପାଳ, ଭୋଗରାଇ, ମୟୂରଭଞ୍ଜର ରାସଗୋବିନ୍ଦ୍ ପୁର, ମୋରଡା, ଶୁଳିଆପଦା ବ୍ଲକ ର ଜେ ଏମ ଏମ କର୍ମୀ ମାନେ ସମର୍ଥନ ଜଣାଇ ଅନଶନ ସ୍ଥଳରେ ଠୁଳ ହୋଇଛନ୍ତି। ଏଠାରେ ସାଧାରଣ ସଭା ହୋଇ ରେଳବାଇ କିପରି ବସ୍ତା କୁ ବିଭିନ୍ନ ଦିଗରୁ କ୍ରମାଗତ ଭାବେ ଚରମ ଅବହେଳା ପ୍ରଦର୍ଶନ କରି ଚାଲିଛି ତାହା ବକ୍ତା ମାନେ ଭାଷଣ ଦେଇ ବୁଝାଉଛନ୍ତି। ଖବର ଲେଖା ପର୍ଯ୍ୟନ୍ତ ରେଳ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀ ଘଟଣା ସ୍ଥଳ ରେ ପହଞ୍ଚି ନାହାନ୍ତି। ବହୁ ସଂଖ୍ୟକ ରେଳବାଇ ପୁଲିସ ଏଠାରେ ଜମା ହୋଇ ପରିସ୍ଥିତି ପ୍ରତି ନଜର ରଖିଛନ୍ତି। ସ୍ଥାନୀୟ ଜନ ସାଧାରଣ ଧୀରେ ଧୀରେ ଭିଡ ଜମାଉଛନ୍ତି। ଘଟଣା ସ୍ଥଳ ରେ ଚାପା ଉତ୍ତେଜନା ସୃଷ୍ଟି ହୋଇଛି।

## ଦୁଃଖୀ, ଗରିବ ଓ ଅସହାୟଙ୍କୁ ଫଳ ବାଣ୍ଟିଲେ ଟୀକା ଭାଇ



ବାସୁଦେବପୁର, ୧୧/୩ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ରାଜଘରପୋଖରୀ ପଞ୍ଚାୟତର ରାଇପୁର କୋଡ ବାଟିଆ ଗ୍ରାମରେ ଜନ୍ମ ଗ୍ରହଣ କରିଥିବା ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ଜେନା ଓରଫ ଟୀକା ଭାଇ ନିକଟରେ ବିଭିନ୍ନ ସ୍ଥାନରେ ଦୁଃଖୀ ଗରିବ ଓ ଅସହାୟ ଲୋକ ମାନଙ୍କୁ ଫଳ ବଣ୍ଟନ କରିଛନ୍ତି ଓ ସାହାଯ୍ୟ ସହଯୋଗ କରି ଛନ୍ତି। ବାଲେଶ୍ୱର, ଭଦ୍ରକ କେନ୍ଦୁଝର,ଘସିପୁରା, ଆନନ୍ଦପୁର, କାକଟପୁର, ସାଲେପୁର, କଟି କଟା, ତାରା ପୁର କଟକ, ଜଗତ ସିଂହ ପୁର, ପଟା ମୁଣ୍ଡାଇ, ଢେଙ୍କାନାଳ, କେନ୍ଦ୍ରାପଡ଼ା ପ୍ରଭୃତି ସ୍ଥାନ ରେ ଟୀକା ଭାଇ ଦୁଃଖୀ ଗରିବ ଲୋକଙ୍କୁ ଫଳ ବଣ୍ଟନ କରିଛନ୍ତି। ପ୍ରତ୍ୟେକ ଦିନ ସଧାରଣ ଭାବରେ ସେ ନିଜ ମଜୁରିଆ ଭାବେ କାମ କରନ୍ତି ଓ ସେଥିରୁ ଯାହା ଅର୍ଥ ମିଳିଲା ସେଥିରୁ ପରିବାର ପାଇଁ କିଛି ରଖି ଗରିବ ଲୋକଙ୍କୁ ବାଣ୍ଟି ଦିଅନ୍ତି। ବାସୁଦେବପୁର ବ୍ଲକର ବିଭିନ୍ନ ପଞ୍ଚାୟତରେ ଯେଉଁ ଗରିବ ଲୋକ ମାନେ ଦୁଃଖ,ବିପଦ ଅସୁବିଧାରେ ପଡନ୍ତି ସେମାନଙ୍କ ପା ଖରେ ଟୀକା ଭାଇ ସାହାଯ୍ୟ ସହଯୋଗ କରିବାକୁ ଶୀଘ୍ର ପହଞ୍ଚି ଯାଆନ୍ତି। ବାସୁଦେବପୁର ମେଡ଼ିକାଲ ଠାରୁ ଆରମ୍ଭ କରି କଟକ ଏସ ସି ବି ମେଡ଼ିକାଲ ପର୍ଯ୍ୟନ୍ତ ସାହାଯ୍ୟ ସହଯୋଗ କରିବା ପାଇଁ ଟୀକା ଭାଇ ରୋଗୀ ମାନଙ୍କ ପାଖରେ ପହଞ୍ଚି ଯାଆନ୍ତି। ଟୀକା ଭାଇ ଙ୍କ ପିତା ଦୂର ଜେନା, ମାତା ସରସ୍ୱତୀ ଜେନା, ସ୍ତ୍ରୀ ମଞ୍ଜୁଲତା ଜେନା, ପୁତ୍ର ତାପସ ଜେନା, ଅଲେଖ ଜେନା ଏବଂ ଝିଅ ଲିପି ଜେନା ଓ ମାମି ଜେନା ଙ୍କୁ ନେଇ ଟୀକା ଭାଇ ଙ୍କ ସଂସାର ରଥ ଆଗେଇ ଚାଲିଛି। ତାଙ୍କର ଭବିଷ୍ୟତ ଲକ୍ଷ୍ୟ ଜୀବନ ଥିବା ପର୍ଯ୍ୟନ୍ତ ସେ ସମାଜ ସେବା ଜାରି ରଖିବେ ଓ ପରିବେଶ ସୁରକ୍ଷା ପାଇଁ ବୃକ୍ଷ ରୋପଣ କରିବେ। ଅନେକ ଦୁଃଖ କଷ୍ଟ ଯନ୍ତଣା ରେ ସେ ବାଟ ଚାଲୁ ଛନ୍ତି ଓ ସରଳ ତଥା ଆଧାତ୍ମିକ ଚିନ୍ତାଧାରା ମଧ୍ୟରେ ରହି ଲୋକ ମାନଙ୍କ ସେବା କରୁଛନ୍ତି।

## ଖାଦ୍ୟ ସୁରକ୍ଷାରୁ ବଂଚିତ ବିଧବା ମା' 'ସୁକୁମତି'



ଉଦଳା , ୧୧/୩ (ନି.ପ୍ର): କପ୍ତିପଦା ବ୍ଲକର ମଝିଗଡ଼ିଆ ପଂଚାୟତ ଅନ୍ତର୍ଗତ ମହୁଲପଙ୍ଗା ଗ୍ରାମର ଦୃଶ୍ୟ । ଏହି ଗ୍ରମର ବାସିନ୍ଦା ଘାସିରାମ ମହାକୁଡ଼ଙ୍କର ଦେହାନ୍ତ ହୋଇଯିବା ଫଳରେ ତାଙ୍କର ସହଧର୍ମିଣୀ ସୁକୁମତି ମହାକୁଡ଼ କିଛି ବର୍ଷ ହେବ ବିଧବା ଜୀବନ ବିତାଇବା ସହ ଦିନ ମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ଉକ୍ତ ବିଧବା ମା' ସରକାର ଖାଦ୍ୟ ଯୋଜନାରେ ମୁଣ୍ଡପିଛା ଯେଉଁ ୫ କିଗ୍ରା ଚାଉଳ ଯୋଗାଇ ଦେଉଛନ୍ତି ତାହା ପାଇବାରୁ ବଂଚିତ ଥିବାର କଥା ଗଣମାଧମକୁ ଜଣାଇଛନ୍ତି । ଏ ବାବଦରେ ପଂଚାୟତରେ କାର୍ଯ୍ୟରତ ସରକାରୀ ବାବୁ ମାନଙ୍କ ନିକଟରେ ଗୁହାରି କରି କୌଣସି ସୁଫଳ ମିଳିନଥିବାର ସୁକୁମତି ଅଭିଯୋଗ କରିଛନ୍ତି ।

## ନୀଳଗିରି ବଉଳଗଡିଆ ମୁଖ୍ୟରାସ୍ତାର ଦୁଇଟି ସ୍ଥାନରେ ରାସ୍ତାରୋକ: ଯାତ୍ରୀ ହନ୍ତସନ୍ତ



ନୀଳଗିରି, ୧୧/୩ (ନି.ପ୍ର): ରାସ୍ତାନିର୍ମାଣକୁ ନେଇ ନୀଳଗିରି ବଉଳଗଡିଆ ରାସ୍ତାର ବାଉଁଶବଣିଆ ଓ ବାରାକୋଇଲି ଛକରେ ପୃଥକ ପୃଥକ ଭାବେ ରାସ୍ତାରୋକ୍ କରାଯିବା ଫଳରେ ଉକ୍ତରାସ୍ତାରେ ଯାତାୟାତ କରୁଥିବା ଶହଶହ ଯାନବାହନ, ସାଧାରଣଯାତ୍ରୀ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ଏନେଇ ସ୍ଥାନୀୟ ପ୍ରଶାସନ ପାଖରେ ବାରମ୍ବାର ଅଭିଯୋଗ, ଧାରଣା, ପ୍ରତିବାଦ କରାଯାଇଥିଲେ ମଧ ରାଜ୍ୟସରକାର କିମ୍ବା ପ୍ରଶାସନ କର୍ଣ୍ଣଗୋଚର ନକରିବା ଫଳରେ ମଙ୍ଗଳବାର ପୂର୍ବାହ୍ନ ୬ଘଟିକାରୁ ନୀଳଗିରି ଆଞ୍ଚଳିକ କୃଷକସଭା ଆବହାନରେ ମୁଖ୍ୟରାସ୍ତା ଅବରୋଧ କରାଯାଇଛି। ମୁଖ୍ୟତଃ ଉକ୍ତ ରାସ୍ତାଦେଇ ଦୈନନ୍ଦିନ ଶହଶହ ଭାରିଯାନ ଯିବାଆସିବା କରିବା ଫଳରେ ସ୍କୁଲ, କଲେଜ ଯିବାଆସିବା କରୁଥିବା ଛାତ୍ରଛାତ୍ରୀ, ସାଧାରଣଜନତାଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଏପରିକି ଅଧିକାଂଶ ସମୟରେ ଦୁର୍ଘଟଣାର ଶିକାର ହୋଇ ଅନେକଙ୍କ ଜୀବନ ଯାଇଛି। ଇକୋସେନସ୍ୱେଟିଭ ଜୋନ ଅଞ୍ଚଳରେ ଏହି ରାସ୍ତାଯାଇଥିବାରୁ ରାଜ୍ୟ ସରକାରଙ୍କ ପ୍ରଦତ୍ତ କୋଟିକୋଟି ଟଙ୍କା ଖର୍ଚ୍ଚ ହୋଇନପାରି ପଡିରହିଛି। ଫଳରେ ରାସ୍ତାର ନବୀକରଣ କିମ୍ବା ସମ୍ପ୍ରସାରଣ ହୋଇପାରୁନାହିଁ। ଜଙ୍ଗଲବିଭାଗ ମୁଖ୍ୟ ପ୍ରତିବନ୍ଧକ ସାଜିଥିବା କାରଣରୁ ରାସ୍ତା ପାର୍ଶ୍ୱରେ ଥିବା ବଡବଡ ଗଛ କଟା ଯାଇପାରିନାହିଁ। ଫଳରେ ରାସ୍ତାନିର୍ମାଣରେ ଏଭଳି ସମସ୍ୟା ଦେଖାଯାଇଥିବା କାରଣରୁ ଆଜିର ରାସ୍ତାରୋକ କରାଯାଇଥିବା ନେଇ ବାଉଁଶବଣିଆ ସରପଞ୍ଚ ନିରଞ୍ଜନ ବାରିକ ସୂଚନା ଦେଇଛନ୍ତି। ରାଜ୍ୟରେ ବିଜେପିର ନୂଆସରକାର ଆସିବାପରେ ସ୍ଥାନୀୟ ପ୍ରଶାସନ ନିକଟରେ ୬ଥର ଅଭିଯୋଗ କରାଯାଇଥିଲେ ମଧ କାର୍ଯ୍ୟାନୁଷ୍ଠାନ ନହେବା ସରକାରଙ୍କ ଉପରେ ଭରସା ତୁଟିଛି। ଏଣୁ ଏଭଳି ପଦକ୍ଷେପ ନିଆଯାଇଥିବା ଧାରଣାକାରୀ ମଧ ଅଭିଯୋଗ କରିଛନ୍ତି। ପରେ ନୀଳଗିରି ଉପଜିଲ୍ଲାପାଳ ଧାରଣା ସ୍ଥଳରେ ପହଞ୍ଚି ଆଗାମୀ ୭ଦିନ ମଧ୍ୟରେ ନୀଳଗିରିରୁ ମିରିଗିଣୀ ରାସ୍ତାକାର୍ଯ୍ୟ ହେବା ସହ ବନବିଭାଗ ଦ୍ୱାରା ଗଛକାଟିବା ପାଇଁ ଅନୁମତି ମିଳିଲେ ଖୁବଶୀଘ୍ର ରାସ୍ତାକାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାର ପ୍ରତିଶ୍ରୁତି ଦେବାପରେ ରାସ୍ତାରୋକ ପ୍ରତ୍ୟାହାର ହୋଇଥିଲା। ତେବେ ତୁରନ୍ତ ସମସ୍ୟାର ସମାଧାନ ନହେଲେ ଆଗାମୀ ଦିନରେ ଧାରଣା ବଳବତ୍ତର ରଖାଯିବା ସହିତ ବ୍ୟାପକ ଜନଆନ୍ଦୋଳନ କରାଯିବ ବୋଲି ମଞ୍ଚ ପକ୍ଷରୁ ସୂଚନା ମିଳିଛି।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704
❒ Editor: Sairindhree Sahoo
❒ Managing & Executive Editor : Srustidhar Parida